
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୦୧ ମଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 01 MAY 2021
Vol.No. 32 ■ No. 111 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ବହୁ ଅପେକ୍ଷାର ଅବସାନ ଘଟାଇ ପ୍ରକାଶ ପାଇଛି ବିଷୁବ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## କେନ୍ଦ୍ର ସରକାରଙ୍କ ଟିକା ପରିଚାଳନା ଉପରେ ପ୍ରଶ୍ନ ଉଠାଇଲେ ସୁପ୍ରିମକୋର୍ଟ

# ଟିକାର ଭିନ୍ନ ଭିନ୍ନ ଦାମ ନେଇ ମାଗିଲେ ଜବାବ



ନୂଆଦିଲ୍ଲୀ,୩୦/୦୪ (ନି.ପ୍ର): ମେ' ପହିଲାରୁ ତୃତୀୟ ପର୍ଯ୍ୟାୟ ଟିକାକରଣ ଆରମ୍ଭ ହେବାକୁ ଯାଉଥିବା ବେଳେ ଟିକାର ଘୋର ଅଭାବ ସୃଷ୍ଟି ହୋଇଛି । ଗୋଟିଏ ପଟେ ସଂକ୍ରମଣ ହୁ ହୁ ହୋଇ ବଢ଼ି ଚାଲିଛି, ଅନ୍ୟପଟେ ଟିକାର ଅଭାବ, ଫଳରେ ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଛି ପ୍ରବଳ ଭିଡ଼ । ଶନିବାର ଓ ରବିବାର ରାଜ୍ୟରେ ଟିକାକରଣ ବନ୍ଦ ରହିବ, ତେଣୁ ଟିକା ନେବା ପାଇଁ ଲୋକଙ୍କ ଲମ୍ବା ଲାଇନ ଲାଗୁଛି । ଏପଟେ ମେ' ୧ରୁ ଟିକାକରଣ ପ୍ରକ୍ରିୟା ବଦଳିବାକୁ ଯାଉଛି, ଫଳରେ ଏକ ଦ୍ୱନ୍ଦ୍ୱାତ୍ମକ ସ୍ଥିତି ସୃଷ୍ଟି ହୋଇଛି । ସୁପ୍ରିମକୋର୍ଟ କରୋନା ସଂକଟର ଶୁଣାଣି କରି କେନ୍ଦ୍ର ସରକାରଙ୍କୁ କୋଭିଡ ପରିଚାଳନା ନେଇ ପ୍ରଶ୍ନ କରିଛନ୍ତି । ଟିକାର ଦାମ ଓ ଟିକାକରଣ ପ୍ରକ୍ରିୟାକୁ ନେଇ କେନ୍ଦ୍ରକୁ ଜବାବ ମାଗିଛନ୍ତି ଖଣ୍ଡପୀଠ । ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି – ଟିକାର ଦାମ କେନ୍ଦ୍ର, ରାଜ୍ୟ ଓ ଘରୋଇ ହସ୍ପିଟାଲ ପାଇଁ ଅଲଗା ଅଲଗା କାହିଁକି ? କୋଭିସିଲ୍ଡର ଦାମ ଭାରତ ଓ ଆମେରିକାରେ ଅଲଗା କାହିଁକି ? କାହିଁକି ଶହେ ପ୍ରତିଶତ ଟିକା କିଣୁନାହାନ୍ତି ସରକାର ? ଟିକାକରଣର ସଂପୂର୍ଣ୍ଣ ଅଭିଯାନ କାହିଁକି ▶▶ପୃଷ୍ଠା ୭

## ନକଲି ରେମଡ଼ିସିଭିର କାରଖାନା ଉପରେ ଦିଲ୍ଲୀ କ୍ରାଇମବ୍ରାଂଚର ଚଢାଉ

ନୂଆଦିଲ୍ଲୀ,୩୦/୦୪ (ନି.ପ୍ର): କରୋନା ମହାମାରୀ ସମୟରେ ବି ଜୀବନ ସହ ଚାଲିଛି ସାଂଘାତିକ ଖେଳ । କରୋନା ସଂକ୍ରମଣରେ ପ୍ରତିଦିନ ସାରାଦେଶରେ ହଜାର ହଜାର ଲୋକଙ୍କ ମୃତ୍ୟୁ ହେଉଥିବା ବେଳେ, ଜୀବନରକ୍ଷାକାରୀ ଔଷଧ କରାଯାଉଛି ଜାଲି । ଅଧିକ ଲାଭର ଲୋଭରେ ସକ୍ରିୟ ହୋଇପଡିଛନ୍ତି ମେଡିସିନ ମାଫିଆ । ଏଭଳି ଏକ ସାଂଘାତିକ ଷଡଯନ୍ତ୍ରର ପର୍ଦ୍ଦାଫାସ କରିଛି ଦିଲ୍ଲୀ ପୋଲିସର କ୍ରାଇମବ୍ରାଂଚ୍ । ଉତରାଖଣ୍ଡର କୋଟଦ୍ୱାରରେ ଏକ ଔଷଧ ଫ୍ୟାକ୍ଟ୍ରିରେ ନକଲି ରେମଡିସିଭିର ଔଷଧ ତିଆରି କରାଯାଉଥିବା ବେଳେ ଏହା ଉପରେ ଚଢାଉ କରିଛି ଦିଲ୍ଲୀ କ୍ରାଇମବ୍ରାଂଚ ପୋଲିସ । ୭ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ୧୯୬ଟି ରେମଡିସିଭିର ଇଂଜେକ୍ସନ ଜବତ ହୋଇଛି । ସେହିପରି ଇଂଜେକ୍ସନ ଭର୍ତି କରିବାକୁ ୩ ହଜାର ଖାଲି ଭାଇଲ ବା ଶିଶି ମଧ ଜବତ ହୋଇଛି । ଦିଲ୍ଲୀ ପୋଲିସ କମିଶନରଙ୍କ ନେତୃତ୍ୱରେ ଗଠିତ ସ୍ପେଶାଲ ସ୍କ୍ୱାର୍ଡ ଏହି ଚଢାଉ କରିଥିଲା । ପୋଲିସର କହିବା ହେଲା ଗୋଟିଏ ରେମଡିସିଭିର ଇଂଜେକ୍ସନକୁ ଏମାନେ ୨୫ ହଜାର ଟଙ୍କାରେ ବିକ୍ରି କରୁଥିଲେ । ନକଲି ଇଂଜେକ୍ସନ ବିକ୍ରି ସରିଥିବାରୁ ଏହା କେଉଁମାନଙ୍କୁ ବିକ୍ରି ହୋଇଛି ଓ ଏଥିରେ ଆଉକେଉଁମାନେ ସଂପୃକ୍ତ ସେନେଇ ପୋଲିସ ଖୋଳତାଡ ଚଳାଇଛି ।

## ୨ ମାସ ପାଇଁ ଅତିରିକ୍ତ ପାଂଚ କିଲୋ ଚାଉଳ ପାଇବେ ଖାଦ୍ୟ ସୁରକ୍ଷା ହିତାଧିକାରୀ

ଭୁବନେଶ୍ୱର,୩୦/୦୪ (ନି.ପ୍ର): କୋଭିଡ଼ ର ଦ୍ୱିତୀୟ ଲହର ଜନିତ ପରିସ୍ଥିତି କୁ ଦୃଷ୍ଟିରେ ରଖି ରାଜ୍ୟ ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କ ପାଇଁ ମଇ ମାସରୁ ଅତିରିକ୍ତ ପାଂଚ କେଜି ଚାଉଳ ମାଗଣାରେ ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି । ମଇ ଓ ଜୁନ ଦୁଇ ମାସ ପାଇଁ ହିତାଧିକାରୀ ମାନେ ମାଗଣାରେ ଅତିରିକ୍ତ ପାଂଚ କେଜି ଲେଖାଏଁ ଚାଉଳ ପାଇବେ । ଏହା ଦ୍ୱାରା ବାର ଲକ୍ଷ ହିତାଧିକାରୀ ଉପକାର ପାଇବେ ଏବଂ ରାଜ୍ୟ ସରକାର ଏ ବାବଦ ସମ୍ପୂର୍ଣ୍ଣ ଖର୍ଚ୍ଚ ବହନ କରିବେ ।

## ଇନ୍ଦ୍ରଧନୁ ମାର୍କେଟ୍ ସିଲ୍

ଭୁବନେଶ୍ୱର,୩୦/୦୪ (ନି.ପ୍ର): ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ଇନ୍ଦ୍ରଧନୁ ମାର୍କେଟ୍ କୁ ସିଲ୍ କରିଛି ବିଏମସି । କୋଭିଡ୍ ନିୟମ ଉଲ୍ଲଙ୍ଘନ ହେଉଥିବାରୁ ଇନ୍ଦ୍ରଧନୁ ମାର୍କେଟ ଶୁକ୍ରବାରଠୁ ୨୪ ଘଂଟା ପାଇଁ ସିଲ୍ ହୋଇଛି । ଏହା ପରେ ଶନିବାର ଓ ରବିବାର ସପ୍ତାହାନ୍ତ ସଟଡାଉନ ରହିଛି । ତେଣୁ ଲଗାତର ୩ ଦିନ ଧରି ବନ୍ଦ ରହିବ ଇନ୍ଦ୍ରଧନୁ ମାର୍କେଟ । ଏହା ପୂର୍ବରୁ କୋଭିଡ୍ କଟକଣା ନିୟମ ଉଲ୍ଲଂଘନ ହେବାରୁ ଗତକାଲି ଭୁବନେଶ୍ୱର ଡମଣା ହାଟକୁ ସିଲ୍ କରିଥିଲା ବିଏମସି । ସେହିପରି ମାର୍କେଟ୍ ବିଲ୍ଡିଂ, ଭିଏସଏସ୍ ନଗର ମାର୍କେଟ୍ ସମେତ ଭୁବନେଶ୍ୱରର ବହୁ ମାର୍କେଟ୍, ସପିଂ ମଲ୍ କୁ ସିଲ୍ କରିଛି ବିଏମସି ।

## ଆଜିଠୁ ବନ୍ଦ ରହିବ ନନ୍ଦନକାନନ

ଭୁବନେଶ୍ୱର,୩୦/୦୪ (ନି.ପ୍ର): ମେ' ୧ରୁ ଅର୍ଥାତ୍ ଆସନ୍ତା କାଲିଠୁ ବନ୍ଦ ରହିବ ନନ୍ଦନକାନନ । ସେହିପରି ବଟାନିକାଲ ଗାର୍ଡେନ୍ ମଧ୍ୟ ଆସନ୍ତାକାଲିଠାରୁ ବନ୍ଦ ରହିବ । କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ମେ' ୧ରୁ ୧୫ ତାରିଖ ଯାଏଁ ଉଭୟ ନନ୍ଦନକାନନ ଓ ବଟାନିକାଲ ଗାର୍ଡେନ୍ ବନ୍ଦ ରଖିବାକୁ କର୍ତ୍ତୃପକ୍ଷ ନିଷ୍ପତି ନେଇଛନ୍ତି ।

## ଓଡିଶାରେ ପହଞ୍ଚିଲା ଦେଢ ଲକ୍ଷ କୋଭାକ୍ସିନ୍ ଟିକା

ଭୁବନେଶ୍ୱର,୩୦/୦୪ (ନି.ପ୍ର): ଓଡିଶାରେ ପହଞ୍ଚିଲା ଦେଢ ଲକ୍ଷ କୋଭାକ୍ସିନ୍ ଟିକା । ୧୮ରୁ ୪୪ ବର୍ଷ ବୟସ୍କଙ୍କ ପାଇଁ ଆସିଲା ଟିକା । ୩ ତାରିଖରୁ ଭୁବନେଶ୍ୱରରେ ଦିଆଯିବ ଏହି ଟିକା । ଟିକାକରଣ ପାଇଁ ପ୍ରସ୍ତୁତ ରହିଛନ୍ତି ରାଜ୍ୟ ସରକାର । ମେ ୩ ତାରଖରୁ ରାଜ୍ୟରେ ପୁଣି ଟିକାକରଣ ଆରମ୍ଭ ହେବ । ମେ ୧ରୁ ସାରା ଦେଶରେ ୧୮ରୁ ୪୪ ବର୍ଷର ଲୋକଙ୍କୁ ଟିକା ଦିଆଯିବ ବୋଲି ଘୋଷଣା ହୋଇଥିଲା । ଏହି ଆଧାରରେ ରାଜ୍ୟ ସରକାର ପ୍ରସ୍ତୁତ ହୋଇଛନ୍ତି । ହେଲେ ଏହି ଟିକାକରଣ ୧ ବଦଳରେ ୩ରେ ହେବ ।

## ଅପରାହ୍ନ ୨ଟା ପରେ ରାଜ୍ୟରେ ବନ୍ଦ ହେବ ଦୋକାନ ବଜାର !

### ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଲା ରାଜ୍ୟ ବ୍ୟବସାୟୀ ମହାସଂଘ



ଭୁବନେଶ୍ୱର, ୩୦/୦୪ (ନି.ପ୍ର): ଆସନ୍ତା ସୋମବାରଠାରୁ ରାଜ୍ୟରେ ଦିନ ୨ରୁ ବନ୍ଦ ରହିବ ଦୋକାନ ବଜାର । ଏନେଇ ଆଜି ରାଜ୍ୟ ବ୍ୟବସାୟୀ ମହାସଂଘ ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି । ମିଳିଥିବା ସୂଚନା ମୁତାବକ, ରାଜ୍ୟରେ କରୋନାର ସଂକ୍ରମଣ ବଢୁଥିବା ଦେଖି ବ୍ୟବସାୟୀ ମହାସଂଘ ଦିନ ୨ଟା ପରେ ଦୋକାନ ବଜାର ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛି । ଯାହାକି ଆସନ୍ତା ୧୫ ତାରିଖ ଯାଏଁ କାର୍ଯ୍ୟକାରୀ ହେବ । ତେବେ ଏନେଇ ରାଜ୍ୟ ସରକାରଙ୍କ ପ୍ରସ୍ତାବ ଦିଆଯାଇଛି, ଆସନ୍ତାକାଲି ଏନେଇ ବିଧିବଦ୍ଧ ଭାବେ ଘୋଷଣା କରାଯିବ ବୋଲି ବ୍ୟବସାୟୀ ମହାସଂଘ ପକ୍ଷରୁ କୁହାଯାଇଛି ।

## କରୋନା ନେଲା ଆଉ ଏକ ସାମ୍ବାଦିକଙ୍କ ଜୀବନ

# ବରିଷ୍ଠ ସାମ୍ବାଦିକ ତଥା ଟିଭି ଉପସ୍ଥାପକ ରୋହିତ ସରଦାନାଙ୍କ ପରଲୋକ



ଭୁବନେଶ୍ୱର,୩୦/୦୪ (ନି.ପ୍ର): କରୋନା ନେଲା ଆଉ ଏକ ସାମ୍ବାଦିକଙ୍କ ଜୀବନ, ଟିଭି ପରଦାରେ ଲୋକଙ୍କୁ ସଚେତନ କରାଉଥିବା ବରିଷ୍ଠ ସାମ୍ବାଦିକ ରୋହିତ ସରଦାନାଙ୍କ ବିୟୋଗ ଘଟିଛି । ଗତ କିଛିଦିନ ହେବ କରୋନାରେ ସଂକ୍ରମିତ ଥାଇ ଚିକିତ୍ସିତ ହେଉଥିଲେ ରୋହିତ । କିନ୍ତୁ ହଠାତ୍ କରୋନା ନିଷ୍ଠୁର ସାଜି ଜଣେ ଜାତୀୟସ୍ତରରେ ପରିଚିତ ଚେହେରାକୁ ନେଇଯାଇଛି । ରୋହିତ ସରଦାନା 'ଆଜ୍ ତକ୍' ନ୍ୟୁଜ୍ ଚ୍ୟାନେଲରେ ଉଚ୍ଚକୋଟୀର ଉପସ୍ଥାପକ ଥିଲେ । କିନ୍ତୁ ତାଙ୍କ ବିତର୍କ ଏବଂ ଉପସ୍ଥାପନା ଶୈଳୀକୁ ଆଉ ଦେଖିପାରିବେନି ଦର୍ଶକ । ରୋହିତଙ୍କ ନିଧନ ନେଇ ବରିଷ୍ଠ ସାମ୍ବାଦିକ ସୁଧୀର ଚୌଧୁରୀ ଲେଖିଛନ୍ତି କି, ବିଶ୍ୱାସ କରି ହେଉନଥିବା ଭଳି ଖବର ହେଲେ ବି କରୋନା ଧିରେ ଧିରେ ରୂପ ବଦଳାଇ ପାଖରୁ ପ୍ରିୟଜନଙ୍କୁ ନେଇଯାଉଛି । ଭଗବାନ ଏତେ ନିଷ୍ଠୁର କେମିତି ହେଉଛନ୍ତି ।

## ୨୪ ଘଂଟାରେ ୧୦ ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା



ଭୁବନେଶ୍ୱର,୩୦/୦୪ (ନି.ପ୍ର): ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ଦକ୍ଷିଣ, ଉତର ଓ ଆଭ୍ୟନ୍ତରୀଣ ଜିଲ୍ଲାରେ କାଳବୈଶାଖୀ ଜନିତ ବର୍ଷା ଓ ଘୂର୍ଣ୍ଣିଝଡ଼ର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଶୁକ୍ରବାର ଅପରାହ୍ନ ୧ଟା ୩୦ରୁ ଆସନ୍ତାକାଲି (ଶନିବାର) ସକାଳ ୮ଟା୩୦ ମଧ୍ୟରେ ରାଜ୍ୟର କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ମାଲକାନଗିରି, କୋରାପୁଟ, ରାୟଗଡା, ଗଜପତି, ଗଞ୍ଜାମ ଓ କନ୍ଧମାଳ ପ୍ରଭୃତି ୧୦ଟି ଜିଲ୍ଲାର ଅନେକ ସ୍ଥାନରେ ବଜ୍ରପାତ , ସହ କାଳବୈଶାଖୀ ହେବାର ସମ୍ଭାବନା ରହିଛି । ଏହି ସମୟ ମଧ୍ୟରେ ଏହି ସବୁ ଜିଲ୍ଲାରେ ୩୦ରୁ ୪୦ ମିଲୋମିଟର ବେଗରେ ପବନ ବହିବାର ମଧ ସମ୍ଭାବନା ରହିଛି । ସେହିପରି ମୟୁରଭଂଜ, ମାଲକାନଗିରି, ▶▶ପୃଷ୍ଠା ୭

## ମେ ୩୧ ଯାଏଁ ଅନ୍ତର୍ଜାତୀୟ ବିମାନ ଉଡାଣ ଉପରେ ରୋକ

ନୂଆଦିଲ୍ଲୀ,୩୦/୦୪ (ନି.ପ୍ର): ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) କରୋନା ଭୂତାଣୁ ମହାମାରୀ ହେତୁ ୩୧ ମେ ୨୦୨୧ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ବିମାନ ଉଡ଼ାଣ ଉପରେ ରୋକ ଲଗାଇଛି । ଡିଜିସିଏ ଦ୍ୱାରା ଏହି ଘୋଷଣା ପରେ ଆସନ୍ତା ମାସ ଶେଷ ପର୍ଯ୍ୟନ୍ତ ସମସ୍ତ ଅନ୍ତର୍ଜାତୀୟ ବିମାନ ଚଳାଚଳ ବନ୍ଦ ରହିବ । ସୂଚନା ଥାଉ କି କରୋନା ମହାମାରୀ ହେତୁ ଗତ ବର୍ଷ ମାର୍ଚ୍ଚରେ ଅନ୍ତର୍ଜାତୀୟ ଯାତ୍ରା ଉପରେ ପ୍ରତିବନ୍ଧକ ଲଗାଯାଇଥିଲା । ଡିଜିସିଏ ଦ୍ୱାରା ଜାରି ▶▶ପୃଷ୍ଠା ୭

## ଗୋଟିଏ ଦିନରେ ୮୬୮୧ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୩୦/୦୪ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୮୬୮୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୪୪୪୧୯୪ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୩୮୦୪୦୦ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୬୧୬୯୮ ରହିଛି । ଆଜି ଚିହ୍ନଟ ହୋଇଥିବା ୮୬୮୧ ଜଣଙ୍କ ମଧ୍ୟରୁ ୪୯୪୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୭୩୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୧୪୦୮ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୪୧୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୧୫୫ ଜଣ, ବରଗଡ଼ରୁ ୪୨୩ ଜଣ, ଭଦ୍ରକରୁ ୧୦୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୪୫୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ▶▶ପୃଷ୍ଠା ୭





'ମଇ ଦିବସ' ଅବସରରେ ମୁଁ ରାଜ୍ୟର ସମସ୍ତ ଶ୍ରମିକ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ନିଜ ନିଜ ପରିସରରେ ପ୍ରତ୍ୟେକ ନିଷ୍ଠାପର ଭାବେ କର୍ମ କରି ନିଜ ନିଜ ପାଇଁ ତଥା ରାଜ୍ୟ ପାଇଁ ଗର୍ବ ଓ ଗୌରବର କାରଣ ହେବା ନିମନ୍ତେ ମୁଁ ଆହ୍ୱାନ ଜଣାଉଛି ।

'କରୋନା' ମହାମାରୀ ବିରୋଧରେ ଓଡ଼ିଶାର ଲଢ଼େଇରେ ସାମିଲ ହୋଇ ଧୈର୍ଯ୍ୟ ଓ ସାହସର ସହ ମୁକାବିଲା କରିବା ସହିତ ରାଜ୍ୟର ପ୍ରଗତିରେ କ୍ରିୟାଶୀଳ ଭୂମିକା ନିର୍ବାହ ନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରୁଛି ।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

OIPR : 15001/13/0006/2122






ମଇ ଦିବସ ଅବସରରେ ଓଡ଼ିଶାର ଶ୍ରମିକ ଭାଇଭଉଣୀମାନଙ୍କୁ ମୋର ଶୁଭକାମନା ଜଣାଉଛି ଏବଂ ଶ୍ରମିକ ସମାଜର କଲ୍ୟାଣ ଓ ସର୍ବାଙ୍ଗୀନ ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାର ପୁନଃଘୋଷଣା କରୁଛି ।

କରୋନା ସଂକ୍ରମଣକୁ ରୋକିବା ପାଇଁ ସରକାରଙ୍କ ନିୟମକୁ ଠିକ୍ ଭାବରେ ପାଳନ କରନ୍ତୁ । ସବୁବେଳେ ମାସ୍କ ପିନ୍ଧନ୍ତୁ ଓ ସାମାଜିକ ଦୂରତ୍ୱ ନିୟମକୁ ନିଷ୍ଚୟ ପାଳନ କରନ୍ତୁ ।

(ନବୀନ ପଟ୍ଟନାୟକ)
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR : 15001/13/0006/2122






ମଇ ପହିଲା 'ଶ୍ରମିକ ଦିବସ' ଅବସରରେ ରାଜ୍ୟର ସମସ୍ତ ଶ୍ରମିକ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ସମ୍ପ୍ରତି କରୋନା ମହାମାରୀ ସ୍ଥିତିରେ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ମାର୍ଗଦର୍ଶିକା ସଠିକ ଭାବେ ଅନୁପାଳନ ପୂର୍ବକ ସେମାନେ ନିଜ ନିଜ କ୍ଷେତ୍ରରେ ନିଷ୍ଠାପର ଭାବେ କାର୍ଯ୍ୟ କରି ସମୃଦ୍ଧ ଓଡ଼ିଶା ଗଠନରେ ଅଂଶୀଦାର ହେବେ ବୋଲି ଆଶା କରୁଛି ।

(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

OIPR : 15001/13/0006/2122

# ଚୌମୁଖ-ଡଗରା ବେଳାଭୂମି ପାଲଟିଛି ଅଲିଭରିଡ୍‌ଲେ କଇଁଛଙ୍କ ପ୍ରଜନନ ସ୍ଥାନ

## ୧୧୨ଟି ଶାବକକୁ ସମୁଦ୍ରରେ ଛାଡିଲା ବନବିଭାଗ



ବାଲିଆପାଳ, ୩୦/୪ (ନି.ପ୍ର): ବାଲିଆପାଳ ବ୍ଲକ ଚୌମୁଖ-ଡଗରା ବେଳାଭୂମି ଏବେ ବିରଳ ପ୍ରଜାତି ଅଲିଭରିଡ୍‌ଲେ କଇଁଛଙ୍କ ପ୍ରଜନନ ସ୍ଥାନ ପାଲଟିଛି । ଏଠାକାର ଜଳବାୟୁ ଓ ପରିବେଶ ଏହି ପ୍ରଜାତି କଇଁଛଙ୍କ ପ୍ରଜନନ ପାଇଁ ଉତମସ୍ଥାନ ହୋଇଥିବାରୁ ଗତ କିଛିବର୍ଷ ହେଲା ବଙ୍ଗୋପସାଗର ଉପକୂଳ ଚୌମୁଖ ଠାରୁ ଡଗରା ସମୁଦ୍ର ଉପକୂଳରେ ଏହି ପ୍ରଜାତିର କଇଁଛ ମାନେ ବର୍ଷର ଏହି ସମୟରେ ଅଣ୍ଡାଦେବା ପାଇଁ ଆସିଥାନ୍ତି । ଚଳିତ ବର୍ଷ ବନବିଭାଗ ପକ୍ଷରୁ ଚୌମୁଖଠାରେ କଇଁଛ ଅଣ୍ଡା ଉଦ୍ଧାର କରି ପ୍ରଜନନ ପାଇଁ ସଂରକ୍ଷଣକରି ରଖାଯାଇଥିବା ଅଣ୍ଡାରୁ ଗତ ୨୬ତାରିଖରେ ୯୫ଟି ବିରଳ ପ୍ରଜାତିର କଇଁଛ ଶାବକ ବାହାରିଥିବା ବେଳେ ଆଜି ୧୧୨ଟି କଇଁଛ ଶାବକକୁ ବନବିଭାଗ ସୁରକ୍ଷିତଭାବେ ଉଦ୍ଧାରକରି ସମୁଦ୍ରରେ ଛାଡିଛି । ସୂଚନା ଯୋଗ୍ୟ ତାପମାତ୍ରା ଓ ଜଳବାୟୁର ପରିବର୍ତନ ଦୁଷିତ ପରିବେଶ ପାଇଁ ଏହି ବିରଳ ପ୍ରଜାତିରେ କଇଁଛ ଏବେ ବିଲୟ ହେବାକୁ ବସିଛି । ଏଥିପାଇଁ ସରକାର ବାର୍ଷିକ କୋଟି କୋଟି ଟଙ୍କା ଖର୍ଚ୍ଚକରି ଏମାନଙ୍କର ବଂଶବୃଦ୍ଧିପାଇଁ ଉଦ୍ୟମ ଜାରି ରଖିଛନ୍ତି । ବାଲେଶ୍ୱର ବନଖଣ୍ଡ ଅଧିନସ୍ଥ ଲଙ୍ଗଳେଶ୍ୱର ରେଞ୍ଜ ଅଫିସ ଅଧିନରେ ଥିବା ଚୌମୁଖବେଳାଭୂମିରେ ଗତ ଫେବୃୟାରୀ ମାସରେ ଅଣ୍ଡାଦେବାକୁ ଆସିଥିବା ଏହି କଇଁଛକୁ ବନବିଭାଗ ଠାବକରିଥିଲା ଉକ୍ତ ଅଞ୍ଚଳକୁ ଘେରି ବେଆଇନ ପ୍ରବେଶ ଉପରେ କଟକଣା ଲଗାଯାଇଥିଲା । ଦୀର୍ଘ ୫୨ ଦିନ ପରେ ଗତ ୨୬ ତାରିଖରେ ୯୫ ଟି ଏବଂ ଆଜି ୧୧୨ଟି ଅଲିଭବ୍ରିଡଲେ ପ୍ରଜାତିରେ ଜିବୀତ କଇଁଛ ଶାବକକୁ ଦେଖିବାକୁ ମିଳିଥିଲା ।ଚଳିତ ବର୍ଷ ବାଲେଶ୍ୱର ଜିଲ୍ଲାରେ ଏହା ପ୍ରଥମ ଏବଂ ଏକମାତ୍ର ପ୍ରଜନନସ୍ଥାନ । ବେଣୁଧର ରଣଜିତ, ହରିହର ଜେନା, ରଣିକାନ୍ତ ମଣ୍ଡଳ, ସୁଧାକର ଦାସ, ଜନ୍ମଜୟ ପାତ୍ର, ବେଣୁଧର ବାଗ,ଶ୍ରବଣ ମଣ୍ଡଳ ଏବଂ ବନବିଭାଗ କର୍ମଚାରୀଙ୍କ ଉପସ୍ଥିତିରେ ସମସ୍ତ ଅଲିଭବ୍ରିଡଲେ କଇଁଛକୁ ସମୁଦ୍ରଭିତରକୁ ଛଡାଯାଇଥିଲା । ତେବେ ବନ ବିଭାଗ ଆହୁରି ଦୁଇଟି ପର୍ଯ୍ୟାୟରେ ଶତାଧିକ ଅଣ୍ଡାକୁ ପ୍ରଜନନ ପାଇଁ ସୁରକ୍ଷିତସ୍ଥାନରେ ରଖିଥିବା ଜଣାଯାଇଛି । ତେବେ ଆଗକୁ ଅଧିକ କଇଁଛ ଅଣ୍ଡାଦେବାକୁ ଆସିବାକୁ ଥିବା ବେଳେ ଏହି ଅଞ୍ଚଳକୁ ନିଷିଧାଞ୍ଚଳଭାବେ ଘୋଷଣା କରିବାକୁ ସ୍ଥାନୀୟ ବୁଦ୍ଧିଜିବୀମାନେ ଦାବୀ କରିଛନ୍ତି ।

### ପାଣିକୋଇଲିରେ କରୋନା ପରୀକ୍ଷା, ୬୯ଜଣ ମଧରୁ ୨୩ଜଣ ପଜିଟିଭ

କୋରେଇ, ୩୦/୪ (ନି.ପ୍ର): ଗତ ବର୍ଷ କରୋନା ଆରମ୍ଭରୁ ସରକାର ପ୍ରତ୍ୟେକ ପଂଚାୟତରେ ଯେଭଳି ଏହାର ମୁକାବିଲା ପାଇଁ ଅସ୍ଥାୟୀ କେନ୍ଦ୍ର, କ୍ୱାରେଂଟାଇନ ବ୍ୟବସ୍ଥା କରିଥିଲେ ବର୍ତମାନ ତାହା କରାଯାଇ ନାହିଁ । ଯାହା ଦ୍ୱାରା ଆଗାମି ଦିନରେ କରୋନା ପ୍ରବାସୀଙ୍କ ଦ୍ୱାରା ବ୍ୟାପିବାର ଯଥେଷ୍ଟ ସମ୍ଭାବନା ରହିଛି । ବେଳୁଁହି ସାବଧାନ ହେବାର ଆବଶ୍ୟକତା ରହିଛି । ଆଜି ପାଣିକୋଇଲି ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଜି କରୋନା ଟେଷ୍ଟିଂ କରାଯାଉଥିଲା । ମୋଟ ୬୯ଜଣଙ୍କ ପରୀକ୍ଷା ପରେ ୨୩ ଜଣ ପଜେଟିଭ ବାହାରିଛି । ତା ମଧ୍ୟରୁ ପାଣିକୋଇଲି, ପଥରପଦା ମିଶି ୭ ରାଣିଗୋଡା ୪ ସମେତ କୋରାଇ ଅଂଚଳର ୧୨ଜଣ ବ୍ୟକ୍ତିଙ୍କ ପଜେଟିଭ ବାହାରିଥିଲା । ଏହା ପ୍ରଚାରିତ ହେବା ପରେ କରୋନା ଆସି ଦ୍ୱାର ଦେଶରେ ତାହା ଚିନ୍ତା କରିବାକୁ ପଡିବ । ଏଥି ପାଇଁ ସଚେତନତାର ଯଥେଷ୍ଟ ଆବଶ୍ୟକତା ରହିଛି । ପାଣିକୋଇଲିରେ କରୋନା ବ୍ୟାପିବାର ସମ୍ଭାବନ ବଢିଯାଇଛି ।

# ବରୁଣିଆ ପାହାଡ଼ ନିକଟରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ଧର୍ମଶାଳା, ୩୦/୪ (ନି.ପ୍ର): ଯାଜପୁର ଜିଲା ବଡଚଣା ଥାନା ଅଧିନସ୍ଥ ବରୁଣିଆ ପାହାଡ଼ ନିକଟରୁ ଆଜି ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଥିବା ଜଣାପଡିଛି । ଆଜି ସକାଳେ ଜଙ୍ଗଲରେ ଏକ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ । ପରେ ଏନେଇ ବଡଚଣା ଥାନାକୁ ଖବର ଦିଆଯାଇଥିଲା । ଘଟଣାସ୍ଥଳରେ ପୋଲିସ ପହଂଚି ମୃତଦେହକୁ ଜବତ କରିବା ସହ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିବା ଜଣାପଡିଛି । ତେବେ ମୃତକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ଏହି ଅଜଣା ବ୍ୟକ୍ତିର କେମତି ମୃତ୍ୟୁ ଘଟିଛି ଓ ସେ ଏଠାକୁ କେମିତି ଆସିଲେ ଏନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି । ପ୍ରାଥମିକ ତଦନ୍ତ ଚାଲୁ ରହିଛି, ତଦନ୍ତ ଶେଷ ପରେ ମୃତ ବ୍ୟକ୍ତିର ପରିଚୟ ମିଳିବା ସହ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି ।

# ଶେରଗଡ଼କୁ ଏନଏସି ମାନ୍ୟତା ପାଇଁ ସରକାରୀ ସ୍ତରରେ ପ୍ରସ୍ତୁତି ଆରମ୍ଭ

ଗଞ୍ଜାମ, ୩୦/୪ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ବାଚନ ମଣ୍ଡଳି ଅନ୍ତର୍ଗତ ଗଞ୍ଜାମ ଜିଲ୍ଲାର ଶେରଗଡ଼କୁ ଏନଏସି ଘୋଷଣା ନେଇ ବିଭିନ୍ନ ମହଲରେ ଦାବି ହୋଇ ଆସୁଥିଲା । ଶେଷରେ ଏହି ସ୍ୱପ୍ନ ସାକାର ହେବାକୁ ଯାଉଛି । ଶେରଗଡ଼କୁ ଏନଏସି ମାନ୍ୟତା ପ୍ରଦାନ ପାଇଁ ସରକାରୀ ସ୍ତରରେ ବର୍ତମାନ ପ୍ରସ୍ତୁତି ଆରମ୍ଭ ହୋଇଥିବା ଜଣାପଡିଛି । ଶେରଗଡ଼ ପଚାଂୟତ ଅଧିନରେ ୯ଟି ରାଜସ୍ୱ ଗ୍ରାମ ରହିଛି । କିନ୍ତୁ, ସୀମିତ ସମ୍ବଳ ମଧରେ ଉନ୍ନୟନ ସମ୍ଭବପର ହୋଇପାରୁନଥିବାରୁ ଏହାକୁ ଏନଏସି ଘୋଷଣା ପାଇଁ ଦାବି ହୋଇ ଆସୁଥିଲା । ଏହାକୁ ଆଧାର କରି ନଗର ଉନ୍ନୟନ ସଚିବ ଜିଲ୍ଲାପାଳଙ୍କୁ ( ପତ୍ରାଙ୍କ ନଂ ୫୮୩/ ୧୮.୦୩.୨୧) ତଥ୍ୟ ସମ୍ବଳିତ ଚିଠି ଜାରୀ କରିଥିଲେ । ଏହା ସହ ଅଧିକ ତଥ୍ୟ ପ୍ରଦାନ ପାଇଁ ସୂଚନା ଦେବାକୁ ସେଥିରେ ଉଲ୍ଲେଖ କରାଯାଇଥିଲା । ଏହା ପରେ ଗଞ୍ଜାମ ଜିଲ୍ଲାପାଳ ଏକ ଚିଠି କରି (ପତ୍ରାଙ୍କ ନଂ ୭୪୬/ ୨୪.୦୪.୨୧) ରେ ଶେରଗଡ଼ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଶେରଗଡ଼ ପଂଚାୟତକୁ ଏନଏସି ଘୋଷଣା ଲାଗି ଆନୁଷଙ୍ଗିକ ତଥ୍ୟ ଫର୍ମ ପୂରଣ କରି ବିଧିବଦ୍ଧ ଭାବେ ସୂଚନା ଦେବାକୁ ଏଥିରେ ଉଲ୍ଲେଖ କରାଯାଇଛି । ପ୍ରସ୍ତାବିତ ଫର୍ମରେ ଜନସଂଖ୍ୟା, କେତୋଟି ଗ୍ରାମକୁ ସାମିଲ୍ କରାଯିବ । କେଉଁ କେଉଁ କାର୍ଯ୍ୟାଳୟ ରହିଛି ଓ ଲୋକଙ୍କ ଆର୍ଥିକ ସ୍ଥିତି ସମେତ ଏଭଳି ଭାବେ ବିଷୟରେ ତଥ୍ୟ ଦେବାକୁ କୁହାଯାଇଛି । ଶେରଗଡ଼କୁ ଏନଏସି ଘୋଷଣା ନେଇ ପ୍ରଶାସନିକ ସ୍ତରରେ ଉଦ୍ୟମ ଆରମ୍ଭ ହୋଇଥିବାରୁ ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି ।

# ମନ୍ଦିର ମଠ ସୁରକ୍ଷା ସମିତି ପକ୍ଷରୁ ଶ୍ରୀ ଶ୍ରୀ ହରିବଳଦେବ ଜୀଉ ବିଜେ ମହାପ୍ରଭୂଙ୍କ ମନ୍ଦିରର ସୌନ୍ଦର୍ଯ୍ୟ କରଣ ନିମନ୍ତେ ଜିଲ୍ଲାପାଳଙ୍କୁ ଦିଆଗଲା ୩ଟି ପ୍ରସ୍ତାବ

ବାରିପଦା, ୩୦/୪ (ନି.ପ୍ର): ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଥିବା ଶ୍ରୀ ଶ୍ରୀ ହରିବଳଦେବ ଜୀଉ ବିଜେ ମହାପ୍ରଭୂଙ୍କ ମନ୍ଦିରର ସୌନ୍ଦର୍ଯ୍ୟ କରଣ ଓ ଉନ୍ନୟନ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପ୍ରଥମ ପର୍ଯ୍ୟାୟରେ ୫ କୋଟି ଟଙ୍କାର ଆର୍ଥିକ ଅନୁଦାନ ଯୋଗାଇ ଦେଇଛନ୍ତି ଏବଂ ଉକ୍ତ ଅନୁଦାନରେ ଟେଣ୍ଡର ହୋଇ କାର୍ଯ୍ୟ ଆରମ୍ଭ ହୋଇଛି । ଏହି ସମୟରେ ମନ୍ଦିର ସମ୍ମୁଖ ୱାର୍ଡ଼ ନମ୍ବର ୭ ଦେଉଳସାହିରେ ସାହିର ପିଲାମାନଙ୍କ ଖେଳକୁଦ ଓ ମନୋରଞ୍ଜନ ନିମନ୍ତେ ରହିଥିବା ଏକ ଛୋଟ ପାର୍କକୁ ଭାଙ୍ଗି ପୌର ପ୍ରଶାସନ ପକ୍ଷରୁ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯିବା ନିମନ୍ତେ ଲେଆଉଟ ଦିଆଯାଇ କାର୍ଯ୍ୟ ଆରମ୍ଭ ହୋଇଛି । ଉକ୍ତ କାର୍ଯ୍ୟକୁ ନବ ଗଠିତ ମନ୍ଦିର ମଠ ସୁରକ୍ଷା ସମିତି ପକ୍ଷରୁ ଗତ ଏପ୍ରିଲ ୨୫ ସନ୍ଧ୍ୟାରେ ବିରୋଧ କରାଯିବା ଫଳରେ ନିଅଁ ଖୋଳା ବନ୍ଦ ରହିଛି । ଏହା ପରେ ଆଜି ସମିତି ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଓ ଦେବୋତର ନିର୍ବାହୀ ଅଧିକାରୀ ଦାୟିତ୍ୱରେ ରହିଥିବା ବାରିପଦା ଉପଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀଙ୍କୁ ଏକ ୩ ପ୍ରସ୍ତାବ ଦିଆଯାଇଛି । ପ୍ରସ୍ତାବଗୁଡ଼ିକରେ ମନ୍ଦିର ସମ୍ମୁଖଭାଗରୁ ମହାରାଣୀ ଧର୍ମଶାଳା ପର୍ଯ୍ୟନ୍ତ କୌଣସି ଘର ନିର୍ମାଣ କରାନଯାଉ । ଫଳରେ ଦୂରରୁ ଭକ୍ତ ବା ଶ୍ରଦ୍ଧାଳୁମାନେ ମନ୍ଦିରକୁ ବିନା ବାଧାବିଘ୍ନରେ ପରିଷ୍କାର ଭାବେ ଦର୍ଶନ ଲାଭ କରିପାରିବେ ବୋଲି ଉଲ୍ଲେଖ କରାଯାଇଛି । ସେହିପରି ମନ୍ଦିର ସିଂହଦ୍ୱାରଠାରୁ ମନ୍ଦିର ସମ୍ମୁଖରେ ରହିଥିବା ଶିଶୁ ଉଦ୍ୟାନର ଶେଷ ଭାଗ ପର୍ଯ୍ୟନ୍ତ ଶ୍ରୀମନ୍ଦିର ପୁରୀର ବଡ଼ଦାଣ୍ଡ ଭଳି କେବଳ ମଝି ରାସ୍ତାକୁ ବାଦ ଦେଇ ସୁନ୍ଦର ଟାଇଲ ବିଛାଯିବା ସାଙ୍ଗକୁ ଦୁଇ ପାର୍ଶ୍ୱରେ ସବୁଜ ଗଛମାନ ରଖାଯାଇ ଏକ ସବୁଜ ବଳୟ ସୃଷ୍ଟି କରାଯିବା ଏବଂ ମନ୍ଦିର ଡ଼ାହାଣ ପାର୍ଶ୍ୱରେ ନୂତନ ଭାବେ ପ୍ରସ୍ତାବିତ ପାଚେରୀ ନିର୍ମାଣ କରାଯିବା ସହ ଭୋଗ ଦୋକାନ ଓ ଜୋତାଷ୍ଟାଣ୍ଡ ନିମନ୍ତେ ୨ଟି କୋଠରୀ ନିର୍ମାଣ କରାଯିବା ଅଥବା ମନ୍ଦି ସମ୍ମୁଖ ରାସ୍ତା ପାର୍ଶ୍ୱରେ ରହିଥିବା ପୁରାତନ ନାଗରାଭାଡ଼ିର ତଳ ମହଲାକୁ ମରାମତି କରାଯାଇ ସେଠାରେ ଭୋଗ ଦୋକାନ, ଜୋତାଷ୍ଟାଣ୍ଡ ଏବଂ ସେବାୟତ ଓ ଭକ୍ତମାନଙ୍କ ନିମନ୍ତେ ଏକ ଶୌଚାଳୟ ନିର୍ମାଣ କରାଯିବା ନିମନ୍ତେ ବାରିପଦା ମନ୍ଦିର ମଠ ସୁରକ୍ଷା କମିଟି ପକ୍ଷରୁ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କୁ ଦିଆଯାଇଥିବା ପ୍ରସ୍ତାବରେ ଉଲ୍ଲେଖ କରାଯାଇଛି । ପୁଣି, ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଶ୍ରୀ ଶ୍ରୀ ହରିବଳଦେବ ଜୀଉ ବିଜେ ମହାପ୍ରଭୂଙ୍କ ମନ୍ଦିରର ସୌନ୍ଦର୍ଯ୍ୟ କରଣ ନିମନ୍ତେ ମନ୍ଦିରର ସିଂହଦ୍ୱାର ସମ୍ମୁଖରେ ରହିଥିବା ୫ ଶହ ବର୍ଷର ପୁରୁଣା ବର ଓ ଅଶ୍ୱସ୍ଥ ଗଛକୁ କାଟି ସଫା କରାଯିବା ସାଙ୍ଗକୁ ପୁରାତନ ସ୍ମୃତି ଓ ଐତିହ୍ୟ ସହିତ ଜଡ଼ିତ ରହିଥିବା ଏବଂ ମୟୂରଭଞ୍ଜ ଗଡ଼ଜାତ ରାଜ୍ୟର ମହାରାଜାମାନଙ୍କ ଜ୍ଞାତି, କୁଟୁମ୍ବମାନଙ୍କ ସମାଧିସ୍ଥଳକୁ ଭାଙ୍ଗି ସଫା କରିଦିଆଗଲା । ଏହି ସମୟରେ ବର୍ତମାନ ମନ୍ଦିର ସୌନ୍ଦର୍ଯ୍ୟ କରଣ ନାମରେ ମନ୍ଦିର ସମ୍ମୁଖରେ କିଛି ଅତୀତର ସ୍ମୃତି ସହିତ ଜଡ଼ିତ ରହିଥିବା ସାଙ୍ଗକୁ ପାର୍କରେ ମୟୂରଭଞ୍ଜ ଜିଲ୍ଲା ପ୍ରଥମ ପଦ୍ମଶ୍ରୀ ଉପାଧି ପାଇଥିବା ତଥା ପ୍ରତ୍ନତତ୍ୱବିତ ଐତିହାସିକ ପରମାନନ୍ଦ ଆଚାର୍ଯ୍ୟଙ୍କ ପ୍ରତିମୂର୍ତିସ୍ଥାପନ କରାଯାଇ ଛୋଟ ଛୋଟ ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ସାହିର ଏକମାତ୍ର ଶିଶୁ ଉଦ୍ୟାନକୁ ଭାଙ୍ଗି ସେଠାରେ ଦୋକାନ ଘର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବାକୁ ମନ୍ଦିର ମଠ ସୁରକ୍ଷା ସମିତି ପକ୍ଷରୁ ନାପସନ୍ଦ କରିବା ସହ ବିରୋଧ କରିଛନ୍ତି । ମନ୍ଦିର ସମ୍ମୁଖରେ ଏହି ଦୋକାନ ଘର ନିର୍ମାଣ ମନ୍ଦିରର ସୌନ୍ଦର୍ଯ୍ୟ ହାନୀର କାରଣ ପାଲଟୁ ଥିବାରୁ ଏହାର ପୁର୍ନବିଚାର କରିବାକୁ ଦାବୀ କରାଯାଇଛି ।

# ଋଣ ନେଇ ଫାଙ୍କିଥିବା ଏଲ୍‌ଏନ୍‌ଟି ରାଇସ୍‌ମିଲ୍ ଉପରେ କାନାଡ଼ା ବ୍ୟାଙ୍କ ପକ୍ଷରୁ ଚଢାଉ

ଭଦ୍ରକ, ୩୦/୪ (ହି.ସ.) - ଅନେକ ସମୟରେ ବଡ଼ବଡ଼ବ୍ୟବସାୟୀ, ଠିକାଦାର ବିଭିନ୍ନ ବ୍ୟାଙ୍କରୁ ଋଣ ନେଇ ବ୍ୟବସାୟ ବଢାଉଥିବାବେଳେ ଅନେକ ସ୍ଥାନରେ ବ୍ୟବସାୟୀ ମାନେ ଋଣନେଇ ଫାଙ୍କୁଥିବାର ମଧ ଦେଖିବାକୁ ମିଳିଛି । ଏପରିଏକ ଘଟଣା ଧାମନଗର ବ୍ଲକ ଗୋବିନ୍ଦପୁର ପଂଚାୟତରେ ଦେଖିବାକୁ ମିଳିଛି । ଖବରରୁ ପ୍ରକାଶ ଯେ ଏହି ପଂଚାୟତର କୋରୁଆ ଠାରେ ଥିବା ଏଲ୍‌ଟିଏନ୍ ରାଇସମିଲ୍‌ର ଉନ୍ନତି କରଣ ନିମନ୍ତେ କାନାଡ଼ା ବ୍ୟାଙ୍କ ପକ୍ଷରୁ ପ୍ରାୟ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ଋଣନେଇଥିଲେ । ଏନେଇ ବାରମ୍ବାର ବ୍ୟାଙ୍କ ପକ୍ଷରୁ ସମ୍ପୃକ୍ତ ରାଇସମିଲ୍ କର୍ତୃପକ୍ଷଙ୍କୁ ନୋଟିସ କରିଥିଲେ ମଧ କୌଣସି ଫଳପ୍ରଦ ହୋଇପାରିନଥିଲା । ଏପରିକି ୨୯/୦୧/୨୦୨୧ସୁଧା ଉକ୍ତ ରାଇସମିଲ ଉପରେ ୧କୋଟି ୫୬ଲକ୍ଷ ୪୨ହଜାର ୮୧୪ଟଙ୍କା ଋଣ ରହିଥିଲା । ଏହିଋଣ ସୁଝିବାପାଇଁ କାନାଡ଼ା ବ୍ୟାଙ୍କ ପକ୍ଷରୁ ୨୨/୦୨/୨୦୨୧ ତାରିଖରେ ସମ୍ପୃକ୍ତ ରାଇସମିଲ ଦାୟିତ୍ୱରେ ଥିବା ଗେରେଣ୍ଟର ୧- ନିବେଦିତା ବସନ୍ତିଆ, ସ୍ୱାମୀ ଅଶୋକ, ଗ୍ରାମ କାକୁଡ଼ିଗଡ଼ିଆ, ୨- ହୃଦାନନ୍ଦ ସାହୁ, ପିତା ବିଶ୍ୱନାଥ ସାହୁ, ଗ୍ରାମ- ବେଦପୁର, ୩- ତାରାବତୀ ଦାସ, ସ୍ୱାମୀ- ପ୍ରଭାକର ଦାସ, ଗ୍ରାମ- ଖାର୍ଜିକୋରୁଆ,୪- ଅଶୋକ କୁମାର ବସନ୍ତିଆ, ପିତା- ବୁଧଦେବ ବସନ୍ତିଆ, ଗ୍ରାମ- କାକୁଡ଼ିଗଡ଼ିଆ, ୫- ପ୍ରଭାକର ଦାସ, ପିତା- ଉଦୟକର ଦାସ, ଖାରଜିକୋରୁଆଙ୍କୁ ଚିଠି କରାଯାଇଥିଲା । ହେଲେ ଏହାକୁ ଭୃକ୍ଷେପ କରିନଥିଲେ । ତେବେ ଆଜି ସମ୍ପୃକ୍ତ ବ୍ୟାଙ୍କ ପକ୍ଷରୁ ସମ୍ପୃକ୍ତ ରାଇସମିଲଉପରେ ଚଢାଉ କରାଯାଇଥିଲା । ଏଥିରେ ମାଜିଷ୍ଟ୍ରେଟ ଅତିରିକ୍ତ ତହସିଲଦାର ଅନୁପ କୁମାର ବେହେରା, ପୋଲିସ୍ ଏସ୍‌ଆଇ ମହାପ୍ରସାଦ ନାୟକ ସମେତ ବ୍ୟାଙ୍କ କର୍ତୃପକ୍ଷ ଓ ଏକପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇ ଉକ୍ତ ରାଇସମିଲକୁ ସିଜ କରାଯାଇଥିଲା ।

# ବରିଷ୍ଠ ନାଗରିକ ମଂଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

କୋରେଇ, ୩୦/୪ (ନି.ପ୍ର): ପାଣିକୋଇଲିର ଅଗ୍ରଣୀ ସଙ୍ଗଠନ ବରିଷ୍ଠ ନାଗରିକ ମଂଚ ପକ୍ଷରୁ ୧୮ରୁ ୪୪ ବର୍ଷ ବୟସର ସମସ୍ତ ନାଗରିକଙ୍କୁ ମାଗଣାରେ କୋଭିଡ ଟୀକା ଯୋଗାଣ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଘୋଷଣାକୁ ସଭାପତି ନୃସିଂହ ଚରଣ ଦଳାଇ ଓ ସମ୍ପାଦକ ସୁରେନ୍ଦ୍ର କୁମାର ରାୟ ସଙ୍ଗଠନ ପକ୍ଷରୁ ସ୍ୱାଗତ ଜଣାଇବା ସହିତ ଜନସାଧାରଣ କୋଭିଡ ନିୟମ ମାନି ଶୃଙ୍ଖଳାର ସହିତ କରୋନାର ମୁକାବିଲା କରିବାକୁ ଆହ୍ୱାନ ଜଣାଇଛନ୍ତି । କରୋନାର ଦ୍ୱିତୀୟ ଲହରର ଭୟବହତାକୁ ସମସ୍ତେ ସଠିକଭାବେ ବୁଝି ସଚେତନ ହେବାର ଆବଶ୍ୟକତା ବହୁତ ଗୁରୁତ୍ୱ ରଖେ ବୋଲି କହିଛନ୍ତି ।

# ଟାଙ୍କିରେ ପେଟ୍ରୋଲ ବଦଳରେ ପାଣିକୁ ନେଇ ଉତ୍ତେଜନା

ଧର୍ମଶାଳା, ୩୦/୪ (ନି.ପ୍ର): ଯାଜପୁର ଜିଲା ବରୀ ନିର୍ବାଚନ ମଣ୍ଡଳୀରେ ଆଜି ଏକ ପେଟ୍ରୋଲ ପମ୍ପରୁ ପେଟ୍ରୋଲ ବଦଳରେ ପାଣି ବାହାରୁଥିବାରୁ ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇଛି । ଏଭଳି ଘଟଣାକୁ ନେଇ ଗ୍ରାହକ ମହଲରେ ଅସେନ୍ତୋଷ ପ୍ରକାଶ ପାଇଛି । ସୂଚନା ଅନୁଯାୟୀ, ବରୀ ନିର୍ବାଚନ ମଣ୍ଡଳୀ ବରୀ ମାଉଣ୍ଡ ମୁଖ୍ୟ ବଜାରରେ ଥିବା ଇଣ୍ଡିଆନ ଅଏଲ ପେଟ୍ରୋଲ ପମ୍ପରୁ ଆଜି କିଛି ବାଇକ୍ ଆରୋହୀ ବାଇକରେ ପେଟ୍ରୋଲ ଭର୍ତି କରିଥିଲେ । ସେମାନେ ତେଲ ପକାଇବାରୁ କିଛି ସମୟ ପରେ ବାଟରେ ସେମାନଙ୍କ ଗାଡି ଖରାପ ହୋଇଥିଲା । ପରେ ସେମାନେ ଗ୍ୟାରେଜକୁ ଯାଇ ଗାଡି ଦେଖାଇଥିଲେ । ଗାଡିରେ ତେଲ ନ ଥିବା ଗ୍ୟାରେଜ ମେକାନିକ କହିଥିଲେ । ତେବେ ଟାଙ୍କି ଖୋଲି ଦେଖିବାରୁ ପେଟ୍ରୋଲ ବଦଳରେ ପାଣିଥିବା ଦେଖିବାକୁ ମିଳିଥିଲା । ଆଉ କିଛି ଲୋକେ ବୋତଲରେ ପେଟ୍ରୋଲ ନେଇଥିଲେ । ସେମାନଙ୍କର ମଧ ସମାନ ଅବସ୍ଥା । ଏଭଳି ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଲୋକମାନେ ଏକତ୍ର ହୋଇ ପମ୍ପ ଆଗରେ ପ୍ରତିବାଦ କରିଥିଲେ । ଏ ସମ୍ପର୍କରେ ପେଟ୍ରୋଲ ପମ୍ପ ମାଲିକ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଥିଲେ । ଅନ୍ୟପଟେ ଏହାର ତଦନ୍ତ କରାଯାଇ ସମ୍ପୃକ୍ତ ପେଟ୍ରୋଲ ପମ୍ପ ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଲୋକେ ଦାବି କରିଛନ୍ତି ।

# ସୋରିଷ ତେଲ ଅମୂଲ ମୂଲ: ଲିଟର ଦୁଇ ଶହ ଟପିଲା

ବାରିପଦା, ୩୦/୪ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ସଦର ମହକୁମା ବାରିପଦାଠାରେ ଖୋଲା ବଜାରରେ ସୋରିଷ ତେଲ ଅମୂଲ ମୂଲରେ ବିକ୍ରି ହେଉଛି । ଖୁଚୁରା ଦୋକାନରେ ଏକ ଲିଟର(୯୧୦ ଗ୍ରାମ) ଇଞ୍ଜିନ ସୋରିଷ ତେଲ ୧୯୫ ଟଙ୍କାରେ ବିକ୍ରି ହେଉଥିବା ବେଳେ ଫର୍ଚ୍ୟୁନ ସୋରିଷ ତେଲ ୨୧୨ ଟଙ୍କାରେ ବିକ୍ରି ହେଉଛି । ଆଉ କିଛି ଦିନ ପରେ ସୋରିଷ ତେଲର ମୂଲ୍ୟ ଅଢ଼େଇଶହ ଟଙ୍କାକୁ ଟପିବାର ଖୁଚୁରା ବ୍ୟବସାୟୀମାନେ ଆଶଙ୍କା କରିଛନ୍ତି । ମୂଲ୍ୟ ନିୟନ୍ତ୍ରଣ ଉପରେ ସରକାରଙ୍କର କଟକଣା ନ ଥିବାରୁ ସୋରିଷ ତେଲର ପାଇକାରୀ ମୂଲ୍ୟ ଉପରେ ଖୁଚୁରା ବ୍ୟବସାୟୀମାନେ ପ୍ରାୟ ୫ଟଙ୍କାରୁ ୧୦ ଟଙ୍କା ପର୍ଯ୍ୟନ୍ତ ପର୍ଯ୍ୟନ୍ତ ଲାଭ ଉଠାଉଛନ୍ତି । ଦିନକୁ ଦିନ ସୋରିଷ ତେଲର ମୂଲ୍ୟ ବୃଦ୍ଧିକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଖୁଚୁରା ବ୍ୟବସାୟକୁ ନିୟନ୍ତ୍ରଣ କରୁଥିବା ରାଜ୍ୟ ବାହାରର ବଡ଼ ବଡ଼ ବ୍ୟବସାୟୀ ଓ ବହୁ ରାଷ୍ଟ୍ରୀୟ କମ୍ପାନୀଗୁଡ଼ିକଟାରୁ ଆରମ୍ଭ କରି ଡିଷ୍ଟ୍ରିବ୍ୟୁଟର, ହୋଲସେଲର ପର୍ଯ୍ୟନ୍ତ ପର୍ଯ୍ୟାପ୍ତ ପରିମାଣରେ ସୋରିଷ ତେଲ ମହଜୁଦ ରଖି ବଜାରରେ କୃତ୍ରିମ ଅଭାବ ସୃଷ୍ଟି କରୁଥିବାର ଅଭିଯୋଗ ସମ୍ପର୍କୀତ ଖବର ଗଣମାଧମରେ ଆଜି ପ୍ରକାଶ ପାଇବା ପରେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନର ଚେତାପଶିଛି । ସୋରିଷ ତେଲ ସହ ସମସ୍ତ ଖାଇବା ତେଲର ଅଭାବି ବିକ୍ରୀବଟା ଉପରେ ଅଙ୍କୁଶ ଲଗାଇବା ନିମନ୍ତେ ଆଜି ବାରିପଦା ପୌରପରିଷଦରେ ଥିବା ବିଭିନ୍ନ ତେଜରାତି ଦୋକାନ, ହେଲସେଲର ଓ ଡ୍ରିଷ୍ଟ୍ରିବ୍ୟୁଟର ଆଦିଙ୍କ ଉପରେ ଅଚାନକ ଚଢ଼ାଉ କରାଯାଇଛି । ଜିଲ୍ଲା ବେସାମରିକ ଖାଦ୍ୟ ଓ ଯୋଗାଣ ବିଭାଗ କାର୍ଯ୍ୟାଳୟର ଏସିଏସଓ କିଶୋର କୁମାର ମହାରଣା, ବାରିପଦା ସଦର ଏସିଏସଓ ସର୍ବେଶ୍ୱର ନାୟକ, ହେଡ଼କ୍ୱାଟାର ଏସିଏସଓ ଦିଲ୍ଲିପ କୁମାର ପାଣିଗ୍ରାହୀ ପ୍ରମୁଖଙ୍କ ସହ ବାରିପଦା ପୌରପରିଷଦ କାର୍ଯ୍ୟାଳୟର ମାର୍କେଟିଂ ଇନ୍ସପେକ୍ଟର ପ୍ରଦୀପ କୁମାର ବେହେରା ପ୍ରମୁଖ ଉକ୍ତ ଚଢ଼ାଉରେ ସାମିଲ ହୋଇଥିବା ବେଳେ ଦୋକାନକୁ ଆସୁଥିବା ଗ୍ରାହକମାନଙ୍କ ନିକଟରୁ ସୋରିଷ ଓ ଖାଇବା ତେଲ କେତେ ଟଙ୍କା ଦାମରେ କିଣୁଥିବାର ପଚାରି ବୁଝିଥିଲେ । ଏହାପରେ ଦୋକାନୀମାନଙ୍କର ଷ୍ଟକ ରେଜିଷ୍ଟାର, ସେଲ ରେଜିଷ୍ଟାର, ବିଲ ଆଦିକୁ ଯାଂଚ କରିବା ପରେ ସେମାନେ ଗ୍ରାହକମାନଙ୍କୁ ଅଧିକ ମୂଲ୍ୟରେ ବିକ୍ରି କରୁଥିବାର ଜାଣିବାକୁ ପାଇଥିଲେ । ଏହାପରେ ୪ରୁ ୫ ଟଙ୍କା ଲାଭ ରଖି ବିକ୍ରି କରିବା ନିମନ୍ତେ ତାଗିତ କରିବା ସାଙ୍ଗକୁ ଗ୍ରାହକମାନଙ୍କ ଅବଗତି ନିମନ୍ତେ ଷ୍ଟକ ଓ ସେଫ ଡିକ୍ଲାରେସନ ବୋର୍ଡ଼ ଆଦି ଗ୍ରାହକମାନଙ୍କର ସହଜରେ ଦୃଷ୍ଟିକୁ ଆସିପାରିଥିବା ନିମନ୍ତେ ଦୋକାନ ସମ୍ମୁଖରେ ଝୁଲାଇବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଏଥି ସହିତ ଏହି ପ୍ରକର୍ର ଚଢ଼ାଉ କ୍ରମାଗତ ଭାବେ ଜାରି ରହିବ ବୋଲି ଜିଲ୍ଲା ବେସାମରିକ ଖାଦ୍ୟ ଓ ଯୋଗାଣ ବିଭାଗ କାର୍ଯ୍ୟାଳୟର ଏସିଏସଓ କିଶୋର କୁମାର ମହାରଣା ପ୍ରକାଶ କରିଛନ୍ତି ।

# କେଶବ ସେବା ଟ୍ରଷ୍ଟ ପକ୍ଷରୁ କରୋନା ସଚେତନତା କାର୍ଯ୍ୟକ୍ରମ

ଜୟପୁର, ୩୦/୪ (ନି.ପ୍ର): କେଶବ ସେବା ଟ୍ରଷ୍ଟ ପକ୍ଷରୁ ଆଜି ସହରରେ କରୋନା ମହାମାରି ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କରୋନା ମହାମାରୀ ବର୍ତମାନ ଉଗ୍ରରୂପ ଧାରଣା କରିଥିବା ବେଳେ କିପରି ଏହି ମହାମାରିରୁ ରକ୍ଷା ପାଇ ପାରିବା ସେ ନେଇ ଲୋକଙ୍କୁ ସଚେତନ କରାଯାଇଛି । ଘରୋଇ ଉପଚାର ଦ୍ୱାରା ଏହାକୁ ମୁକାବିଲା କରିପାରିବା ବୋଲି ସଚେତନ କରାଯାଇଛି । ସହରର ରଜାନହର ଛକ, ଜଗତ ଜନନି ଛକ, ବସଷ୍ଟାଣ୍ଡ ଠାରେ ଲୋକଙ୍କୁ ଡାକବାଜି ଯନ୍ତ୍ର ଦ୍ୱାରା ସଚେତନ କରିବା ସହ ପ୍ରଚାର ପତ୍ର ବଂଟନ କରାଯାଇଛି । ଏହି ରୋଗକୁ ପ୍ରତିହତ କରିବା ପାଇଁ କାଢା ପ୍ରସ୍ତୁତ କିପରି କରିବା, ପ୍ରତିଦିନ ଶାରିରିକ ବ୍ୟାୟାମ କରିବା, ଯୋଗ, ପ୍ରାଣାୟମ, ସୂର୍ଯ୍ୟ ନମସ୍କାର କରିବା । ଖାଦ୍ୟରେ ସବୁଜ ପନିପରିବା ଖାଇବା, ମାସ୍କ ପିନ୍ଧିବା, ସ୍ୱଚ୍ଛ ରହିବା, ସୁସ୍ଥ ରହିବା ଆଦି ଉପରେ ସଚେତନ କରାଯାଇଛି । ନିଜେ ସଚେତନ ହେବା ସହ ଅନ୍ୟକୁ ମଧ ସଚେତନ କରିବାକୁ ବୁଝାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଆରଏସଏସର ନିରଞ୍ଜନମିଶ୍ର, ସୁରେନ୍ଦ୍ରପଣ୍ଡା, ଦେବେନ୍ଦ୍ର ବାହିନିପତି, ବାବୁଭାଇ ବଜରଙ୍ଗି, ବାବୁ ଭାଇ, ସାଧୁ ଦାଶ ଚୌଧୁରି, ରମେଶ ବିଷୋୟୀ, ନରସିଂହ ଚୌଧୁରି, ବିଷ୍ଣୁ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ ।

### ବଟ ଓ ଓସ୍ତ ବିବାହ ଅନୁଷ୍ଠିତ

ଜୟପୁର, ୩୦/୪ (ନି.ପ୍ର): କୋଲାବନଗର ଠାରେ ଅଟ ଓ ଓସ୍ତ ବିବାହ ଅନୁଷ୍ଠିତ ହୋଇଛି । ଡ୍ୟାମ ଫାଟକ ପରିସରରେ ବିବାହ କୋଭିଡ ନିୟମ ଅନୁଯାଇ ଅନୁଷ୍ଠିତ ହୋଇଥିଲା । ଭୋଜି ଭାତ, ହୋମ ,ଯଜ୍ଞ କରାଯାଇ ରୀତିନୀତି ଆନୁଯାଇ ବିବାହ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ କର୍ତା ଭାବେ ଆର. ଶିବ ଶଙ୍କର ଓ ପତ୍ନୀ ଆର .ମିନାକ୍ଷି ବିବାହ କରାଇଥିଲେ । ଏଥିରେ ବ୍ରାହ୍ମଣ ଭଗବାନ ରଥ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ । ଏମ. ରାଜନ ମୁଖ୍ୟ ପରିଚାଳନା କରିଥିବା ବେଳେ ଯୁଗଳ କିଶୋର ସାମଲ, ଶଶି ଭୂଷଣ ସ୍ୱାଇଁ, ସୁବାଷ ଚନ୍ଦ୍ର ସ୍ୱାଇଁ, ରାମକୃଷ୍ଣ ବେହେରା, ସିମାଚଂଳ ନାହାକ, ରମେଶ ଗୌଡ, ଭଗବାନ ଦାସ, ଦିନବନ୍ଧୁ ଗୌଡ ପ୍ରମୁଖ ସହଯୋଗ କରିଥିଲେ ।

### ପ୍ରଶାସନ ନିରବ, ଗ୍ରାମବାସୀ ଆତଙ୍କିତ

# ଲୁଗାପଟା ସଫାରୁ ପାନୀୟ ଜଳ ଚୁଆପାଣି ଉପରେ ନିର୍ଭର: ଦୂଷିତ ପାଣି ପିଇ ଯକ୍ଷ୍ମା ରୋଗ ବ୍ୟାପୁଛି

ଜୟପୁର, ୩୦/୪ (ନି.ପ୍ର): କୋରାପୁଟ ବ୍ଲକ ଅନ୍ତର୍ଗତ ବଡକେରଙ୍ଗା ପଚାଂୟତର ସଲମନଗୁଡା ଗ୍ରାମରେ ଉତ୍କଟ ଜଳ ସଂକଟ ଦେଖାଦେଇଛି । ଜିଲା ପ୍ରଶାସନ ଏହି ସମସ୍ୟାର ସମାଧାନ ଦୀର୍ଘ ବର୍ଷ ହେବ କରୁନଥିବାରୁ ଗ୍ରାମବାସୀ ମାନେ ସମ୍ପ୍ରତି ଖରା ଦିନରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ଗ୍ରାମରେ ପ୍ରାୟ ଦେଢ ଶହରୁ ଅଧିକ ପରିବାର ରହିଥିବା ବେଳେ ୧୫ ଶହରୁ ଅଧିକ ଲୋକ ସଂଖ୍ୟା ଅଛନ୍ତି । ଏହି ଗ୍ରାମବାସୀ ମାନେ କହିବାନୁଯାୟୀ, ଗ୍ରାମରେ ଥିବା କୂପ ଶୁଖିଲା ହୋଇ ପଡିରହିଛି । ଗ୍ରାମରେ ୪ଟି ନଳକୂପ ଥିବା ବେଳେ ସେଥି ମଧରୁ ୨ଟି ଅଚଳ ରହିଛି ଓ ଅନ୍ୟ ୨ଟି ନଳକୂପରୁ ଠିକ୍ ଭାବେ ପାଣି ବାହାରୁ ନାହିଁ । ଏହା ପାନୀୟ ଉପଯୋଗୀ ମଧ ନୁହେଁ । ଗ୍ରାମ ଠାରୁ ଅଧା କି.ମି. ଦୂରରେ ରହିଥିବା ବିଲ ଭିତରେ ଥିବା ଚୁଆ ପାଣିକୁ ଲୋକେ ନିର୍ଭର କରନ୍ତି । ଏହି ଚୁଆ ଉପରେ ଲୁଗାପଟା ସଫା ସହ ବାସନ କୁସନ ସଫା କରନ୍ତି । ଏମିତି ପଶୁ , ପକ୍ଷୀ, କୁକୁର ମଧ ଏହି ଚୁଆ ପାଣି ଉପରେ ନିର୍ଭର କରନ୍ତି । ବର୍ତମାନ ଏହି ଚୁଆ ପାଣି ମଧ ଶୁଖିବାକୁ ବସିଲାଣି । ଏହି ଚୁଆ ପାଣିକୁ ଆଣି ପାନୀୟ ଜଳ ରୂପେ ବ୍ୟବହାର କରିଥାନ୍ତି । ଏନେଇ ଗ୍ରାମବାସୀ ଜିଲା ପ୍ରଶାସନକୁ ଅବଗତ କରାଇଲେ ମଧ ପ୍ରଶାସନ ଅଣଦେଖା କରୁଥିବା ଅଭିଯୋଗ କରିଛନ୍ତି । ଖରା ଦିନ ଆସିଲେ ପାନୀୟ ଜଳ ନେଇ ଲୋକେ ଡହଳ ବିକଳ ହେଉଥିବା ଲକ୍ଷ୍ୟ କରାଯାଇଛି । ପ୍ରତ୍ୟେକ ଗ୍ରାମକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ପାଇଁ ସରକାର ବହୁ ଯୋଜନା କରୁଥିବା ବେଳେ ଜିଲାର ଉପାନ୍ତ ଅଂଚଳରେ ସ୍ୱଚ୍ଛ ପାନୀୟ ଜଳ ପାଇଁ ଆଜି ମଧ ସଂଗ୍ରାମ କରିବାକୁ ପଡୁଛି । ଏଠାକାର ଲୋକ ମାନେ ସମସ୍ତେ ପ୍ରାୟ ଶ୍ରମିଜୀବି ହୋଇଥିବା ବେଳେ ଏହି ଚୁଆ ପାଣି ପିଇ ରୋଗଗ୍ରସ୍ତ ହୋଉଛନ୍ତି । ଛୋଟ ଠାରୁ ବଡ ଯାଏ ଏହି ଚୁଆ ପାଣି ପିଇ ଯକ୍ଷ୍ମା ପରି ରୋଗ ଗ୍ରାମରେ ବ୍ୟାପିବାରେ ଲାଗିଛି । ତୁରନ୍ତ ଜିଲାପାଳ ହସ୍ତକ୍ଷେପ କରି ସ୍ୱଚ୍ଛ ପାନୀୟ ଜଳ ଯୋଗାଇବାକୁ ଗ୍ରାମର ଜିମା ଜାନି, ଲକ୍ଷ୍ମୀ ଜାନି, ଭଗବତୀ ଜାନୀ, ହିନ୍ଦୁ ବଡନାୟକ, ଜାଇମିତ ବଡନାୟକ ଦାବୀ କରିଛନ୍ତି । ନଳକୂପ ମରାମତି ନହେବା ଯାଏ ଟେଙ୍କର ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ଦାବି ହୋଇଛି ।

# ଆୟୁର୍ବେଦୀୟ ଭ୍ରମଣ




**କରୋନା ସଂକ୍ରମଣ ଭୟାବହତା ମଧ୍ୟରେ ମଣିଷ ନିଜ ସ୍ୱାସ୍ଥ୍ୟ ପ୍ରତି ପୂର୍ବାପେକ୍ଷା ଅଧିକ ସଚେତନ ହୋଇପଡ଼ିଛି । ବିଶ୍ୱର ସ୍ୱାସ୍ଥ୍ୟ ମଧ୍ୟରେ ଭାରତୀୟ ଆୟୁର୍ବେଦର ସ୍ୱତନ୍ତ୍ର ସ୍ଥାନ ରହିଛି । ଦେଶର ଏପରି ପ୍ରମୁଖ ପାଞ୍ଚଟି ଆୟୁର୍ବେଦୀୟ ସ୍ଥାନ ସମ୍ପର୍କରେ ଜାଣନ୍ତୁ, ଯେଉଁଠାରେ ଉଭୟ ସ୍ୱାସ୍ଥ୍ୟ ଏବଂ ପର୍ଯ୍ୟଟନର ସୁଖ ପାଇପାରିବେ ।**

**ଦେବୟା ଆୟୁର୍ବେଦ ଆଣ୍ଡ୍ ନେଚର କିୟୋର ସେଣ୍ଟର, ଗୋଆ:**
ଏଠାରେ ଦିୱାର ଦ୍ୱୀପରେ ଥିବା ଏହି ରିସୋର୍ଟରେ ଯେଭଳି ସ୍ୱାସ୍ଥ୍ୟ ସେବା ଦିଆଯାଏ, ଶରୀର ଏବଂ ମନ ସହ ଆତ୍ମା ବି ସତେଯେପରି ସତେଜ ହୋଇଯାଏ । ସୁସ୍ଥ ଏବଂ ଚିନ୍ତାମୁକ୍ତ ଜୀବନ ଜିଇବା ଲାଗି ଏଠାରେ ଆଧୁନିକ ଯୋଗ ପ୍ରକ୍ରିୟା ଶିକ୍ଷା କରିପାରିବେ । ନଡ଼ିଆ ଗଛ ଓ ଅନ୍ୟ ସବୁଜିମା ଭରା ପରିବେଶ ଏହି ରହଣିକୁ ଅଧିକ ଆନନ୍ଦିତ କରେ । ପଞ୍ଚକର୍ମ, ନ୍ୟାଚୁରୋଥେରାପି, ସ୍ପା ଆଦିର ସୁବିଧା ଏଠାରେ ଉପଲବ୍ଧ ।



**ଆନନ୍ଦ ଇନ୍ ଦି ହିମାଳୟ, ଉତ୍ତରାଖଣ୍ଡ:**
ଏଠାରେ ଋଷିକେଶ ନିକଟରେ ଅବସ୍ଥିତ ଆନନ୍ଦ ଭାରତର ସର୍ବୋତ୍ତମ ଆରାମଦାୟକ ସ୍ପା ରିସୋର୍ଟସ ମଧ୍ୟରୁ ଅନ୍ୟତମ । ପ୍ରାୟ ୧୦୦ ଏକର ପରିବ୍ୟାପ୍ତ ଏହି ରିସୋର୍ଟ ଅଞ୍ଚଳରେ ଆୟୁର୍ବେଦୀୟ ସ୍ୱାସ୍ଥ୍ୟ ସେବା ପାଇବା ସହ ହିମାଳୟ ପାର୍ବତ୍ୟାଞ୍ଚଳର ସୌନ୍ଦର୍ଯ୍ୟ ଉପଭୋଗ କରିହେବ । ଆନନ୍ଦରେ ଆୟୁର୍ବେଦ ଡାକ୍ତର, କୁଶଳୀ ଥେରାପିଷ୍ଟ, ପୋଷକ ତତ୍ତ୍ୱ ଏବଂ ଯୋଗ ବିଶେଷଜ୍ଞ ରହିଛନ୍ତି । ତେବେ ଏହାର ସ୍ପା ସବୁଠାରୁ ଭିନ୍ନ । ଏଠାରେ ପାରମ୍ପରିକ ଆୟୁର୍ବେଦ ଏବଂ ଆଧୁନିକ ସ୍ପା କୌଶଳର ମିଶ୍ରଣରେ ୮୦ରୁ ଅଧିକ ପ୍ରକାର ସ୍ପା ସେବା ଯୋଗାଇ ଦିଆଯାଏ ।

**ସୋମାଥିରମ୍ ଆୟୁର୍ବେଦ ଗ୍ରାମ, କେରଳ:**



ଏଠାକାର ଚୋୱାରା ବେଳାଭୂମିରେ ଥିବା ସୋମାଥିରମ୍‌ରେ ରିସୋର୍ଟର ସୁବିଧା ସହ ଆୟୁର୍ବେଦୀୟ ଚିକିତ୍ସା ପାଇପାରିବେ । ତ୍ରିଭେନ୍ଦ୍ରମ ଆନ୍ତର୍ଜାତୀୟ ବିମାନ ବନ୍ଦର ଏହାର ନିକଟତର । ଏଠାରେ ପଞ୍ଚକର୍ମ ସହ ମାଲିସ୍, ଶିରୋଧାରା, ବସ୍ତି, ଶିରୋବସ୍ତି, ଅଭ୍ୟଙ୍ଗମ୍, ନାସ୍ୟମ ଆଦି ଆୟୁର୍ବେଦୀୟ ପଦ୍ଧତିରେ ଶରୀରକୁ ବିଷାକ୍ତ, ତତ୍ତ୍ୱମୁକ୍ତ କରିପାରିବେ । ନିଜସ୍ୱ ଔଷଧୀୟ ଉଦ୍ୟାନରୁ ଆସୁଥିବା ଜଡିବୁଟି ଏଠାରେ ବ୍ୟବହାର କରାଯାଏ । ପଦ୍ମନାଭସ୍ୱାମୀ ମନ୍ଦିର, ଚିଡ଼ିଆଖାନା, ଏକାଧିକ ସଂଗ୍ରହାଳୟ ଏହା ନିକଟରେ ରହିଛି ।



**ଆୟୁର୍ବେଦଗ୍ରାମ ହେରିଟେଜ ୱେଲନେସ ସେଣ୍ଟର, ବେଙ୍ଗାଲୁରୁ:**
ସହର ବାହାରେ ଥିବା ଏହି ଆୟୁର୍ବେଦଗ୍ରାମରେ ଚିକିତ୍ସା କରିବା ଲାଗି ଆୟୁର୍ବେଦ ଏବଂ ଯୋଗର ସହାୟତା ନିଆଯାଏ । ୯ ଏକର ପରିବ୍ୟାପ୍ତ ଏହି ସେଣ୍ଟରରେ ଆୟୁର୍ବେଦୀୟ ସ୍ୱାସ୍ଥ୍ୟ ସେବା, ସ୍ପା, ଯୋଗ, ପ୍ରାଣାୟମ, ଶାକାହାରୀ ଭୋଜନ ଜୀବନକୁ ଏକ ନୂଆ ଦିଶା ଦେଇପାରେ । ଏଠାକୁ ଆସୁଥିବା ଅତିଥିମାନେ ନିଜ ବଜେଟ୍ ଅନୁସାରେ ପ୍ୟାକେଜ୍ ବାଛିଥାନ୍ତି ।

## ଘରେ ମନି-ପ୍ଲାଣ୍ଟ ଥିଲେ, ଜାଣିବା କଥା



ବାସ୍ତୁଶାସ୍ତ୍ରର ନିୟମ ଅନୁସାରେ ପ୍ରତ୍ୟେକ ଚାରାରୋପଣ ନିମନ୍ତେ ନିର୍ଦ୍ଦିଷ୍ଟ ଦିଗ ରହିଛି । ଏହି ନିୟମ ମାନିଲେ ଘରେ ସୁଖ ସମୃଦ୍ଧି ବୃଦ୍ଧି ହେଉଥିବାର ମତ । ଉଜ୍ଜୈନର ଜ୍ୟୋତିଷାଚାର୍ଯ୍ୟ ପ୍ରଫୁଲ୍ଲ ଭଟ୍ଟ ଏ ବାବଦରେ ଜନସାଓାରଣଙ୍କୁ ଉପଦେଶ ଦେଇଛନ୍ତି । ମନି-ପ୍ଲାଣ୍ଟ ଗଛକୁ ଉଚିତ ଦିଗରେ ଲଗାଇଲେ ଘରର ପ୍ରତ୍ୟେକ ସଦସ୍ୟଙ୍କ ଉପରେ ଉତ୍ତମ ପ୍ରଭାବ ପଡ଼େ ।

ଉତ୍ତର-ପୂର୍ବ ଦିଗରେ କେବେହେଲେ ଏହି ଗଛ ଲଗାଇବେ ନାହିଁ ନଚେତ୍ ଅଯଥାରେ ହିଁ ଅର୍ଥହାନି ସମସ୍ୟା ଉପୁଜିବ ।

ଏହି ଗଛକୁ କାନ୍ଥରେ କିମ୍ବା କୁଣ୍ଡରେ ଲଗାଇବା ଉଚିତ । ସିଧାସଳଖ ମାଟି ଉପରେ ଏହାକୁ ଲଗାଇଲେ ମଧ୍ୟ କୁପ୍ରଭାବ ପଡ଼େ । ମନି-ପ୍ଲାଣ୍ଟ ଗଛ ଯେପରି ଝାଉଁଳି ନଯାଏ ସେଥିପ୍ରତି ମଧ୍ୟ ସଚେତନ ରହିବା ଆବଶ୍ୟକ । ହଳଦୀ ରଙ୍ଗର ପତ୍ରକୁ ଛିଣ୍ଡାଇ ଦେବା ଉଚିତ ।

ଦକ୍ଷିଣ-ପଶ୍ଚିମ ଦିଗରେ ମନି-ପ୍ଲାଣ୍ଟ ଚାରାରୋପଣ କରିବା ସହ ରୀତିମତ ପାଣି ଦେବା ଭଲ ।

## ଗଛର ଜନ୍ମଦିନ ପାଳିଲେ ଅଧ୍ୟାପକ

'କୁହାଯାଏ ୧୦ଟି ପିଲାର ଲାଳନ ପାଳନ କରିବା ଭଳି ଫଳ ଗୋଟିଏ ଗଛ ଲଗାଇଲେ ମିଳେ । ଏମିତିରେ ବାପା, ମା' ଯଦି ପିଲାମାନଙ୍କର ଜନ୍ମଦିନ ପାଳନ କରନ୍ତି, ତେବେ ଗଛମାନଙ୍କର କାହିଁକି ନୁହେଁ । ଆମେ ବଡ଼ ଶ୍ରଦ୍ଧାର ସହ ଗଛ ଲଗାନ୍ତି, ସେଥିରେ ପାଣି, ସାର ଦିଅନ୍ତି । ବଦଳରେ ଗଛ ଆମକୁ ବହୁତ କିଛି ଦେଇଥାଏ ।' ଏକଥା କହନ୍ତି ରାଜସ୍ଥାନର ବିକାନେରର ରାଜେନ୍ଦ୍ର ପୁରୋହିତ ଓ ଅନୀଲା ପୁରୋହିତ । ଏମାନେ ବିକାନେରର ସବୁଠୁ ବଡ଼ କଲେଜ ଡୁଙ୍ଗର ମହାବିଦ୍ୟାଳୟରେ ଅଧ୍ୟାପନା କରନ୍ତି । ଏମାନଙ୍କର ପେସା ଅଧ୍ୟାପନା, କିନ୍ତୁ ନିଶା ଗଛ ଲଗାଇବା । ବର୍ଷକ ତଳେ କଲେଜ ପରିସରରେ ଏମାନେ ଏକ ଅଶ୍ୱତ୍‌ଥ ଗଲ ଲଗାଇଥିଲେ । ବର୍ଷେ ଧରି ସେ ଗଛର ଯତ୍ନ ନେଲେ । ନିକଟରେ ତାର ଜନ୍ମଦିନ ପାଳନ କରି ଚର୍ଚ୍ଚାରେ ଅଛନ୍ତି । ପୃଥିବୀ ଓ ପରିବେଶ ପାଇଁ ଗଛ କେତେ ଜରୁରୀ, ଏକଥା କହିବାର ଆବଶ୍ୟକତା ନାହିଁ । ତଥାପି ନିଜ ଛାତ୍ରଛାତ୍ରୀଙ୍କୁ ଗଛ ଲଗାଇବାର ବାର୍ତ୍ତା ଦେବାକୁ ସେମାନେ ଏହି ନିଆରା ପ୍ରୟାସ କରିଥିଲେ । ଅଶ୍ୱତ୍‌ଥ ଗଛର ଜନ୍ମଦିନ ପାଳନ ପାଇଁ ତାକୁ ଭଲ ଭାବେ ସଜାଯାଇଥିଲା । ବ୍ରାହ୍ମଣଙ୍କୁ ଡାକି ପୂଜା ପାଠ କରାଯାଇଥିଲା । କେକ୍ ବି କଟାଯାଇଥିଲା । ଅନ୍ୟପଟେ ରାଜେନ୍ଦ୍ର ପୁରୋହିତ ଓ ଅନୀଲା ପୁରୋହିତ ପ୍ରଥମ



ଥର ପାଇଁ ଏହି ପ୍ରୟାସ କରିନାହାନ୍ତି । ପୂର୍ବରୁ ସେହି ଅଞ୍ଚଳରେ ସେମାନେ ଅନେକ ବୃକ୍ଷରୋପଣଣ କରିଛନ୍ତି । ସେମାନଙ୍କ ଏହି କାମ ଛାତ୍ରଛାତ୍ରୀଙ୍କ ମନରେ ବହୁ ସକରାତ୍ମକ ପ୍ରଭାବ ପକାଉଛି । କିଛି କ୍ଷେତ୍ରରେର ଛାତ୍ରଛାତ୍ରୀ ମଧ୍ୟ ଏହି କାମରେ ସାମିଲ ହେଉଛନ୍ତି ।

## ୭% ଆମେରିକୀୟ ବୈବାହିକ ଜୀବନ ସଫଳ

ପାଶ୍ଚାତ୍ୟ ଦେଶରେ ନୀତିନିୟମ ସବୁକିଛି ଅଲଗା । ବିବାହ ଓ ବିଚ୍ଛେଦକୁ ନେଇ ବିଦେଶ ରାଇଜ (ଆମେରିକା, ଇଉରୋପ)ର ଲୋକ ଏତେଟା ବ୍ୟସ୍ତ ହୋଇନଥାନ୍ତି । ମନ ନ ମିଶିଲେ ଦମ୍ପତି ଆପୋଷ ବୁଝାମଣାରେ ପରସ୍ପରଠାରୁ ଅଲଗା ହେବାର ନିଷ୍ପତ୍ତି ନେଉଥିବାର ଦେଖାଯାଉଛି । ଭାରତୀୟ ସଭ୍ୟତାରେ ସେପରି ନାହିଁ । ଅଧିକାଂଶଙ୍କ କହିବାର କଥା ହେଲା, ବାହାଘର ଖେଳଘର ନୁହେଁ । ପରସ୍ପର ମନ ମିଶାଇ ଆଜୀବନ ଚଳିବା ହିଁ ବିବାହର ପ୍ରଥମ ଓ ପ୍ରମୁଖ ନିୟମ । ଆମ ଦେଶରେ ଗାଁଗଣ୍ଡାଠାରୁ ଆରମ୍ଭ କରି ନଗର, ମହାନଗରୀ ପର୍ଯ୍ୟନ୍ତ ହିସାବ କଲେ ୪୦%ରୁ ଅଧିକ ବୟସ୍କ ଦମ୍ପତି ସେମାନଙ୍କ ୫୦ତମ ବିବାହବାର୍ଷିକୀ ପାଳନ କରିସାରିଥିବାର ଜାଣିବେ । ତେବେ ନିକଟରେ ହୋଇଥିବା ଏକ ଅନ୍-ଲାଇନ୍ ସର୍ବେକ୍ଷଣରୁ ଜଣାପଡ଼ିଛି, ମାତ୍ର ୭% ଆମେରିକୀୟ ଦମ୍ପତି ସେମାନଙ୍କ ୫୦ ତମ ବିବାହ ପୂର୍ତ୍ତି କରିଥାନ୍ତି । ଅନ୍ୟମାନେ ବିବାହର କିଛି ବର୍ଷ ପରେ ହିଁ ପରସ୍ପରଠାରୁ ଅଲଗା ହୋଇଯାଇଥିବାର ଦେଖାଯାଇଛି । ଆମେରିକା ବାସିନ୍ଦା ୧୦୨ ବର୍ଷୀୟ ରାଲ୍ଫ କୋହଲର୍ ଓ ତାଙ୍କ ପତ୍ନୀ ୧୦୦ ବର୍ଷୀୟା ଡୋରୋଥି ରେଡିଙ୍ଗ ନିକଟରେ ସେମାନଙ୍କ ୮୪ତମ ବିବାହ ବାର୍ଷିକୀ ପାଳନ କରିଛନ୍ତି । ଖୁବ୍ କମ୍ ବୟସରେ ଦୁହେଁ ବିବାହ କରିଥିବାରୁ ସେମାନଙ୍କୁସେ ସମୟରେ ବନ୍ଧୁବାନ୍ଧବ କହିଥିଲେ, ଅତି ଶୀଘ୍ର ସେମାନଙ୍କ ବିଚ୍ଛେଦ ହେବ । ହେଲେ ଦୁହିଁଙ୍କ ବୁଝାମଣା ହିଁ ସେମାନଙ୍କ ବୈବାହିକ ଜୀବନକୁ ଦୀର୍ଘ କରିଥିବାର କହିଛନ୍ତି । ମନୋମାଳିନ୍ୟ ହୋଇଛି ସତ, କିନ୍ତୁ ବିଚ୍ଛେଦ ସେସବୁର ସମାଧାନ ନଥିଲା ବୋଲି କହିଛନ୍ତି ରାଲ୍ଫ । ତାଙ୍କର ୩ ପିଲା, ସମସ୍ତେ ଖୁସିରେ ଅଛନ୍ତି । ଚତୁର୍ଥ ପିଢ଼ି ଦେଖିସାରିଲେଣି ଏଇ ବୟସ୍କ ଦମ୍ପତି ପିଲାମାନଙ୍କୁ ସବୁବେଳେ ପରାମର୍ଶ ଦେଇଆସୁଛନ୍ତି, ସୁଖୀ ପରିବାରର ମୁଖ୍ୟ ସୂତ୍ର ହେଲା ବୈବାହିକ ଜୀବନକୁ ସଫଳ କରିବା ।




## ଲେମ୍ବୁ ଜୁସ୍ ପିଇଲେ ବଢ଼ିବ ରୋଗ ପ୍ରତିରୋଧକ ଶକ୍ତି

ଲେମ୍ବୁରେ ବହୁ ଔଷଧୀୟ ଗୁଣ ରହିଛି । ମଣିଷ ଶରୀରରେ ଜଳୀୟ ଅଂଶ ବୃଦ୍ଧିରେ ଲେମ୍ବୁ ପାଣି ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରେ । ଆମେ କେଉଁ କାଳରୁ ଏହି ଉପାୟକୁ ପ୍ରୟୋଗ କରି ଆସୁଛୁ । ଘରେ ଘରେ ପରିଚିତ ଏହି ଲେମ୍ବୁ ପାଣି ଏବେ କରୋନା ବିରୋଧୀ ଲଢ଼େଇରେ ଗେମ ଚେଞ୍ଜର ସାବ୍ୟସ୍ତ ହେଉଛି ।

ବିଶେଷଜ୍ଞଙ୍କ ମତରେ ପ୍ରତିଦିନ ସକାଳେ ଉଷୁମ୍ ପାଣିରେ ଲେମ୍ବୁ ଓ ଲୁଣ ମିଶାଇ ପିଇଲେ ଶରୀରରେ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି ପାଇଥାଏ । ଯାହା ମହାମାରୀ କରୋନାକୁ ମାତ୍ ଦେବାରେ ସକ୍ଷମ ହୋଇଥାଏ । ସମଗ୍ର ବିଶ୍ୱ କରୋନା ମାୟା ଜାଲରେ ଛନ୍ଦି ହୋଇ ପଡ଼ିଥିବା ବେଳେ ଲେମ୍ବୁ ପାଣିର ଉପକାରୀତା ସମ୍ପର୍କରେ ନୋଏଡା ସ୍ଥିତ ଫୋରଟ୍ସି ହସ୍ପିଟାଲର ମୁଖ୍ୟ Nutritionist ଡାକ୍ତର ନମୀତା ନାଦାର ଏହି ସୂଚନା ଦେଇଛନ୍ତି । ତାଙ୍କ ମତରେ ପ୍ରତିଦିନ ସକାଳେ ଉଷୁମ୍ ପାଣିରେ ଲେମ୍ବୁ ଓ ଲୁଣ ମିଶାଇ ପିଇଲେ ଶରୀରରେ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି ପାଇଥାଏ । ଯାହା ଯେକୌଣସି ବିଦେଶୀ ଭୂତାଣୁ ବିରୋଧରେ ଲଢ଼େଇ କରିବାକୁ ସକ୍ଷମ ।



## ଶରୀରକୁ ଥଣ୍ଡା ରଖିବା ସହ ଏହି ସବୁ ରୋଗକୁ ଦୂର କରିଥାଏ ଆଖୁର ରସ

**ଖରାଦିନେ ଲୋକମାନେ ଥଣ୍ଡାଜାତୀୟ ଜିନିଷକୁ ଖାଇବାକୁ ପସନ୍ଦ କରିଥାନ୍ତି । ବିଶେଷ କରି ଲୋକମାନେ ନଡ଼ିଆ ପାଣି ପିଇବାକୁ ଭଲ ପାଉଥିବା ବେଳେ କିଛି ଲୋକ ଆଖୁର ରସରୁ ମିଳୁଥିବା ଫାଇଦା ବିଷୟରେ ଜାଣି ପାରନ୍ତି ନାହିଁ, ଯାହା ଦ୍ୱାରା ସେମାନେ ଆଖୁ ରସ ପିଇବାକୁ ସେତେଟା ଗୁରୁତ୍ୱ ଦେଇ ନଥାନ୍ତି । ତେବେ ଆଜି ଆମେ ଖରା ଦିନେ ଆଖୁର ରସରୁ ମିଳୁଥିବା ଫାଇଦା ବିଷୟରେ ଜଣାଇବୁ ।**

ଆଖୁର ରସରେ ୧୧୧କ୍ୟାଲୋରୀ, ୨୭ଗ୍ରାମ କାର୍ବୋହାଇଡ୍ରେଟ୍, ୦.୨୭ଗ୍ରାମ୍ ପ୍ରୋଟିନ୍ ଏବଂ ୧୩ଗ୍ରାମ୍ ଡାଏଟ୍ରୀ ଫାଇବର ରହିଥାଏ । ଏହା ସହ ପ୍ରଚୁର ପରିମାଣରେ ମ୍ୟାଗ୍ନେସିୟମ୍, ପୋଟାସିୟମ୍, କ୍ୟାଲ୍‌ସିୟମ, ଫସ୍‌ଫରସ୍ ଇତ୍ୟାଦି ରହିଥାଏ । ଆସନ୍ତୁ ଜାଣିବା ଏହାର ଫାଇଦା....



୧. ଆଖୁର ରସ ପିଇବା ଦ୍ୱାରା ଶରୀରରେ ଥିବା ବିଷାକ୍ତ ପଦାର୍ଥ ବାହାରକୁ ବାହାରି ଯାଇଥାଏ, ଯାହାଦ୍ୱାରା ଓଜନ କମ୍ ହୋଇଥାଏ । ମୋଟାପଣର ଶିକାର ଥିବା ଲୋକେ ଏହାକୁ ପିଇ ପାରିବେ ।

୨. ଏଥିରେ ପୋଟାସିୟମ୍, କ୍ୟାଲ୍‌ସିୟମ, ମ୍ୟାଗ୍ନେସିୟମ୍ ଏବଂ ଆଇରନର ମାତ୍ରା ଅଧିକ ରହିଥାଏ, ଯାହା ଶରୀରକୁ କର୍କଟ ରୋଗରୁ ରକ୍ଷା କରିଥାଏ । ଏହା ଶରୀରକୁ ପ୍ରୋଷ୍ଟେଟ୍ ଏବଂ ସ୍ତନ କର୍କଟରୁ ରକ୍ଷା କରିଥାଏ ।

୩.ଆଖୁର ରସ ମିଠା ଥିଲେ ମଧ୍ୟ ଏଥିରେ ପ୍ରାକୃତିକ ସୁଗାର ରହିଥାଏ, ଯାହା ମଧୁମେହ ରୋଗୀଙ୍କ ପାଇଁ ଲାଭଦାୟକ ସାବ୍ୟସ୍ତ ହୋଇଥାଏ ।

୪.ଆଖୁ ରସରେ କୋଲେଷ୍ଟ୍ରଲ କମ ରହିଥାଏ, ଯାହା ହୃଦୟରେ ଜମିଥିବା ଫ୍ୟାଟ୍‌କୁ ଜମିବାକୁ ଦେଇ ନଥାଏ ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧ ମଇ ୨୦୨୧, ଶନିବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଦେଶ ଭୟଙ୍କର ସ୍ଥିତିରେ...

ଦେଶରେ ଯେଉଁ ମାତ୍ରାରେ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି, ଓଡ଼ିଶାରେ ମଧ୍ୟ ତା'ର ଅନୁରୂପ ପ୍ରଭାବ ଦେଖିବାକୁ ମିଳୁଛି। ବିଶେଷକରି ଗତ ଏକ ସପ୍ତାହ ଧରି ରାଜ୍ୟରେ ଯେଉଁ ମାତ୍ରାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇଛି, ତାହା ପ୍ରଶାସନ ଆଖିରୁ ଲୁହ ହଜାଇ ଦେଇଛି। ଗତ ବୁଧବାର ଦିନ ସାରା ରାଜ୍ୟରେ ୮ ହଜାର ୩୮୬ଜଣ ନୂତନ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ କେବଳ ରାଜଧାନୀ ଭୁବନେଶ୍ୱରରୁ ୧ ହଜାର ୪୪ଜଣ ଥିବା ଜଣାପଡ଼ିଥିଲା। ଏହି ସଂଖ୍ୟାକୁ ଯଦି ଆହୁରି ବିଶ୍ଳେଷଣ କରି ଦେଖାଯାଏ ତେବେ ରାଜଧାନୀରେ ପ୍ରତି ଘଂଟାରେ ୪୩.୫ ଜଣ ନୂତନ ଭାବେ ଆକ୍ରାନ୍ତ ହେଉଥିବା ଗାଣିତିକ ହିସାବ ସୂଚାଏ। ଏହି ମାତ୍ରା ଦେଶର ଅନ୍ୟ ଯେକୌଣସି କ୍ଷିପ୍ର ସଂକ୍ରମିତ ରାଜ୍ୟର ମାତ୍ରା ସଙ୍ଗେ ସମାନ। ଭୁବନେଶ୍ୱର-କଟକ ଦ୍ୱୈତ ନଗରୀ ଏବେ ଗୋଷ୍ଠୀ ସଂକ୍ରମଣର ଦ୍ୱାରଦେଶରେ ପହଂଚି ସାରିଛି ଅବା ତାହା ଆରମ୍ଭ ହୋଇସାରିଛି। ଏହା ସାଧାରଣ ଲୋକଙ୍କ ଆଶଙ୍କା ନୁହେଁ, ଡାକ୍ତର ଏବଂ ବିଶେଷଜ୍ଞମାନଙ୍କ ଆକଳନ। ଏହି ବାସ୍ତବତାକୁ ଯଦି ଗୁରୁତର ସହ ଗ୍ରହଣ କରାଯାଏ ଏବଂ ମେ' ମାସ ଦ୍ୱିତୀୟାର୍ଦ୍ଧ ପର୍ଯ୍ୟନ୍ତ ସଂକ୍ରମଣ ବୃଦ୍ଧି ଆଶଙ୍କାକୁ ହିସାବ କରାଯାଏ ତେବେ କରୋନାର ଯେଉଁ ସୁନାମି ମହାରାଷ୍ଟ୍ର, ଦିଲ୍ଲୀ ଆଦି ରାଜ୍ୟରେ ଏବେ ଦେଖାଦେଇଛି ତାହା ଓଡ଼ିଶାର ମଧ୍ୟ ଆରମ୍ଭ ହୋଇଯିବ। ଗୋଷ୍ଠୀ ସଂକ୍ରମଣ ରୋଗର ଭୟାବହତା ଓ ସଂକ୍ରମଣ କ୍ଷମତା ଯୋଗୁ ସେତିକି ନୁହେଁ, ଲୋକମାନଙ୍କ ବିଶୃଙ୍ଖଳିତ ଜୀବନଶୈଳୀ ଓ ଆତଯାତ ଯୋଗୁ ସେତିକି ମାତ୍ରାରେ ଘଟିବାକୁ ଯାଉଛି ବୋଲି ବିଶେଷଜ୍ଞମାନେ ଚେତାବନୀ ଶୁଣାଇଛନ୍ତି। ପ୍ରଥମ ଲହର ବେଳେ ଲୋକମାନଙ୍କ ମନରେ କରୋନା ପାଇଁ ଯେତିକି ଭୟ ଥିଲା ଏବେ ତାହା ଛାଡ଼ିସାରିଛି। ଏଥିପାଇଁ ହିଁ ଭାରତରେ ଦ୍ୱିତୀୟ ଲହର ଏତେ ଭୟଙ୍କର ଆକାର ଧାରଣ କରିଛି। କିନ୍ତୁ ଯଦି ଗୋଷ୍ଠୀ ସଂକ୍ରମଣ ନିୟନ୍ତ୍ରଣହୀନ ଅବସ୍ଥାକୁ ଆସିଯାଏ, ତେବେ ସଂକ୍ରମିତଙ୍କ ସଂଖ୍ୟା ଯେତିକି ବୃଦ୍ଧି ପାଇବ, ସେତିକି ମାତ୍ରାରେ ଚିକିତ୍ସାସେବା ଯଥା ମେଡିକାଲ ବେଡ୍, ଭେଂଟିଲେଟର, ଆଇସିୟୁ, ଅକ୍ସିଜେନ ଓ ଔଷଧ ଆବଶ୍ୟକ ପଡ଼ିବ। କେବଳ ସେତିକି ନୁହେଁ, ମୃତ୍ୟୁସଂଖ୍ୟା ମଧ୍ୟ ସେହି ଅନୁପାତରେ ବଢ଼ିବ, ଏହା ସୁନିଶ୍ଚିତ। ଏହି ଅନୁପାତରେ ରାଜ୍ୟରେ ସଂକ୍ରମଣ ବୃଦ୍ଧି ପାଇଲେ ମେ' ମାସ ମଧ୍ୟଭାଗ କିମ୍ବା ଏହା ପରକୁ ଦୈନିକ ସଂକ୍ରମିତଙ୍କ ସଂଖ୍ୟା ହୁଏତ ପନ୍ଦର ହଜାରକୁ ଟପିଯିବ। ଏହାକୁ ରୋକିବାର ଏକମାତ୍ର ଉପାୟ ହେଲା କଠୋର କଟକଣା। ଏ ପର୍ଯ୍ୟନ୍ତ ସରକାର ଯେତେ ଯେତେ ନିୟନ୍ତ୍ରଣମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି ତାହା ଲୋକମାନଙ୍କୁ କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ନହେବା ପାଇଁ କରାଯାଇଛି। କଠୋର ପଦକ୍ଷେପ କହିଲେ ସଂପୂର୍ଣ୍ଣ ଲକ୍‌ଡାଉନ୍ ଅବା ସଟ୍‌ଡାଉନ। ଏହା ଲୋକମାନଙ୍କ ପାଇଁ ଯେତିକି ସମସ୍ୟା ସୃଷ୍ଟି କରିବ ତା'ଠାରୁ ଅଧିକ ଅସୁବିଧାରେ ପଡ଼ିବ କ୍ଷୁଦ୍ର ବ୍ୟବସାୟୀମାନେ। କିନ୍ତୁ ଲକ୍ଷ୍ୟ କରାଯାଉଛି ଯେ, ଲୋକମାନଙ୍କ ଅବାଧ ବିଚରଣ ଏବଂ ବଜାରରେ ଗହଳଚହଳ ବୃଦ୍ଧି ଏବେ ସଂକ୍ରମଣର ମୂଳ କାରଣ ପାଲଟିଛି। ରାଜଧାନୀ ସମେତ ଅନ୍ୟାନ୍ୟ ସ୍ଥାନରେ ପୁଲିସ ମାର୍କେଟସ୍ଥଳୀକୁ ବନ୍ଦ କରିବା ପଛରେ ଥିବା କାରଣଟି ହେଲା ଲୋକମାନଙ୍କ ବିଶୃଙ୍ଖଳ ଆଚରଣ। ସାମଜିକ ଦୂରତା ମାସ୍କ ନ ପିନ୍ଧି ନିର୍ଭୟରେ ଫାଷ୍ଟଫୁଡ୍ ଓ ଅନ୍ୟାନ୍ୟ ବିପଣନ କେନ୍ଦ୍ର ସାମ୍ନାରେ ଭିଡ଼ ଜମାଇବା ବାସ୍ତବିକ୍ ଦୁର୍ଭାଗ୍ୟଜନକ। ଏଥିରେ ସେମାନେ କେବଳ ନିଜ ପାଇଁ ବିପଦ ସୃଷ୍ଟି କରୁନାହାନ୍ତି, ଅନ୍ୟମାନଙ୍କ ପାଇଁ ମଧ୍ୟ ସମାନୁପାତିକ ବିପଦର ଆଶଙ୍କା ଜନ୍ମାଉଛନ୍ତି। ୟୁରୋପ, ଆମେରିକା ଏପରିକି ଚୀନ୍‌ରେ କରୋନା ନିୟନ୍ତ୍ରିତ ହୋଇପାରିଥିବା ପଛରେ ଥିବା ଏକମାତ୍ର କାରଣ ହେଉଛି ଲୋକମାନଙ୍କ ଶୃଙ୍ଖଳାବୋଧ ଏବଂ ସରକାରଙ୍କ ତରଫରୁ ଜାରି କରାଯାଇଥିବା କଠୋର କଟକଣା। ନମାନିଲେ ତଣ୍ଡ ଗଣିବାକୁ ପଡ଼ିବ ଓ ଦଣ୍ଡ ଭୋଗିବାକୁ ହେବ। କିନ୍ତୁ ଭାରତରେ ଏହାର କୋହଣପଣିଆ ହିଁ ଦେଶକୁ ବିପଦର ଦ୍ୱାରଦେଶରେ ଠିଆ କରାଇଛି। କେବଳ ଦ୍ୱୈତ ନଗରୀ ନୁହେଁ, ରାଜ୍ୟକୁ ଏବେ ଏହି ସଂକଟରୁ ମୁକ୍ତ ରଖିବାକୁ ହେଲେ ଜନସାଧାରଣଙ୍କୁ ଆତ୍ମଶୃଙ୍ଖଳା ଆପଣାଇବାକୁ ପଡ଼ିବ।

## ଆନ୍ତର୍ଜାତିକ ଶ୍ରମିକ ଦିବସ ; ଏକ ଅଧ୍ୟୟନ



ଡକ୍ଟର ଶ୍ରୀହରି ପଣ୍ଡା

ଶ୍ରମିକମାନେ ଦେଶର ଗୁରୁତ୍ୱପୂର୍ଣ୍ଣ ଅଂଶ । ସେମାନଙ୍କୁ ଅବହେଳା କରି କୌଣସି ଦେଶ ଅଗ୍ରଗତି କରିନାହିଁ କିପାରିବ ନାହିଁ । ଶ୍ରମ ବିନା ସମୃଦ୍ଧି ଅସମ୍ଭବ । ଯେଉଁ ଦେଶ ଶ୍ରମ ଓ ସମୟର ଅର୍ଥ ବୁଝେ ସେ ଦେଶ ସେତେ ଉନ୍ନତ । ମାହାତ୍ମା ଗାନ୍ଧୀଙ୍କ ଉକ୍ତିରେ " ଜାତୀୟ ଉନ୍ନତି ପାଇଁ କାହାରି ଆବଶ୍ୟକ ଥାଉ କି ନ ଥାଉ କିନ୍ତୁ ଶ୍ରମିକମାନଙ୍କର ଆବଶ୍ୟକତା ବିନା କୌଣସି ଦେଶ ଆଗେଇ ପାରିବ ନାହିଁ । " ମାତ୍ର ଏପର୍ଯ୍ୟନ୍ତ ଶ୍ରମର ବାସ୍ତବ ମୂଲ୍ୟାୟନ ହୋଇପାରିନାହିଁ । ଶ୍ରମର ମୂଲ୍ୟ ମଧ ସମୟେ ସମୟେ କଳନା କରିବା ସାଧ୍ୟାତୀତ ହୋଇଥାଏ । ଏଣୁ ବହୁ ଶ୍ରମଜୀବୀ ଉପେକ୍ଷିତ ଓ ଅବହେଳିତ ହେବାକୁ ବାଧ । ରୋଟି, କପଡା ଓ ବାସସ୍ଥାନ ପାଇଁ ଶ୍ରମିକଟି ନିଷ୍ପେସିତ ହେଉଥିଲା । ପୂର୍ବେ ଶ୍ରମିକ ତାର ନିଜ ପାଇଁ ନୁହେଁ ବରଂ ଅନ୍ୟର ସୁଖ ପାଇଁ କଠିନ ପରିଶ୍ରମ କରିବାକୁ ବାଧ ହେଉଥିଲା । ଶ୍ରମିକ ହାଟରେ ଗୃହପାଳିତ ପଶୁଭଳି ବିକ୍ରି ହେଉଥିଲା । ଲୁହାକଣ୍ଟା ଓ ଚାବୁକର ପ୍ରହାରରେ ଝରୁଥିବା ତା ଦେହର ରକ୍ତ ବିନିମୟରେ ତାର ମୂଲ୍ୟାୟନ ହେଉଥିଲା । କିନ୍ତୁ ସମୟ ବଦଳିଲା, ସମାଜବାଦୀଙ୍କ ଦୃଷ୍ଟିକୋଣ ପରିବର୍ତ୍ତନ ହେଲା । ଶ୍ରମର ମୂଲ୍ୟ ବୁଝିବାକୁ ଚେଷ୍ଟା କରାଗଲା । ଶ୍ରମ ବିନା ଦେଶର ଅଗ୍ରଗତି ସମ୍ଭବ ନୁହେଁ ବୋଲି ଜାଣି ଶ୍ରମିକକୁ ତାର ଗୌରବ ପ୍ରଦାନ କରାଗଲା । ପ୍ରଥମେ ମଣିଷ କେବଳ କୃଷିକ୍ଷେତ୍ରରେ ଖଟୁଥିଲା । ପରେ ମଣିଷର ବିକାଶ ଧାରାରେ କ୍ଷେତ, ଖଣି, କାରଖାନା, ଗୃହନିର୍ମାଣ, ରାସ୍ତାଘାଟ, ପୋଲ, ବନ୍ଦର, ପରିବହନ ପ୍ରଭୃତି ବହୁ କ୍ଷେତ୍ରରେ କାମ କରିବାର ସୁଯୋଗ ଆସିଲା ।ଏଥିପାଇଁ ଶ୍ରମବିଭାଗ, ଶ୍ରମ ଆଇନମାନ କରାଗଲା । ବିଭାଗ ଦ୍ୱାରା ଶ୍ରମଜୀବୀଙ୍କୁ ତାଲିମ ପ୍ରଦାନ କରାଯାଇ କୁଶଳୀ କରାଗଲା । ସେହି ଅନୁପାତରେ ତାଲିମ, ଅଣତାଲିମ ପ୍ରାପ୍ତ ଇତ୍ୟାଦି ଶ୍ରମିକମାନଙ୍କର ପ୍ରାପ୍ୟ ସ୍ଥିର ହେଲା । ଅପେକ୍ଷାକୃତ ଶ୍ରମିକର ଆୟ ବୃଦ୍ଧି ହେବା ସହ ସମାଜର ସମ୍ମାନର ସହ ବଞ୍ଚିବା ଶିଖିଲା । ମାତ୍ର ଏ ସବୁ ସତ୍ତ୍ୱେ ଆଜି ବି କେତେକ ସ୍ଥାନରେ ଶ୍ରମିକମାନେ ହିଂସାର ଶିକାର ହେବା ମାଲିକଙ୍କ ଦ୍ୱାରା ଶୋଷିତ ହେବାର ଖବର ପୁଣି ଶ୍ରମିକ ଆନ୍ଦୋଳନଟିଏ ଆବଶ୍ୟକତା ଏବଂ ପୂର୍ବର ଶ୍ରମିକ ଆନ୍ଦୋଳନର ସେହି ରୋମଟାଙ୍କୁରା ଦୃଶ୍ୟକୁ ମନେ ପକାଇ ଦିଏ ।

ପୂର୍ବେ ଶ୍ରମିକମାନଙ୍କୁ ଦିନରାତି ମାଲିକର ଇଚ୍ଛାନୁସାରେ ଅଳ୍ପ ମୂଲ୍ୟରେ ଖଟିବାକୁ ପଡୁଥିଲା । ଭିନ୍ନ ଅର୍ଥରେ କହିବାକୁ ଗଲେ ବେଠି ଖଟୁଥିଲେ । ଦରିଦ୍ରତା ପାଇଁ ସେମାନେ ମୁଣ୍ଡ ଟେକିପାରୁନଥିଲେ । ସୂର୍ଯ୍ୟୋଦୟଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ସେମାନଙ୍କୁ ମାଲିକର ଆଦେଶ ମାନି ପରିଶ୍ରମ କରିବାକୁ ପଡୁଥିବାରୁ ପ୍ରଥମଥର ପାଇଁ ୧୮୦୬ ମସିହାରେ ସଂଘବଦ୍ଧ ହୋଇ ଏହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ ହେଁ ଏହାର ସୁଫଳ କିଛି ମିଳିନଥିଲା । ଏହାର ୮୦ବର୍ଷପରେ ଏହି ଆନ୍ଦୋଳନ ସାକାର ରୂପ ନେଲା । ୧୮୮୬ ମସିହାରେ ଆମେରିକାର ଚିକାଗୋ ସହରରେ ପ୍ରାୟ ସାଢେ ତିନି ଲକ୍ଷ ଶ୍ରମିକ ଆଠଘଣ୍ଟା କାମର ନିର୍ଘଣ୍ଟ ଦାବୀକରି ଆନ୍ଦୋଳନ କଲେ । ଶ୍ରମିକ ଆନ୍ଦୋଳନକୁ ଧ୍ୱଂସ କରିବାକୁ ମାଲିକ ଓ ସରକାର ଚୁପ ହୋଇ ବସିଲେ ନାହିଁ । ଚିକାଗୋର ଶିଳ୍ପପତିମାନେ ଶ୍ରମିକମାନଙ୍କ ଉପରେ ପାଲଟା ଆକ୍ରମଣ କରିବାକୁ ପ୍ରସ୍ତୁତ ହେଲେ । ଅନେକ କାରଖାନା ମାଲିକ ଘୋଷଣା କଲେ ଯେଉଁମାନେ ଧର୍ମଘଟରେ ସାମିଲ ହୋଇଥିଲେ ସେମାନଙ୍କ ଉପରକୁ ଗୁଳିବର୍ଷଣ ହେବ । ମ୍ୟାକ କରମିକ ହାରଭେଷ୍ଟ ପ୍ଲାଣ୍ଟର ଧର୍ମଘଟକାରୀ ୩୦୦ ଶ୍ରମିକଙ୍କୁ ପୁଲିସ କର୍ଡନ ଭିତରେ ରାସ୍ତାକୁ ଆଣାଗଲା । ଏହାକୁ ପ୍ରତିରୋଧ କରିବା ପାଇଁ ନିକଟସ୍ଥ କାରଖାନାର ଶ୍ରମିକମାନେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ କଲେ । ପୁଲିସ ଗୁଳିଚାଳନା କଲେ । ପୁଞ୍ଜିପତିର ଅହଂକାର ଆଗରେ ସେ ଦିନ ଚିକାଗୋର ସେହି ରାସ୍ତା ରକ୍ତରଞ୍ଜିତ ହେଲା ଛଅ ଜଣ ନିରସ୍ତ୍ର ଶାନ୍ତିପ୍ରିୟ ଶ୍ରମିକର ଗରମ ରକ୍ତରେ । ଏହାର ପ୍ରତିବାଦରେ ମେ ୪ ତାରିଖରେ ଚିକାଗୋର 'ହେ ମାର୍କେଟ' ସ୍କୟାରରେ ସଭା ହେଲା । ସଭା ସରିବା ବେଳକୁ କେହି ଜଣେ ଦୁର୍ବୃତ୍ତ ବୋମା ଫୋପାଡି ଦେବାରୁ ୭ ଜଣ ପୁଲିସ ଓ ୪ ଜଣ ଶ୍ରମିକଙ୍କର ମୃତ୍ୟୁ ହେଲା । ଏହାପରେ ପୁଲିସର ଦମନ ଲୀଳା ଆରମ୍ଭ ହୋଇଗଲା । ସେହି ନୃଶଂସ ଆକ୍ରମଣରେ 'ହେମାର୍କେଟ' ଲାଲ ହୋଇ ଉଠିଲା । ଅନେକ ନେତା ବନ୍ଦୀ ହେଲେ । ସେମାନଙ୍କ ନାମରେ ମିଥ୍ୟା ମକଦ୍ଦମା ହୋଇ ଶେଷରେ ଶ୍ରମିକନେତାମାନଙ୍କୁ ୧୮୮୭ ନଭେମ୍ବର ୧୧ ତାରିଖରେ ଫାଶୀ ଖୁଣ୍ଟରେ ଝୁଲାଇ ଦିଆଗଲା ଓ କିଛିଙ୍କୁ ଜେଲଦଣ୍ଡ ଦିଆଗଲା । ଶ୍ରମିକ ଆନ୍ଦୋଳନକୁ ଚପାଇ ଦେବାର ହୀନଚକ୍ରାନ୍ତରେ ସମସ୍ତେ ପ୍ରାୟ ସାମିଲ ଥିଲେ । ବିଚାର ବିଭାଗର ଏତାଦୃଶ କାର୍ଯ୍ୟ ସାରା ବିଶ୍ୱରେ ଗୁଞ୍ଜରଣ ସୃଷ୍ଟିହେଲା । ୧୮୮୯ ଜୁଲାଇ ୧୪ ତାରିଖରେ ପ୍ୟାରିସ ସହରରେ ବିଭିନ୍ନ ଦେଶର ସୋସିଆଲିଷ୍ଟମାନେ ଏକତ୍ର ହୋଇ ଦ୍ୱିତୀୟ ଆନ୍ତର୍ଜାତିକ ଗଠନ କଲେ । ଏହି ଦ୍ୱିତୀୟ ଆନ୍ତାର୍ଜାତିକ ଶ୍ରମିକ ଦିବସରେ ଆମେରିକାର ଶ୍ରମିକମାନଙ୍କର ବୀରତ୍ୱପୂର୍ଣ୍ଣ କାର୍ଯ୍ୟକୁ ମନେପକାଇ ସେମାନଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ୧୮୯୦ ମଇ ପହିଲାକୁ ଆନ୍ତର୍ଜାତିକ ଶ୍ରମିକ ଦିବସ ରୂପେ ପାଳନ କରିବାକୁ ନିଷ୍ପତ୍ତି ନେଲେ । ସେବେଠାରୁ ବିଭିନ୍ନ ରାଷ୍ଟ୍ରରେ ମଇ ପହିଲାକୁ ଆନ୍ତର୍ଜାତିକ ଶ୍ରମିକ ଦିବସ ରୂପରେ ପାଳନ କରିଆସୁଛନ୍ତି ।

ଯଦିଓ ଆଠଘଣ୍ଟା କାର୍ଯ୍ୟ ସମୟର ଦାବୀ ନେଇ ୧୮୮୬ ମଇ ପହିଲାରୁ ଧର୍ମଘଟ ଆରମ୍ଭ ହୋଇଥିଲା କିନ୍ତୁ ଏହାର ସୂତ୍ର ୧୮୮୪ ମସିହାରେ ଯୁକ୍ତରାଷ୍ଟ୍ରରେ ଆରମ୍ଭ ହୋଇଥିବା ସାଧାରଣ ଧର୍ମଘଟରୁ ଅନୁସନ୍ଧାନ କରିବାକୁ ହେବ । ୨୦ ଅଗଷ୍ଟ ୧୮୬୬ ରେ ବାଲଟିମର ସହରରେ ୪୦ ଗୋଟି ଟ୍ରେଡ ୟୁନିଅନ ଏକାଠି ହୋଇ ଉଇଲିଅମ ଏଚ ସିଲଭିସଙ୍କ ନେତୃତ୍ୱରେ ନ୍ୟାସନାଲ ଲେବର ୟୁନିଅନ ଗଠନ ହେଲା । ଏହାର ପ୍ରଥମ ବୈଠକରେ ଆଠଘଣ୍ଟା କାର୍ଯ୍ୟ ସମୟର ଦାବୀ ସର୍ବସମ୍ମତ କ୍ରମେ ଗୃହୀତ ହେଲା । ସିଲଭିସଙ୍କ ନେତୃତ୍ୱରେ ଆନ୍ଦୋଳନ ଶକ୍ତିଶାଳୀ ହେଉଥିବା ସମୟରେ ତାଙ୍କର ମୃତ୍ୟୁ ହୋଇଥିଲେ ହେଁ ଏହି ଆନ୍ଦୋଳନ କେବଳ ଆମେରିକାରେ ନୁହେଁ ବରଂ ସାରା ବିଶ୍ୱକୁ ପ୍ରସାରିତ ହେଲା । ୧୮୬୬ ରେ ଜେନେଭାରେ ପ୍ରଥମ ଆନ୍ତର୍ଜାତିକ କଂଗ୍ରେସ ଏହାକୁ ସମର୍ଥନ କଲା । ୧୮୬୭ରେ କାର୍ଲମାର୍କ୍ସ ମଧ ଏହି ଦାବୀକୁ ସମର୍ଥନ ଜଣାଇଲେ । ଏହି ଆନ୍ଦୋଳନ ଆଣ୍ଟାଲଟିକଠାରୁ ପ୍ରଶାନ୍ତ ମହାସାଗର ପର୍ଯ୍ୟନ୍ତ ନିୟୁ ଇଂଲଣ୍ଡଠାରୁ କାଲିଫର୍ଣ୍ଣିଆ ପର୍ଯ୍ୟନ୍ତ ବ୍ୟାପୀଗଲା ।ଏହାର ପ୍ରଭାବରେ ଭାରତରେ ମଧ ହାଉଡା ରେଳକର୍ମଚାରୀମାନେ ଆଠଘଣ୍ଟାର କାର୍ଯ୍ୟ ସମୟ ଦାବୀକଲେ । ୧୮୮୦ରେ ପୋଷ୍ଟମ୍ୟାନମାନେ, ୧୮୯୫ରେ ବମ୍ବେର ଡାକକର୍ମଚାରୀ ଓ କଳକାରଖାନାର ଶ୍ରମିକମାନେ ଆନ୍ଦୋଳନ ଆରମ୍ଭ କଲେ । ୧୯୧୮ ମସିହା ପ୍ରଥମ ବିଶ୍ୱଯୁଦ୍ଧ ବେଳକୁ ଏହି ଆନ୍ଦୋଳନ ତୀବ୍ର ରୂପ ଧାରଣ କରିସାରିଥିଲା । ଋଷବିପ୍ଳବ ଏହି ଶ୍ରମିକ ଆନ୍ଦୋଳନକୁ ଅଧିକ ଶକ୍ତିଶାଳି କଲା । ଫଳରେ ୧୯୨୦ ମସିହା ବେଳକୁ ସାରା ବିଶ୍ୱରେ ବହୁ ଟ୍ରେଡ ୟୁନିଅନ ପ୍ରତିଷ୍ଠା ଲାଭ କଲା ।

ଭାରତର ଶ୍ରମିକ ଆନ୍ଦୋଳନକୁ ତିନି ପର୍ଯ୍ୟାୟରେ ବିଭକ୍ତ କରାଯାଇପାରେ । ୧୮୫୦ରୁ ୧୯୦୦ ପର୍ଯ୍ୟନ୍ତ ଶ୍ରମିକ ଆନ୍ଦୋଳନର ପ୍ରାତଃକାଳ ହୋଇଥିବାବେଳେ ୧୯୦୦ ରୁ ୧୯୧୪ ପର୍ଯ୍ୟନ୍ତ ଟ୍ରେଡ ୟୁନିଅନ ଆନ୍ଦୋଳନ ପର୍ଯ୍ୟାୟ ଏବଂ ୧୯୧୫ ରୁ ୧୯୪୭ ପର୍ଯ୍ୟନ୍ତ ଟ୍ରେଡୟୁନିଅନ ଏବଂ ଶ୍ରମିକ ଚେତନାର ଯୁଗ । ଏହିଠାରୁ ହିଁ ନୂତନ ସଭ୍ୟତାର ଆରମ୍ଭ ହେଲା । ପୃଥିବୀର ଅନ୍ୟାନ୍ୟ ଦେଶର ଶ୍ରମିକମାନେ ସେମାନଙ୍କର ଅଧିକାର ସାବ୍ୟସ୍ତ କଲେ । ଏହି ଆନ୍ଦୋଳନ ଶ୍ରମିକମାନଙ୍କର କିଛି ଅର୍ଥନୈତିକ ସୁବିଧା ହାସଲ କଥା ମନେ ପକାଇ ଦିଏନା ବରଂ ଶ୍ରମିକମାନଙ୍କ ପ୍ରାଣରେ ଆତ୍ମମର୍ଯ୍ୟଦା, ସୁରକ୍ଷା ଓ ଅଧିକାର ପାଇଁ ଅତୀତରୁ ବହୁ ରକ୍ତକ୍ଷୟୀ ଅଧ୍ୟାୟର ମଧ ସ୍ମରଣ କଲରାଇଦିଏ ।

ଓଡିଶାରେ ଏହି ମଇ ଆନ୍ଦୋଳନ କେବେଠାରୁ ଆରମ୍ଭ ହେଲା ସଠିକ ଭାବରେ କୁହାଯାଇନପାରିଲେ ମଧ ୧୯୩୯ ପ୍ରଥମ ଟ୍ରେଡୟୁନିଅନର ଜନ୍ମଲାଭ କିମ୍ବା ପରବର୍ତ୍ତୀ ସମୟରେ ୧୯୪୬ ମସିହାରେ ଏଆଇଟିୟୁସି ଶ୍ରମିକ ସଂଗଠନ ଗଠନ ପରଠାରୁ ପ୍ରାୟ ପ୍ରଚଳିତ ହୋଇଆସୁଛି । କେହି କେହି ୧୯୫୨ଠାରୁ ଏହା ପ୍ରଚଳିତ ହୋଇଥିବା କଥା କହୁଥିବା ବେଳେ ଶ୍ରୀ ଅବନୀ ବରାଳ ୧୯୩୪ ମସିହାରେ ଜମିଦାରୀ ଉଚ୍ଛେଦ ପାଇଁ କଂଗ୍ରେସ ପତାକା ତଳେ କରିଥିବା ଆନ୍ଦୋଳନକୁ ଓଡିଶାର ମଇ ଆନ୍ଦୋଳନର ଆରମ୍ଭ ବୋଲି କହିଛନ୍ତି । କାରଣ ଏହି ଦିନ ସ୍ଲୋଗାନରେ 'ଶ୍ରମିକମାନେ ଏକ ଜୁଟ ହୁଅ' ବୋଲି କୁହାଯାଉଥିଲା । ଏବେ ଶ୍ରମିକମାନେ ସେମାନଙ୍କର ଚେଷ୍ଟାରେ କିଛି ସୁବିଧା ପାଇବାକୁ ସକ୍ଷମ ହୋଇଛନ୍ତି । ଶ୍ରମିକ ସୁରକ୍ଷା ନିମନ୍ତେ କେତେକ ଆଇନ ପ୍ରଣୟନ କରାଯାଇଛି । ଶ୍ରମିକର ଅଧିକାର ପାଇଁ ଶ୍ରମ ସଂଗଠନ ଆଇନ(୧୯୨୬)ରେ ସାଂଗଠନିକ ଅଧିକାର, ଶିଳ୍ପ ନିୟୋଜନ ଆଦେଶ ଆଇନ(୧୯୪୬), କାର୍ଯ୍ୟସମୟ, ବିଶ୍ରାମ, ଛୁଟି, ନିଯୁକ୍ତି, ସ୍ୱାସ୍ଥ୍ୟ, କଲ୍ୟାଣ ବ୍ୟବସ୍ଥା(୧)କଳକାରଖାନା ଆଇନ(୧୯୪୮) ଓ (୨) ଖଣିଆଇନ(୧୯୫୨) । ଶିଶୁ ଶ୍ରମିକ ନିୟୋଗ ଓ ନିବାରଣ ଆଇନ(୧୯୮୬) ସାମାଜିକ ସୁରକ୍ଷା ଆଇନ, କର୍ମଚାରୀ ଆଇନ, କର୍ମଚାରୀ ଭବିଷ୍ୟନିଧି ଆଇନ । ସେହିପରି ସମ୍ବିଧାନର ୨୩ ଧାରା ଅନୁଯାୟୀ ଶ୍ରମିକଙ୍କୁ ପଣ୍ୟଦ୍ରବ୍ୟ ନମଣିବାକୁ ସ୍ପଷ୍ଟ ଉଲ୍ଲେଖ ଥିବା ସତ୍ତ୍ୱେ କେତେକ ପୁଞ୍ଜିପତି ଏ ପର୍ଯ୍ୟନ୍ତ ପୁଞ୍ଜିବାଦୀ ଚିନ୍ତାଧାରାରୁ ମୁକୁଳି ପାରିନାହାନ୍ତି । ୨୪ ଧାରା ଅନୁଯାୟୀ ୧୪ ବର୍ଷର କମ ବାଳକ/ବାଳିକାଙ୍କୁ ବିପଦ ଶଙ୍କୁଳ କାର୍ଯ୍ୟରେ ନଲଗାଇବାକୁ ଉଲ୍ଲେଖ ଥିଲେ ବି ସେ ଆଇନର ଅଧିକାଂଶ ସ୍ଥାନରେ ଖୋଲା ବ୍ୟତିକ୍ରମ ଦେଖାଯାଉଛି । କୃଷିକ୍ଷେତ୍ରରେ ଶ୍ରମିକମାନେ ଅଧିକ ଅସଂଗଠିତ କାରଣରୁ ସେମାନଙ୍କର ସାମାଜିକ ନିରାପତ୍ତା ବିପନ୍ନ । ଏ କ୍ଷେତ୍ରରେ କିଛି ନିର୍ଦ୍ଦିଷ୍ଟ ଆଇନ ନଥିବାରୁ କୃଷି ଶ୍ରମିକମାନେ ଅଧିକ ଅବହେଳିତ ଏବଂ ନିଷ୍ପେସିତ ।

ଆଜି ବି ବିଶ୍ୱରେ କିଛି ରାଷ୍ଟ୍ର ସେମାନଙ୍କର ଆଧିପତ୍ୟ ଜାହିର କରିବା ପାଇଁ ଜଗତିକରଣ, ଘରୋଇକରଣ, ଉଦାରୀକରଣ ମାଧମରେ ଶ୍ରମିକମାନଙ୍କ ଉପରେ ଆକ୍ରମଣ କରିଚାଲିଛନ୍ତି । ସେମାନଙ୍କ ସୁଚିନ୍ତିତ ଯୋଜନା ଆଗରେ କିଛି ବିକାଶଶୀଳ ରାଷ୍ଟ୍ର ନତମସ୍ତକ ହେବାକୁ ବାଧ ହେଉଛନ୍ତି । ଆମ ଦେଶ ଭଳି ଦେଶରେ ଜନସଂଖ୍ୟା ତୁଳନାରେ ନିଯୁକ୍ତି, ଶ୍ରମ ଦିବସର ଅଭାବ, ଶିଳ୍ପ ବିପ୍ଳବ ଆଳରେ ବହୁ ଲୋକଙ୍କର ଛଟେଇ, ତାଲାବନ୍ଦ ଆଦି କାରଣରୁ ବହୁ ଲୋକ କର୍ମସଂସ୍ଥାନ ହରାଇ ବେକାର ହୋଇଯାଉଛନ୍ତି । ଏଣୁ ସମୟ ଥାଉ ଥାଉ ଶ୍ରମିକ ସଂଗଠନମାନଙ୍କୁ ଏକତ୍ର ହେବାକୁ ହେବ । ଏହାର ସ୍ଥାୟୀ ସମାଧାନ ଦିଗରେ ଚିନ୍ତା କରିବାକୁ ପଡିବ । ଆଇନ ତ ଅଛି କିନ୍ତୁ ଆଇନର ଗଳାବାଟ ଦେଇ ଆଜି ବି କିଛି ଖସି ଯାଉଥିବା ଦେଖାଯାଉଛି, ଏଣୁ ଶ୍ରମିକଶ୍ରେଣୀ ଦୁଃସ୍ଥ ଓ ଦୁର୍ବଳ । ଅତଏବ ଅବସ୍ଥାକୁ ଆଖିରେ ରଖି ବାସ୍ତବମୁଖୀ ନୀତି ନିର୍ଦ୍ଧାରଣ ହେବାର ସମୟ ଉପଗତ । ଏଥିପାଇଁ ଟ୍ରେଡ ୟୁନିଅନମାନଙ୍କର ସଂଘବଦ୍ଧ ସଂଗ୍ରାମ ଲୋଡା । ଏଣୁ ଆଜିର ଦିନର ଆହ୍ୱାନ "ଶ୍ରମିକ ଶ୍ରେଣୀ ଏକ ହୁଅ । "ତାହା ହିଁ ବର୍ତ୍ତମାନର ଆବଶ୍ୟକତା ।

+ଗୌଡ଼ଗାଁ,କପ୍ତିପଦା,ମୟୂରଭଞ୍ଜ
ମୋ.୮୭୫୮୫୦୫୯୭୮

## ଶ୍ରମିକ ଦିବସ



ଶାନ୍ତିପ୍ରଭା ନାୟକ

ଶ୍ରମିକମାନେ ହିଁ ଦେଶର ସ୍ରଷ୍ଟା ଓ ସଂସ୍କୃତିର ପ୍ରବର୍ତ୍ତକ। ସେ କୃଷି ଶ୍ରମିକ ହେଉ ଅବା ଖଣି ଶ୍ରମିକ। ସେ ଇଟାଭାଟିର ଶ୍ରମିକ ହେଉ ଅବା କଳକାରଖାନାର। ସେ ହେଉଛି ମାଟି ମାଆର ମାଟିର ମଣିଷ। ଯାହାକୁ ସୁଖର ସୂରୁଜ କେବେହେଲେ ଆଲୋକର ରୂପ ଦେଇନି। ନିଜ ରକ୍ତ ମାଂସକୁ ତିଳତିଳ କରି ବଳିଦେଇ, ମୁଣ୍ଡର ଝାଳକୁ ତୁଣ୍ଡରେ ମାରି, ନିଜ ରକ୍ତକୁ ପାଣିକରି ଦିନରାତି ଅନିଦ୍ରା ରହି ମର୍ତ୍ତ୍ୟରେ ସ୍ୱର୍ଗ ସୃଷ୍ଟି କରିପାରେ ଓ ସ୍ଥଳରେ ପଦ୍ମ ଫୁଟାଇପାରେ। ଲାଞ୍ଛିତ, ଶୋଷିତ, ଅତ୍ୟାଚାରିତ ହୋଇ ମଧ ଦେଶ ଜାତିର କଲ୍ୟାଣରେ ନିଜକୁ ଉତ୍ସର୍ଗ କରିଥାଏ। ଏକ ଶୋଷଣହୀନ ସାମାଜିକ, ରାଜନୈତିକ ବ୍ୟବସ୍ଥାର ପ୍ରତିଷ୍ଠା ପାଇଁ ଶ୍ରମିକଶ୍ରେଣୀ ବିଶ୍ୱବ୍ୟାପୀ ଆନ୍ଦୋଳନ କରିଥିଲେ। ଯାହାର ଫଳସ୍ୱରୂପ ମଇ ମହିଳା ସମଗ୍ର ବିଶ୍ୱରେ ଶ୍ରମିକ ଦିବସ ରୂପେ ପାଳିତ ହୋଇଆସୁଛି। ଏହା ଶ୍ରମିକମାନଙ୍କର ଐକ୍ୟ ଓ ସଂଗ୍ରାମର ଦିବସ। ପ୍ରତିବର୍ଷ ଏହି ଦିବସ ପାଳନ ଅବସରରେ ଶ୍ରମିକଗଣ ନିଜ ସଂଗ୍ରାମର ପୁନରାବୃତ୍ତି କରିଥାଆନ୍ତି।

ଆମେରିକା ସମେତ ଅନେକ ଦେଶର ଶ୍ରମିକମାନେ ପ୍ରାୟ ୧୨ ଘଣ୍ଟାରୁ ୧୬ ଘଣ୍ଟା ପର୍ଯ୍ୟନ୍ତ କାର୍ଯ୍ୟ କରୁଥିଲେ। ୧୮୫୦ ଦଶକ ବ୍ୟାପି ଆମେରିକାରେ ଶ୍ରମିକମାନେ ଏକ ଆଠଘଣ୍ଟିଆ ଶ୍ରମ ଦିବସ ଦାବିରେ ଅଧିକରୁ ଅଧିକ ସଂଗଠିତ ହେଲେ। ୧୮୬୬ ମସିହା ଅଗଷ୍ଟ ମାସରେ ବାଲଟିମୋର ସହରରେ ଅନୁଷ୍ଠିତ ଶ୍ରମିକ ସମ୍ମିଳନୀରେ ଏଥିପାଇଁ ଏକ ପ୍ରସ୍ତାବ ଗୃହୀତ ହେଲା। ଆନ୍ଦୋଳନର ଚାପ ଫଳରେ ଆମେରିକାର ଇଲୋରେସ୍ ରାଜ୍ୟ ଏହାକୁ ଆଇନସମ୍ମତ ସ୍ୱୀକୃତି ଦେଲା। ଆନ୍ଦୋଳନକୁ ଆହୁରି ବ୍ୟାପକ ଓ ଶକ୍ତିଶାଳୀ କରିବାପାଇଁ ଶ୍ରମିକମାନେ ନିଷ୍ପତ୍ତି ନେଲେ। ୧୮୮୪ ଅକ୍ଟୋବରରେ ଆମେରିକାର ଫେଡେରେସନ୍ ଅଫ୍ ଲେବର ୧୮୮୬ ମଇ ପହିଲା ସୁଦ୍ଧା ଦାବି ପୂରଣ ନ ହେଲେ ବିରାଟ ଆନ୍ଦୋଳନର ଧମକ ଦେଲା। ପୁଣି ସେଦିନ ୧୨ ହଜାର କାରଖାନାର ପ୍ରାୟ ୩ ଲକ୍ଷ ଶ୍ରମିକ ଧର୍ମଘଟରେ ଯୋଗଦେଲେ। ମଇ ୩ ତାରିଖ ଆଉ ୬ ହଜାର ଶ୍ରମିକ ଆନ୍ଦୋଳନରେ ଯୋଗଦେଲେ। ଏହା ଉପରେ ପୋଲିସ୍‌ର ବର୍ବର ଆକ୍ରମଣରେ ୬ ଜଣ ଶ୍ରମିକ ମୃତ୍ୟୁବରଣ କଲେ। ଏହାର ପ୍ରତିବାଦାରେ ମଇ ୪ ତାରିଖ ଦିନ ଚିକାଗୋ ସହରରେ ଆଡଲିଫ୍ ଫିସର ଓ ଏଞ୍ଜେଲଙ୍କ ନେତୃତ୍ୱରେ ଲଏକ ପ୍ରତିବାଦ ସଭାର ଆୟୋଜନ କରାଯାଇଥିଲା। ପୋଲିସ୍ ଏଜେଣ୍ଟଙ୍କ ଦ୍ୱାରା ଏକ ବୋମା ବିସ୍ଫୋରଣ ଓ ବୋମାମାଡ଼ ଫଳରେ ୪ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ଶ୍ରମିକ ନେତା ଆଲବର୍ଟ ପାର୍ସନଲ୍, ଅଗଷ୍ଟ ଷ୍ଟାରିଜ, ସାମୁଏଲ ଫିଲଡେନ୍, ଆଡଲିପି ଫିସର, ମାଇକେଲ୍ ସ୍ୱାର୍ଥ, ଓସ୍କାରନିବେ ଓ ଲୁଇସ୍ ଲିଙ୍ଗଙ୍କୁ ହତ୍ୟା ଷଡ଼ଯନ୍ତ୍ର ମକଦ୍ଦମାରେ ଅଭିଯୁକ୍ତ କରାଗଲା। ଉପରୋକ୍ତ ଆଠଜଣ ମଧ୍ୟରୁ କେବଳ ଦୁଇଜଣ ବୋମା ବିସ୍ଫୋରଣ ସମୟରେ ଉପସ୍ଥିତ ଥିଲେ। ୧୮୮୬ ଜୁନ୍ ୨୧ରେ ବିଚାର ଆରମ୍ଭ ହେଲା। ମିଥ୍ୟା ସାକ୍ଷୀ ଓ ପ୍ରମାଣ ଯୋଗେ ସେମାନଙ୍କୁ ଦୋଷୀ ସାବ୍ୟସ୍ତ କରାଗଲା। ୧୮୮୭ ନଭେମ୍ବର ୧୪ରେ ଜଣକୁ ଫାଶୀ ଦିଆଗଲା। ଲୁଇସ୍ ଲିଙ୍ଗ ଦିନକ ପୂର୍ବରୁ ସିଗାରେଟ୍‌ରେ ଡିନାମାଇଟ୍ ଲଗାଇ ଆତ୍ମହତ୍ୟା କରିଥିଲେ। ଅନ୍ୟ ଦୁଇଜଣଙ୍କୁ ଆଜୀବନ କାରାଦଣ୍ଡ ଓ ଜଣଙ୍କୁ ୧୫ ବର୍ଷ କାରାଦଣ୍ଡ ଦିଆଯାଇଥିଲା। ୧୮୮୯ରେ ପ୍ୟାରିସ୍ ଠାରେ ଅନୁଷ୍ଠିତ ଏକ ସମାଜବାଦୀ ଆନ୍ତର୍ଜାତିକ ସଭାରେ ମଇ ପହିଲାକୁ ବିଶ୍ୱ ଶ୍ରମିକ ଦିବସ ରୂପେ ପାଳନ କରିବାର ନିଷ୍ପତ୍ତି ନିଆଗଲା। ସେହି ଦିନଠାରୁ ମଇ ପହିଲାକୁ ଶ୍ରମିକ ଦିବସ ରୂପେ ପାଳନ କରାଯାଉଛି। ଦୀର୍ଘ ଦିନ ଧରି ନିରବଚ୍ଛିନ୍ନ ସଂଗ୍ରାମ କରି ଶ୍ରମିକ ଶ୍ରେଣୀ ବହୁ ଦାବି ହାସଲ କରିଛି ଓ ଆଗକୁ ମଧ କରିବ। ଏହି ଶ୍ରମିକ ଦିବସ ଏକ ଶୋଷଣପୂର୍ଣ୍ଣ ଅର୍ଥନୈତିକ, ରାଜନୈତିକ ଓ ସାମାଜିକ ବ୍ୟବସ୍ଥା ବିରୁଦ୍ଧରେ ଶ୍ରମିକ ଶ୍ରେଣୀଙ୍କୁ ସଂଗ୍ରାମ ପାଇଁ ଉଦ୍‌ବୁଦ୍ଧ କରୁଥିବ।

ଏହା ମଧ୍ୟରେ ଶ୍ରମିକ ଶ୍ରେଣୀ ନିଜର ନିରବଚ୍ଛିନ୍ନ ଉଦ୍ୟମ ଫଳରେ ବହୁ ସାଫଲ୍ୟ ହାସଲ କରିସାରିଲେଣି। କିନ୍ତୁ ବର୍ତ୍ତମାନ ଉଦାରୀକରଣ ନାଁରେ ବିଶ୍ୱବ୍ୟାପୀ ଶ୍ରମିକମାନଙ୍କର ନ୍ୟାଯ୍ୟ ଅଧିକାର ଉପରେ ବ୍ୟାପକ ହସ୍ତକ୍ଷେପ ହେଉଛି। ପ୍ରାୟ ୯୦ ଦଶକରୁ ଭାରତରେ ଏହି ଉଦାରବାଦୀ ନୀତି କାର୍ଯ୍ୟକାରୀ ହେଉଛି। ବିଶ୍ୱବ୍ୟାପୀ ପ୍ରତିଦ୍ୱନ୍ଦିତାମୂଳକ ପୁଞ୍ଜିବାଦ ସୃଷ୍ଟି କରିବା ଏହାର ଲକ୍ଷ୍ୟ। ଶ୍ରମିକମାନଙ୍କର ଅଧିକ ଶୋଷଣ ଦ୍ୱାରା ଅଧିକ ଲାଭ ଉଠାଇବା ଏହି କାର୍ଯ୍ୟକ୍ରମର ଅନ୍ତର୍ନିହିତ ଅଙ୍ଗ। ଶ୍ରମିକର ନିରାପତ୍ତା, କର୍ମ ପରିବେଶ, ଶ୍ରମ ନିର୍ଘଣ୍ଟ ଉପରେ କୁଠାରଘାତ କରି ଏହାକୁ ଦୁର୍ବଳ କରାଗଲାଣି। ଏସବୁକୁ ଦୂର କରିବାପାଇଁ ଭାରତ ସରକାର ସକ୍ରିୟ ଭୂମିକା ଗ୍ରହଣ କରିବା ଉଚିତ। ବଡ଼ବଡ଼ ଶିଳ୍ପ ସଂସ୍ଥାମାନେ କ୍ଷୁଦ୍ର ସଂସ୍ଥାମାନଙ୍କୁ ସେମାନଙ୍କର କାମକୁ ଠିକାରେ ଦେଇଦେଇ ସେମାନଙ୍କର କର୍ମ ପରିବେଶ, ପ୍ରାପ୍ୟ ମଜୁରୀ ଓ ନିରାପତ୍ତାରୁ ବଞ୍ଚିତ କରୁଛନ୍ତି।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)




### ଶ୍ରମିକ ଆମେ...

ରତ୍ନକାନ୍ତି ମିଶ୍ର



ଶ୍ରମିକ ଆମେ ଏଇ ମାଟିର
ଖଟି ଖାଉଛୁ ନିତି
ସହୁଛୁ ଆମେ କଷଣ କେତେ
ପତାଇ ଦେଇ ଛାତି ।

ଆମେ ଗଢୁଛୁ ଡାକ୍ତରଖାନା
ରୋଗୀ ଚିକିତ୍ସା ପାଇଁ
ରୋଗରେ ଆମେ ପଡିଲେ କେବେ
ଜାଗା ମିଳଇ ନାହିଁ ।

ଆମରି ଶ୍ରମେ ହୋଇଛି ଠିଆ
କେତେ ଯେ କୋଠାବାଡି
ରାସ୍ତା କଡରେ ଶୋଇଛୁ ଆମେ
ପଲିଥିନଟେ ଲୋଡି ।

ରାସ୍ତାରେ ଚାଲେ କେତେ ଯେ ଗାଡି
ଆମରି ଶ୍ରମେ ସିନା
ଆମେ ଚାଲୁଛୁ ନିତି ଦି' କୋଶ
ଚପଲ ଟିଏ ବିନା ।

ବୁଣୁଛୁ ଲୁଗା ତୁମରି ପାଇଁ
ଖଟୁଛୁ ଦିନ ରାତି
ସାତସିଆଁ କୁ ପିନ୍ଧୁଛୁ ଆମେ
ଧୋଇ ଶୁଖେଇ ନିତି ।

ଅଭାବବୋଧେ ଭାବି ପାରୁନା
କରିବୁ କିଛି ନୂଆ
ଇଛା ଥିଲେ ବି ଉଚ୍ଚଶିକ୍ଷାରୁ
ବଞ୍ଚିତ ଆମ ଛୁଆ ।

ସୁଖ ଆମର ସାତ ସପନ
ଖୋଜୁଛୁ ଟିକେ ରାହା
ଶ୍ରମଦାନ ରେ ନାହିଁ ବିରାମ
ବିଭୁ ଆମକୁ ସାହା ।

ଝଁ+ ଆଳି,କେନ୍ଦ୍ରାପଡା

### କରୋନା ଓ ଶ୍ରମିକର ଆତ୍ମବେଦନା...

ସନ୍ଧ୍ୟାରାଣୀ ଦାଶ



ଜୀବନ ଓ ଜୀବିକା
ଅସହାୟ ଏଠି
ବାଟ ଓଗାଳୁଛି
କରୋନାର ବିଷମୟ ପରିସ୍ଥିତି
ଏଇ ଚାଖଣ୍ଡକ ପେଟ
ପାଇଁ ସବୁ ନାଟ
ଲକଡାଉନ ସଟଡାଉନର
ଲୁଚକାଳି ଖେଳେ..
ଉକୁଡି ଯାଉଛି ତା ଦୁଃଖ ସୁଖର
ସଂସାର ଥିଲେ..

ତଥାପି ଜୀବନକୁ ପାଣି ଛଡାଇ
ଗଢୁରି ଉଠୁଥିବା ସ୍ୱପ୍ନ ସବୁକୁ
ପୂର୍ଣ୍ଣ କରିବା ଉଦ୍ଦେଶ୍ୟରେ
ଜଳାଞ୍ଜଳି ଦେଇଛି
ଜୀନର ସବୁ ମୁହୂର୍ତ୍ତକୁ
ହା ହୁତାଶର ଆଁ ଭିତରକୁ...

ନା ସେ କେବେ ମାଗିଛି
ଜୀବନର ମୂଲ୍ୟ
ନା କେବେ ତଉଲିଛି
ନିଜକୁ ଅନ୍ୟ ସହ
ନା କେବେ ତର୍ଜମା କରିଛି
ନିଜର ପରିଚୟକୁ..
କର୍ମ ହିଁ ତ ଜୀବନ ପୁଣି ଭଗବାନ
କେବଳ ସେତିକି ହିଁ ତା'ର ଜ୍ଞାନ..
ତା ପାଇଁ ଆତ୍ମସନ୍ତୋଷର ମୂଲ୍ୟ
ଦୁଇ ଓଳି ଦୁଇମୁଠା ପଖାଳ..

ପେଟ ପାଇଁ ଦାନା
ପିଠିକୁ ଖଣ୍ଡିଏ କନା
ସେଥିପାଇଁ ତ ସେ ଖଟେ ଦାଦନ
କିନ୍ତୁ କରୋନାର କରାଳ ଚକ୍ର
ଚିପି ଧରିଛି ଶ୍ରମିକର ତଣ୍ଟି
ଗ୍ରାସ କରିଛି ସ୍ୱ ଆଶା ବିଶ୍ୱାସ..

ବର୍ତ୍ତମାନ କେବଳ ଗୋଟିଏ ବିକଳ୍ପ
ବଞ୍ଚିବାକୁ ହେବ ଯଦି ଏ ଧରାଧାମେ
ଶ୍ରମିକଟିଏ ହୋଇ
ତେବେ ସହିବାକୁ ହେବ
ସବୁ ଝଡଝଞ୍ଜା
ଚାଲିବାକୁ ହେବ ସ୍ୱୟଂ
ବାଟଟିଏ ହୋଇ...

ମାଲିକ ତୁ,ଚାକର ବି ତୁ
ତୁ ହିଁ ତୋର ସ୍ୱେଚ୍ଛା
ଜୀବନର ପଥେ ଆଗେଇ ଚାଲ
ଏହା ହିଁ ହେଉ ତୋର ଆକାଂକ୍ଷା..।




### ବିବର୍ଣ୍ଣ କଦମ୍ବ.....

ଶାନ୍ତନୁ କୁମାର ସର



ମୋ ନିଦ ଭାଙ୍ଗିଲା ବେଳକୁ
ସବୁଆଡେ ରୁଗ୍ଣ ନୀରବତା
ଗଛପତ୍ର ଆକାଶ,ପୃଥିବୀ
ସବୁକିଛି ଧୂମକେତୁ ଛାଇପରି
ବିଷର୍ଣ୍ଣ,ବିଦୀର୍ଣ୍ଣ କେତେବେଳେ
ହୋଇସାରିଥିଲେ ।

ଶ୍ରୀକୃଷ୍ଣଙ୍କ ବଂଶୀସ୍ୱନ
କାହିଁଗଲା,କାହିଁଗଲା ?
ଶ୍ରୀରାଧାଙ୍କ ନୁପୁର ନିକ୍ୱଣ
କେତେବେଳେ ଶୃଙ୍ଗାର ତ
ହଜିଯାଇଥିଲା ଅସହାୟ
ବ୍ୟର୍ଥତାର ନୀଳ ଯମୁନାରେ
କେଳିକୁଞ୍ଜ ପରିତ୍ୟକ୍ତ
ବାସିଫୁଲ,ସ୍ୱେଦଗନ୍ଧ,ପାଦଚିହ୍ନ
ଅନ୍ତରଙ୍ଗ ଗତରାତି କଥା କହୁଥିଲା ।

ବିପ୍ରଲବ୍ଧା ନାୟିକାର ଦୀର୍ଘଶ୍ୱାସ
ପ୍ରେମର ଅମରବତୀ ଓ ସ୍ୱପ୍ନର ଉଛ୍ୱାସ
ଦଗଧିଭୂତ କରିସାରିଥିଲା ।

ଯମୁନାର ନୀଳଜଳେ
ରାଧାକୃଷ୍ଣ ଜଳକେଳି
କୁଞ୍ଜବନେ କାମନାର ପ୍ରତିଧ୍ୱନୀ
କେତେବେଳୁ କିମ୍ବଦନ୍ତୀ
ହୋଇସାରିଥିଲା ।

ଆଜି କିନ୍ତୁ କୁଢ଼ କୁଢ଼
ଶବଭାସେ ଯମୁନାର
ଲୋହିତ ଜଳରେ।
କାହିଁଗଲେ ବିବସନା ଗୋପାଙ୍ଗନ।

ହା। କୃଷ୍ଣ !ହା। କୃଷ୍ଣଧ୍ୱନୀ,
ରୋମାଞ୍ଚିତ କଦମ୍ବରେ
ଝୁଲୁଥିବା ପାଟ ପିତାମ୍ବରୀ ?
ବୀବର୍ଣ୍ଣ କଦମ୍ବରେ ଝୁଲେ ଆଜି
ଉଜୁଡା ଯୌବନ ଓ ବିଭତ୍ସ
କାମନାର ରୁଗ୍ଣ ଇସ୍ତାହାର ।

ସତେ ଆମେ ଏ ଭିତରେ
ଦ୍ୱାରକାରୁ କେତେବାଟ
ଚାଲି ଆସିଲେଣି
ଗୋପଲୀଳା, ଯମୁନା ଓ କାମନାର
ସୁରଭିତ ସ୍ୱପ୍ନସବୁ, ଆମପାଇଁ
ସାଙ୍କେତିକ ରୂପକଳ୍ପ ହୋଇସାରିଲେଣି।

+ଅବସରପ୍ରାପ୍ତ ଅଧ୍ୟକ୍ଷ,ସରକାରୀ
ସ୍ୱୟଂଶାସିତ ମହାବିଦ୍ୟାଳୟ,ଅନୁଗୁଳ

ପିଲାଙ୍କ ଉପନ୍ୟାସ :

# ପାଗଳାବାବାଙ୍କ ଟାଇମ୍ ମେସିନ୍

ପୀତାମ୍ବରୀ ଦାଶ

## ୧ .ମୁନିରୁ ମନୀଷ

ସତ୍ୟବାବୁ ଏବେ ଖୁବ୍ ଚିନ୍ତିତ ନାତି ମନୀଷ ପାଇଁ । ପାଠ ଅପେକ୍ଷା ଦୁଷ୍ଟାମିରେ ତା' ର ବେଳ ଯାଉଛି । ପାଠପଢାରୁ ଧୀରେଧୀରେ ସେ ଦୂରେଇ ଯାଉଛି କହିଲେ ଚଳେ । ଷଷ୍ଠ ଶ୍ରେଣୀରେ ପଢେ । ତା' ର ଷ୍ଟାଣ୍ଡାଡ୍ ଏତେ ଖରାପ ନୁହେଁ । ବହି ପାଖରେ କମ୍ ସମୟ ବସିଲେ ବି ସେ ପାଠ ମନେରଖିପାରେ କୌଣସି କଥା ଥରେ ଶୁଣିଦେଲେ ତା' ର ସବୁ ମନେରହିଯାଏ; ଅଥଚ ତା' ର ଧୈର୍ଯ୍ୟ ଶକ୍ତି ଆଦୌ ନାହିଁ । ସବୁବେଳେ ଅଥୟ ଅସ୍ଥିର । ଦଣ୍ଡେ ସ୍ଥିର ହୋଇ ବସିବନି । ବାଇ ବିଛୁଆତି ପରି ଏଣେତେଣେ ବୁଲିବ ।

କାଲି ପରି ଲାଗେ ପ୍ରାୟ ତିନିବର୍ଷର ହେଲାଯାଏ ଖୁବ୍ ଧୀରସ୍ଥିର ଥିଲା ମନୀଷ । ଅନ୍ୟ ଛୋଟ ପିଲାଙ୍କ ପରି ଏଣେତେଣେ ସେ ଏତେଟା ଧାଁଦଉଡ କରୁନଥିଲା । ଖେଳନା ଦି'ଟା ରଖିଦେଇ ଯେଉଁଠି ବସେଇ ଦିଅ ସେଇଠି ବସି ଖେଳୁଥିଲା । ତା ହାବଭାବ ଦେଖି ଜେଜେତାକୁ କହୁଥିଲେ - ହେଇରେ ମୁନିରଷିଙ୍କ ପରି ତୁ ଗୋଟାଏ ଜାଗାରେ ବସି ଧ୍ୟାନ କରିବୁ ନା କ' ଣ ? ଆ-ମୋ ସହ ଖେଳକୁଦ କର । କୋଉଥିରେ ତା ର ଯିଦି ଥିଲା ନା କାନ୍ଦକଟା ଥିଲା ! ସବୁବେଳେ ସେ ଚୁପ୍‌ଚାପ୍ ରହୁଥିଲା । ତା' ର ଏଇ ଶାନ୍ତ ସ୍ୱଭାବ ଯୋଗୁଁ ଜେଜେ ତାକୁ ଡାକୁଥିଲେ ମୁନି ।

ମୁନି ଧୀରେଧୀରେ ବଡ ହେଲା । ପାଠ ପଢିବାକୁ ଗଲା । ମୁନିରୁ ତା ନାଆଁ ମନୀଷୀରେ ପରିବର୍ତ୍ତିତ ହେଲା । ଜେଜେଙ୍କୁ ଛାଡି ପ୍ରାୟ ସମସ୍ତେ ତା କୁ ମନୀଷ ଡାକୁଥିଲେ । ବଡହେବା ସହିତ ମୁନିର ସ୍ୱଭାବ ମଧ୍ୟ ବଦଳି ଯାଇଥିଲା । ଚଗଲା ଆଉ ଟିକେ ଦୁଷ୍ଟ ହୋଇଯାଇଥିଲା ସେ । ମନିଷୀ - କହିଲେ ଆମେ ତୀକ୍ଷ୍ଣ ବୁଦ୍ଧି , ଗଭୀର ପାଣ୍ଡିତ୍ୟ ବା ପ୍ରଜ୍ଞାକୁ ବୁଝୁ । ମନୀଷ ର ଏହାସହ କିଛିଟା ସାମଞ୍ଜସ୍ୟ ରହୁଥିଲା । ମାତ୍ର ବେଳେବେଳେ ଏହାର ଉପଯୋଗ ହେଉ ନଥିଲା । ସଞ୍ଜବେଳେ ପ୍ରାର୍ଥନା କରିବାକୁ କହିଲେ ଗୋଡହାତ ନଧୋଇ ଠାକୁର ଘରେ ପଶୁଥିଲା । ପ୍ରତ୍ୟେକ ଦିନ ସନ୍ଧ୍ୟାରେ ତା ବୋଉ ସୀମା ଦେବୀ ଖୁବ୍ ବିରକ୍ତ ହେଉଥିଲେ ତା' ଉପରେ । ତାକୁ ଟାଣିଟାଣି ଆଣି ତା ଗୋଡହାତ ଧୋଇଦେଉଥିଲେ । ପ୍ରାୟ ପ୍ରତି ସନ୍ଧ୍ୟାରେ ମାଆପୁଅଙ୍କର ଏଇ ଟଣାଘୋଷରା ଯୁଦ୍ଧ ଲାଗୁଥିଲା । ଜେଜେଙ୍କୁ ଏସବୁ ଭଲ ଲାଗୁନଥିଲା । ସେ ତାକୁ ଏକୁଟିଆବେଳେ ପାଖରେ ବସେଇ ବୁଝାଉଥିଲେ - ବାହାରେ ଖେଳବୁଲା କରୁଛ । ଗୋଡହାତ ଧୋଇ ପରିଷ୍କାର ପରିଚ୍ଛନ୍ନ ନହେଲେ ନାନାରୋଗ ହେବ । ଆମେ ସୁସ୍ଥରହିବା ପାଇଁ ସିନା ଏତେ ବିଧିବ୍ୟବସ୍ଥା ଅଛି । ମନୀଷ ସବୁ ଶୁଣେ ଜେଜେଙ୍କୁ ଲେଉଟ ଉତର ଦିଏନା । ତାଙ୍କ ପାଖରେ ପିଲାଦିନର ମୁନି ସାଜି ବସେ । ସବୁକଥାରେ ହଁ ମାରେ, ଶୁଣେ । ପାଖରୁ ଖସିଲେ କଥା ଶେଷ ଜେଜେଙ୍କର ସବୁ ଉପଦେଶ ଅଲଣା ହୋଇଯାଏ ।

ମନୀଷର ବାପା ଶରତବାବୁ କଟକ ହାଇକୋର୍ଟରେ ଚାକିରି କରନ୍ତି । ତାଙ୍କ ଗାଁ ବାସୁଦେବପୁରଠୁ କଟକ ପ୍ରାୟ ୬୦ କି.ମି. ଦୂର । ସବୁଦିନ ଘରୁ ଯିବାଆସିବା କରିବା ସମ୍ଭବ ନୁହେଁ । ପ୍ରତି ସପ୍ତାହରେ ଅବଶ୍ୟ ସେ ଘରକୁ ଆସନ୍ତି । ଘରେ ଜରୁରୀ କାମ ଥିଲେ ସପ୍ତାହରେ ଦି ତିନିଥର ମଧ୍ୟ ଘରୁ ଯା ଆସ କରନ୍ତି । ମନୀଷ ବାପାଙ୍କୁ ଟିକେ ଡରେ । ସେ ଥିବା ସମୟତକ ଠିକ୍‌ଠାକ୍ ଚଳିବାକୁ ଚେଷ୍ଟାକରେ । ବାକି ସମୟତକ ସେ ତା ମନର ରାଜା । କାହା ବୋଲରେ ନଥାଏ । ପରିବାର କହିଲେ ଆଉକିଏ ଅଛି କି ? ତା ଜେଜେ , ବୋଉ ଆଉ ସିଏ । ସ୍କୁଲ ବେଳାକୁ ଘରୁ ସିନା ବାହାରି ଯାଏ , ହେଲେ ସବୁଦିନ ସେ ସ୍କୁଲକୁ ଯାଏନା ଏଣେତେଣେ ବୁଲାବୁଲି କରି ଘରକୁ ଫେରେ । ସ୍କୁଲକୁ ଯାଇ ଅଧାଦିନ ମୁଣ୍ଡବିନ୍ଧା , ପେଟକାମୁଡା ଆଦି ପେଖେନା କାଢି ଅଧାରୁ ଛୁଟି ହୋଇ ଆସେ ।

ତା'ର ଏତେ ସବୁ ଦୁଷ୍ଟାମି ସତ୍ୱେ ଜେଜେ ତାକୁ ଖୁବ୍ ଭଲପାଆନ୍ତି । ତାକୁ ଦଣ୍ଡେ ନଦେଖିଲେ ବିଚଳିତ ହୋଇପଡନ୍ତି । ତଥାପି ନାତିର ଭବିଷ୍ୟତ ପାଇଁ ସେ ମନର ଏକ ଯୋଜନା ପ୍ରସ୍ତୁତ କଲେ । ପିଲାଟା ତ ପୂରା ବିଗିଡି ଯାଇଛି । ପରିବେଶ ବଦଳାଇଦେଲେ ଅବା ସେ ବାଟକୁ ଆସିପାରେ । ପୁଅକୁ ତାଙ୍କ ମନର କଥା କହିଲେ ସେ । ମନୀଷକୁ କଟକ ନେଇ ସେଠାରେ ପଢାଇବାକୁ ଶରତବାବୁ ରାଜିଥିଲେ । ଏଣୁ ସେ ଚାହୁଁଥିଲେ ଗାଁ ଘରେ କୋଲପ ଦେଇ ସପରିବାର କଟକ ଯିବାକୁ । ମନୀଷର ଜେଜେ କିନ୍ତୁ ଅମଙ୍ଗ ହେଲେ ଗାଁ ଛାଡିବାକୁ । ଶେଷକୁ ସ୍ଥିର ହେଲା ଗାଁରେ ଏକୁଟିଆ ସେ ରହିବେ । ଶରତ ବାବୁ ପତ୍ନୀ ଓ ପୁତ୍ରକୁ ନେଇ କଟକରେ ରହିବେ ମନୀଷର ଭବିଷ୍ୟତ ପାଇଁ । ଜେଜେ ବି ଏତେ ବୃଦ୍ଧ ନଥିଲେ । ସେ ଚାହୁଁଥିଲେ ନାତି ତାଙ୍କର ପାଠପଢୁ । ଭଲ ମଣିଷଟେ ହେଉ । ସେ ଚାହିଁଲେ ବି କଟକ ଯାଇ ମନୀଷକୁ ଦେଖିଆସି ପାରିବେ ।

"ଯୋଜନା କାର୍ଯ୍ୟକାରୀ ହେଲା ଦୀର୍ଘସ୍ଥାୟୀ ହୋଇ ପାରିଲା ନାହିଁ । ମନୀଷର ଦୁଷ୍ଟାମି ଅବଶ୍ୟ କମି ଯାଇଥିଲା । ସହରୀ ଛୁଆଙ୍କୁ ତା'ଗାଁ ଛୁଆ ଭାବିଲା । ସେମାନଙ୍କ ସହ ନିଜର ପୁରୁଣା ପ୍ରକୃତି ଆରମ୍ଭ କଲା । ଜଣେ ପିଲା ଯାଉଥିବା ବେଳେ ହଠାତ୍ ସେ ତା' ଗୋଡଟା ଦେଖାଇ ଦେଲା ବିଚରା ପିଲାଟା ଗଛ କାଟିଲା ପରି ପଡିଲା ତା' ସାଙ୍ଗମାନେ ଆସି ମନିଷୀକୁ ଟାଙ୍କେ ସଳଖି ଦେଲେ । ଠିକ୍ ବଗ ପଲରେ କୁଆ ପଶିଲେ ଯାହା ହୁଏ ତା'ଅବସ୍ଥା ସେଇଆ ହେଲା । ମାଡ ଖାଇ ବି ସେ ଚୁପ୍ ରହିଲା । ଶିକ୍ଷକଙ୍କୁ କି ଘରେ କାହାକୁ କିଛି କହିଲା ନାହିଁ । ଭୁଲ୍ ତ ତା'ର ଥିଲା ;କହିବ କାହାକୁ ? ଆଉଥରେ ମୁଣ୍ଡବିନ୍ଧାର ପେଖନା କାଢି ପ୍ରାର୍ଥନା ସଭାକୁ ଗଲା ନାହିଁ । ଶ୍ରେଣୀରେ ରହିଲା ।ଦୁଷ୍ଟାମିର ଭୂତ ତା'ଉପରେ ସବାର ହେଲା । ପିଲାଙ୍କ ପାଣି ବୋତଲର ସବୁ ପାଣିତକ ନେଇ ଝରକା ପଟେ ଢାଳିଦେଲା । ଖାଲି ବୋତଲକୁ ପୂର୍ବପରି ଯେଝା ଯେଝା ବ୍ୟାଗ୍‌ରେ ରଖିଦେଲା । ପାଠ ପଢା ଚାଲିଲା । ପିଲାମାନେ ଯେତେବେଳେ ପାଣି ପିଇବାକୁ ବୋତଲ କାଢନ୍ତି ,ଦେଖନ୍ତି ବୋତଲ ଖାଲି । ଜଣେ ଅଧେ ନୁହେଁ ଶ୍ରେଣୀର ସବୁ ପିଲାଙ୍କ ପାଣି କୁଆଡେ ଗଲା । ମନିଷୀ ତ ପ୍ରାର୍ଥନା ସଭାକୁ ନ ଯାଇ ଶ୍ରେଣୀରେ ଥିଲା । ଏ କାମରେ ସେମାନେ ତାକୁ ହିଁ ସନ୍ଦେହ କଲେ । ସବୁ ପିଲାମିଶି ମନିଷ ବିରୁଦ୍ଧରେ ହେଡ୍‌ସାର୍‌ଙ୍କୁ କହିଲେ । ହେଡ୍‌ସାର୍ ତାକୁ କଣ କହିବେ । ନୂଆ ପିଲା' ଗୋଟେ ପରିବେଶ ଛାଡି ଆଉ ଏକ ପରିବେଶକୁ ଆସିଛି । ତା'ମାନସିକ ସ୍ଥିତି ବୁଝିବାକୁ ତ କିଛି ସମୟ ଲାଗିବ ଏ ସବୁ ଚିନ୍ତା କରି ତା ବାପାଙ୍କୁ ଡକାଇଲେ । ଘଟଣା ସମ୍ପର୍କ ରେ ଅବଗତ କରାଇଲେ ।

ମନିଷ କାହା ସହ ମିଶିପାରୁ ନଥିଲା ତା ସହ ତା ଶ୍ରେଣୀର ପିଲାମାନେ ବି କେହି ସାଙ୍ଗ ହେଉନଥିଲେ । ତାକୁ ସ୍କୁଲରେ ଏକୁଟିଆ ବାଁଆରା ହୋଇ ରହିବାକୁ ପଡୁଥିଲା ନୂଆ ସ୍କୁଲ ତାକୁ ଭଲ ଲାଗୁନଥିଲା । ଗାଁ ଦାଣ୍ଡରେ ସାଙ୍ଗସାଥୀଙ୍କ ସହ ଖେଳକୁଦ ବଣ ଜଙ୍ଗଲରେ ବୁଲାବୁଲି – ସବୁତା'ର ମନେ ପଡୁଥିଲା । ଗାଁ କୁ ଝୁରିଝୁରି ତା'ର ଦେହ ଖରାପ ହେଲା । ସ୍କୁଲ୍ ଯିବାକୁ ସେ ଡରିଲା ବାଧ୍ୟବାଧକତାରେ ଯେଉଁଦିନ ସେ ସ୍କୁଲ୍ ଗଲା ସେଦିନ ତାକୁ ଜର ହେଲା । ତା'ବାପା ନିଜ ଚାକିରିକୁ କେତେଦିନ ବା ଛୁଟି ନେଇ ରହିବେ । ବାଧ୍ୟ ହୋଇ ମନିଷକୁ ଧରି ପୁଣି ଗାଁକୁ ଫେରିଲେ । ପୁଣି ସେ ଗାଁ ସ୍କୁଲ୍‌ରେ ପାଠ ପଢିଲା । ପୂର୍ବପେକ୍ଷା ତା'ର ଦୁଷ୍ଟାମି କିଛିଟା କମିଗଲା । ସାଙ୍ଗସାଥୀଙ୍କ ସହ ଅଯଥାରେ ଆଉ ମାରପିଟ୍ କଳି ଝଗଡା କଲାନାହିଁ । ଘରେ ବୋଉ କଥା ଟିକେଟିକେ ମାନିଲା । ଆଉ ଠକିଲାନି, ନିୟମିତ ସ୍କୁଲ୍ ଗଲା ।

ଜେଜେ ସବୁକଥା ଭାବି ମନକୁ ବୁଝାଉଥିଲେ ପୂରା ନହେଲାନାହିଁ , ସ୍ଥାନ ପରିବର୍ତ୍ତନର ଫଳ କିଛିଟା ତ ମିଳିଲା । (କ୍ରମଶଃ)

+ପୁରୋହିତପୁର,ଜଗତସିଂହପୁର
ମୋବାଇଲ୍ -୯୭୭୮୫୨୦୩୭୦



କାର୍ତ୍ତିକ ସାଇଁ

ବିଜ୍ଞାନ ଟୁଙ୍ଗି - ୪୦

# ସୋଭିଏତ୍ ରଷିଆରର ମହାକାଶ ଷ୍ଟେସନ



ରକେଟ ଓ ଉପଗ୍ରହ ବିଜ୍ଞାନ କ୍ଷେତ୍ରରେ ଭାରତ ପୃଥିବୀର ଉନ୍ନତ ଦେଶମାନଙ୍କ ସହିତ ସମକକ୍ଷ। ଏ କଥା ଭାରତ ଅନେକଥର ପ୍ରମାଣ କରି ସାରିଛି। ଚନ୍ଦ୍ରଯାନ ହେଉ କି ମଂଗଳଯାନ-ଭାରତ ତାର ପ୍ରଥମ ପ୍ରଚେଷ୍ଟାରେ ସଫଳତା ପାଇ ବିଶ୍ୱକୁ ଚମକାଇ ଦେଇଛି। ଭାରତରେ ମହାକାଶ ବିଜ୍ଞାନର ଜନକ ଡକ୍ଟର ବିକ୍ରମ ସରାଭାଇଙ୍କର ଲକ୍ଷ୍ୟ ତାହା ହିଁ ଥିଲା- ମହାକାଶ ବିଜ୍ଞାନର ସଦୁପଯୋଗ ଦେଶର ବିକାଶ ଲାଗି ଓ ଦେଶର ଲୋକଙ୍କ ଉନ୍ନତି ଲାଗି। ସେଥିଲାଗି ଭାରତୀୟ ବୈଜ୍ଞାନିକ ଓ ମାର୍ଗଦର୍ଶକମାନେ ମହାକାଶକୁ ଭାରତୀୟଙ୍କୁ ପଠାଇବା କଥା ଚିନ୍ତା କରିନଥିଲେ। ସ୍କ୍ୱାର୍ଡ୍ରନ ଲିଡର ରାକେଶ ଶର୍ମା ପ୍ରଥମ ଭାରତୀୟ ଯେ ମହାକାଶକୁ ଯାତ୍ରା କରିଥିଲେ। ତାଙ୍କ କଥା ଆମେ ପରେ ଆଲୋଚନା କରିବା।

ପ୍ରଫେସରର ଚନ୍ଦ୍ରଶେଖର ତାଙ୍କ କଥା ଜାରି ରଖିଥିଲେ।

ଚନ୍ଦ୍ର ପୃଷ୍ଠକୁ ଆମେରିକା ଆପୋଲୋ-୧୧ରେ ମଣିଷ ପଠାଇବାର ସଫଳ ହେଲା ପରେ ସୋଭିଏଟ ରୁଷିଆ ସେ ଦିଗରେ ଆଉ ଆଗ୍ରହ ଦେଖାଇଲା ନାହିଁ। ତାର ବୈଜ୍ଞାନିକମାନେ ମହାକାଶରେ 'ସ୍ପେସ୍ ଷ୍ଟେସନ' ବା ମହାକାଶ ଷ୍ଟେସନ ନିର୍ମାଣ କଥା ଚିନ୍ତାକଲେ ଓ ସେ ଦିଗରେ କାମ ଆରମ୍ଭ କଲେ। ଏହି ମହାକାଶ ଷ୍ଟେସନ ଗୋଟାଏ ପ୍ରକାର କୃତ୍ରିମ ଉପଗ୍ରହ ଯାହା ନିକଟ ମହାକାଶରେ ରହି ପୃଥିବୀର ପର୍ଯ୍ୟବେକ୍ଷଣ କରିବ ଓ ବିଭିନ୍ନ ପ୍ରକାର ପରୀକ୍ଷଣ କରିବ। ଏହା ସାଧାରଣ ଉପଗ୍ରହଙ୍କ ତୁଳନାରେ ବହୁତ ବଡ଼। ସବୁଠାରୁ ବଡ଼ କଥା ହେଲା- ଏହି ସ୍ପେଶ୍ ଷ୍ଟେସନକୁ ମହାକାଶ ଯାତ୍ରୀମାନେ ଯାଇ ପାରିବେ, ସେଠାରେ ରହିପାରିବେ ଓ ପୁଣି ସେଠାରୁ ପୃଥିବୀକୁ ଫେରି ପାରିବେ। କହିବାକୁ ଗଲେ ମହାକାଶ ଷ୍ଟେସନ ମଣିଷ ଲାଗି ଏକ ଅସ୍ଥାୟୀ ବାସସ୍ଥାନ ପରି ହୋଇ ରହିବ।

ସ୍ପେଶ୍ ଷ୍ଟେସନ ନିର୍ମାଣ କାଳରେ ସୋଭିଏତ୍ ବୈଜ୍ଞାନିକମାନେ ଦୁଇ ପ୍ରକାର ମହକାଶ ଷ୍ଟେସନର ପରିକଳ୍ପନା କରିଥିଲେ। ଗୋଟିଏ ଥିଲା ସାଧାରଣ ମହାକାଶ ଷ୍ଟେସନ ଓ ଅନ୍ୟଟି ଥିଲା ସାମରିକ ମହାକାଶ ଷ୍ଟେସନ। ଉଦ୍ଦେଶ୍ୟ ଯାହା ବି ହେଉ, ସୋଭିଏତ୍ ରଷିଆର ବୈଜ୍ଞାନିକ ଓ ଇଂଜିନିୟରମାନେ ଦିନ ରାତି କାମରେ ଲାଗି ପଡ଼ିଲେ। ସେଇମାନେ ତ ପ୍ରଥମେ ମହାକାଶକୁ କୃତ୍ରିମ ଉପଗ୍ରହ ପଠାଇବାରେ ସଫଳତା ପାଇଥିଲେ।

ସୋଭିଏତ୍ ରୁଷିଆ ଗୋଟିଏ ବେସାମରିକ ମହାକାଶ ଷ୍ଟେସନ (DOS) ଓ ସାମରିକ ମହାକାଶ ଷ୍ଟେସନ OPS-ALMAL କାମରେ ଲାଗିପଡ଼ିଥାଏ। ଏହି ମହାକାଶ ଷ୍ଟେସନ ଗଠନରେ ରଷିଆର ସୋୟୁଜ୍ର ମହାକାଶଯାନ ବହୁତ ସାହାଯ୍ୟ କରିଥିଲା। ସାଧାରଣ ଲୋକଙ୍କ ମନରୁ ଭ୍ରମରେ ରଖିବାକୁ ଏହି ମହାକାଶ ଷ୍ଟେସନ ମାନଙ୍କ ନାମ ସାଲ୍ୟୁଟ (SALYUT) ରଖାଯାଇଥିଲା। ସୋଭିଏତ ରଷିଆର ରକ୍ଷଣଶୀଳ ନୀତି ଲାଗି ଏ ସବୁ ଯାନ ଓ ତା ଲାଗି ବ୍ୟବହୃତ ହୋଇଥିବା କୌଶଳ ସଂପର୍କରେ କିଛି ଜାଣିବା ସମ୍ଭବ ନଥିଲା।

ସେ ଯାହା ହେଉ, ସୋଭିଏତ୍ ରଷିଆ ମହାକାଶରେ ମହାକାଶ ଷ୍ଟେସନ ନିର୍ମାଣରେ ଆମେରିକାକୁ ପଛରେ ପକାଇ ଦେଇଥିଲା। ୧୯୭୧ ମସିହାରେ ରଷିଆ ଏକ ବେସାମରିକ ମହାକାଶ ଷ୍ଟେସନ-ସାଲ୍ୟୁଟ-୧ (SALYUT-1) ନିର୍ମାଣରେ ସଫଳ ହୋଇଥିଲା। ମାତ୍ର ଦୁଃଖଦ କଥା ଥିଲା- ଏହାର ଫେରିବା ସମୟରେ ଦୁର୍ଘଟଣା ଲାଗି ଏଥିରେ ଥିବା ଯାତ୍ରୀମାନେ ମୃତ୍ୟୁବରଣ କରିଥିଲେ। ସେହିପରି ସାଲ୍ୟୁଟ-୨ (SALYUT-2) ମଧ୍ୟ ଦୁର୍ଘଟଣାର ସମ୍ମୁଖୀନ ହୋଇ ତାର ଯାତ୍ରୀଙ୍କୁ ହରାଇଥିଲା।

ପ୍ରାଥମିକ ବିଫଳତା ବୈଜ୍ଞାନିକ ଓ ଇଂଜିନିୟରମାନଙ୍କୁ ଆହ୍ୱାନ ଦେଇଥିଲା ସମସ୍ତ ତ୍ରୁଟିକୁ ଦୂର କରିବାକୁ। ୧୯୭୪ ମସିହାଠାରୁ ଆରମ୍ଭ କରି ୧୯୮୨ ମସିହା ମଧ୍ୟରେ ରଷିଆ ସାଲ୍ୟୁଟ -୩ରୁ ସାଲ୍ୟୁଟ-୭ SALYUT-7 ମହକାଶ ଷ୍ଟେସନ ଗଠନ କରିଥିଲା ଓ ଏଥିରେ ସଫଳତା ପାଇଥିଲା। ସାଲ୍ୟୁଟ-୬ରେ ମହାକାଶ ଯାନଙ୍କ ଯୋଡ଼ି ହେବା (ଡକିଙ୍ଗ୍) ଲାଗି ଦୁଇଟି ପୋର୍ଟ ବା ଦ୍ୱାରର ପ୍ରବନ୍ଧ ଥିଲା। ତା ଅର୍ଥ ଏକା ବେଳେକେ ମହାକାଶ ଷ୍ଟେସନ ସହିତ ଦୁଇଟି ମହାକାଶ ଯାନ ଯୋଡ଼ି ହୋଇପାରିବେ। ଏହା ଏକ ବଡ଼ ସଫଳତା ଥିଲା। (କ୍ରମଶଃ)

+(ମୋ): ୯୯୮୦୩୦୦୭୫୧



ସୁବ୍ରତ ମଲ୍ଲିକ

# ଆମ୍ବ ଚୋରିରୁ ଶିକ୍ଷା



ଜଗୁ । ଅମାନିଆ ଓ ଚଗଲାମିର ଅନ୍ୟ ନାମ । ଚାଲିଲା ଶଗଡ଼ରେ ହାତ ଦେବା ପିଲା । ଗାଁ ସ୍କୁଲରେ ଚତୁର୍ଥ ଶ୍ରେଣୀରେ ପଢେ । ବାଟେ ଯାଉଥିବା ବିଲେଇ , କୁକୁର ଉପରକୁ ଟେକାଟିଏ ନ ଫିଙ୍ଗିବା ଯାଏ, ତା'ର ଗୋଡ଼ ହାତ ସ୍ଥିର ହୋଇ ରହେ ନାହିଁ । ଅନ୍ୟର ବାଡ଼ିରୁ ଫୁଲ ଫଳ ଚୋରି କରି ଘରକୁ ବୋହି ଆଣିବା ତା'ର ନିତିଦିନିଆ କାମ । ଖେଳିଲା ବେଳେ କାହାକୁ ଲହୁ ଲୁହାଣ ନ କରିବା ପର୍ଯ୍ୟନ୍ତ ଖେଳ ଭାଙ୍ଗେ ନାହିଁ । ସେଥିପାଇଁ ତ ସବୁଦିନ ତା ନାଁରେ କିଛି ନା କିଛି ଅଭିଯୋଗ ଆସେ । ଆଉ ଏସବୁ କାମରେ ତାକୁ ସାଥ୍ ଦିଏ ସମାନ ଶ୍ରେଣୀରେ ପଢୁଥିବା ତା'ର ଏକମାତ୍ର ସାଙ୍ଗ ରାଧୁ । ଗାଁର ଶେଷ ମୁଣ୍ଡରେ ତା ଘର । ଏ ଦୁଇ ଜଣଙ୍କୁ ଏକାଠି ଥିବାର ଦେଖିଲେ , ଅନ୍ୟ ପିଲାମାନେ ବାଟ ଭାଙ୍ଗି ଚାଲି ଯାଆନ୍ତି । କଥା ହେବା ତ ବହୁ ଦୂରର କଥା ।

ଏବେ ତ ଖରା ଦିନ ଆରମ୍ଭ ହେଲାଣି । ଗଛରେ ଆମ୍ବ ଗୁଡ଼ିକ ଟିକିଏ ବଡ଼ ବଡ଼ ହୋଇ ଗଲାଣି । ଗାଁଠୁ ଅଳ୍ପ କିଛି ଦୂରେ ଉତ୍ତର ଦିଗରେ ବହିଯାଉଥାଏ କପାଳି ନଦୀ । ନଦୀ କୂଳକୁ ଲାଗିଛି ନିଧି ମଉସାର ଆମ୍ବ ବାଡ଼ି । ପ୍ରତିବର୍ଷ ପରି ଏଥର ମଧ ପ୍ରଚୁର ପରିମାଣରେ ଗଛରେ ଆମ୍ବ ହୋଇଛି । ସେହି ବାଡ଼ିରେ ଯଦିଓ ବିଭିନ୍ନ ପ୍ରକାର ଆମ୍ବ ଗଛ ଅଛି ଓ ସେଥିରେ ଭଳିକି ଭଳି ସ୍ୱାଦର ଆମ୍ବ ଫଳେ, ତଥାପି ଗାଁ ପିଲାଙ୍କ ମଧ୍ୟରେ କଞ୍ଚା ଖାଇ ଆମ୍ବ ବାଇଗଣ ପଲେଇର ଚାହିଦା ବେଶ୍ ଅଧିକ । ଜଗୁ ଓ ରାଧୁ ଦିନେ ଉଦୁ ଉଦିଆ ଖରାବେଳେ ନଦୀ କୂଳକୁ ଗାଧୋଇବାକୁ ଯାଇଥିଲେ। ଘରକୁ ଫେରିଲାବେଳେ ସେମାନଙ୍କର ନଜର ନିଧି ମଉସା ବାଡ଼ିର ସେହି ବାଇଗଣ ପଲେଇ ଆମ୍ବ ଗଛ ଉପରେ ପଡ଼ିଲା । ଗାଁର ପ୍ରତିଟି ପିଲା ପରି ଜଗୁର ତ ସେ ଆମ୍ବ ପ୍ରତି ପୂର୍ବରୁ ଦୁର୍ବଳତା ଥିଲା । ପୁଣି ଖରାବେଳେ ହେତୁ କେହି କୁଆଡେ ଦିଶୁନଥିଲେ । ଏହାକୁ ଏକ ସୁଯୋଗ ଭାବି ଜଗୁ ଗଛ ଚଢ଼ିବାରେ ଧୁରନ୍ଧର ରାଧୁକୁ ଆମ୍ବ ପାରିବାକୁ କହିଲା । ପ୍ରଭୁ ଭକ୍ତ ହନୁମାନ ପରି ରାଧୁ କିଛି କ୍ଷଣରେ ସେହି ଗଛର ସବା ଉପର ଡାଳ ପର୍ଯ୍ୟନ୍ତ ଚଢ଼ିଯାଇ ଆମ୍ବ ପାରି ତଳକୁ ଫିଙ୍ଗିବାକୁ ଲାଗିଲା । କିଛି ଆମ୍ବ ପାରି ସାରି ଓହ୍ଲାଇବା ସମୟରେ ତା'ର ମୁଣ୍ଡ ବୁଲେଇବାରୁ ସେ ଗଛରୁ ଖସିପଡ଼ିଲା । ସୌଭାଗ୍ୟବଶତଃ ଗଛରୁ ଭୂଇଁକୁ ଦୂରତା କମ୍ ଥିଲା । ତଥାପି ରାଧୁ ନିଜର ଚେତା ହରାଇ ବସିଲା ।

ରାଧୁର ଏପରି ଅବସ୍ଥା ଦେଖି ଜଗୁର ମୁଣ୍ଡରେ ଚଡ଼କ ପଡ଼ିଗଲା । ଏଥିପାଇଁ ନିଜକୁ ଦାୟୀ କରି କାନ୍ଦିବାକୁ ଲାଗିଲା । କିପରି ତା ସାଙ୍ଗର ଜୀବନ ରକ୍ଷା କରିପାରିବ ଏ କଥା ଚିନ୍ତା କରି ରାଧୁର ନାକ ପାଖେ ହାତ ମାରିଲାରୁ ଜାଣିପାରିଲା ଯେ ନିଃଶ୍ୱାସ ଚାଲିବା ବନ୍ଦ ହୋଇନାହିଁ । ଆଉ ଡେରି ନ କରି ଜଗୁ ବହୁ ଜୋରରେ ଲୋକମାନଙ୍କୁ ସାହାଯ୍ୟ ପାଇଁ ଡାକ ଛାଡ଼ିଲା । କିଛି ଲୋକ ଜଗୁର ଏମିତି ପାଟି ଶୁଣି ଧାଇଁ ଧାଇଁ ଆସି ସେଠାରେ ପହଞ୍ଚିଗଲେ ଓ ରାଧୁକୁ ନିକଟସ୍ଥ ପ୍ରାଥମିକ ଚିକିତ୍ସା କେନ୍ଦ୍ରକୁ ନେଇଗଲେ । ଆଶୁ ଚିକିତ୍ସାର କିଛି ସମୟ ପରେ ରାଧୁର ଚେତା ଆସିଲା । ଏହା ଦେଖି ଜଗୁ ମୁହଁରେ କିଛି ସମୟ ପୂର୍ବରୁ ଉଭାନ ହୋଇଯାଇଥିବା ହସ ଟିକକ ବି ପୁଣି ଫେରିଆସିଲା ।

ଏହା ପରେ ସେ ଦୁଇ ଜଣ ସାଙ୍ଗଙ୍କୁ ଡାକ୍ତର ମହାଶୟ ନିଜ ପାଖକୁ ଡାକିଲେ । ଅଂଶୁଘାତ ଯୋଗୁଁ ରାଧୁର ମୁଣ୍ଡ ବୁଲାଇଥିଲା, ଯାହାଫଳରେ ସେ ଗଛରୁ ଖସିପଡ଼ିବା କଥା କହିଲେ । ଏହା ଶୁଣି ଜଗୁ ଅଂଶୁଘାତ କ'ଣ ଓ ଏଥିରୁ ଆମେ କିପରି ନିଜକୁ ରକ୍ଷା କରିପାରିବା ବୋଲି ଜାଣିବାକୁ ଚାହିଁଲା ?

ଜଗୁର କଥା ଶୁଣି ଡାକ୍ତର ମହାଶୟ ତା'କୁ ନିଜ କଡ଼ରେ ବସାଇ କହିଲେ ଯେ, ଖରା ଦିନରେ ଅଧିକ ଗରମ ଅନୁଭୂତ ହୁଏ । ଟାଣ ଖରାରେ ବାହାରେ ବୁଲିବା ଦ୍ୱାରା ଆମ ଦେହରୁ ବହୁତ ଝାଳ ବାହାରିଥାଏ । ଫଳରେ ଶରୀରରୁ ଜଳୀୟ ଅଂଶର ମାତ୍ରା କମିଯାଏ ଯାହା ଦ୍ୱାରା ଆମେ ଅଂଶୁଘାତର ଶିକାର ହୋଇଥାନ୍ତି । ଏହା ଅନେକ ସମୟରେ ମୃତ୍ୟୁର କାରଣ ମଧ ହୋଇପାରେ । ସେଥିପାଇଁ ଆମକୁ ଏହି ଦିନରେ ଅଧିକ ସତର୍କତା ଅବଲମ୍ବନ କରିବାକୁ ପଡ଼େ, ଯେମିତିକି ଆବଶ୍ୟକ ନ ଥିଲେ ଘରୁ ବାହାରକୁ ଯିବା ନାହିଁ । ଯେବେ ବି ଯିବା ପାଦରେ ଚପଲ ପିନ୍ଧିବା ସହିତ ଓଦା କପଡ଼ାଟେ ମୁଣ୍ଡରେ ପକାଇବା ଏବଂ ସାଥିରେ ପାଣି ବୋତଲ, ଛତା ମନେକରି ନେବା । ତାହା ସହ କାକୁଡି, ତରଭୁଜ, ତାଳ ସଜ , ପଖାଳ ଭାତ ପରି ଜଳୀୟ ଅଂଶ ଅଧିକ ଥିବା ଖାଦ୍ୟ ପ୍ରତିଦିନ ଖାଇବା ଓ ଲସି, ସରବତ, ଆଖୁରସ, ତୋରାଣି ଇତ୍ୟାଦି ସହିତ ପାନୀୟ ଜଳ ପ୍ରଚୁର ମାତ୍ରାରେ ପିଇବା । ମୃଦୁପାନୀୟ ଶରୀର ପାଇଁ କ୍ଷତିକାରକ ହୋଇଥିବାରୁ ଏହା ପାଖରୁ ଯଥା ସମ୍ଭବ ନିଜକୁ ଦୂରେଇ ରଖିବା ।

ଡାକ୍ତର ମହାଶୟଙ୍କ କଥା ଶୁଣିସାରିବା ପରେ ଜଗୁ ଓ ରାଧୁ ଖରାବେଳଟାରେ ଆମ୍ବ ଚୋରି କଥା ମନେ ପକେଇ ନିଜକୁ ଲଜ୍ଜିତ ଅନୁଭବ କଲେ । ଏପରି କାର୍ଯ୍ୟ ଭବିଷ୍ୟତରେ ଆଉ ନ କରିବା ତଥା ଗୁରୁଜନମାନଙ୍କର କଥା ଶୁଣିବା ପାଇଁ ଡାକ୍ତର ମହାଶୟଙ୍କୁ ଉଭୟ ପ୍ରତିଶ୍ରୁତି ଦେଲେ ଏବଂ ଜୀବନ ବଞ୍ଚାଇଥିବାରୁ ଧନ୍ୟବାଦ ଦେଇ ସାଥିରେ ଯାଇଥିବା ଗାଁ ଲୋକମାନଙ୍କ ସହିତ ଘରକୁ ଫେରିଆସିଲେ ।

ସେହିଦିନଠାରୁ ଜଗୁ ଓ ରାଧୁ ଧିରେ ଧିରେ ନିଜକୁ ବଦଳାଇବା ଆରମ୍ଭ କଲେ ଏବଂ କିଛି ଦିନ ପରେ ଗାଁରେ ତଥା ବିଦ୍ୟାଳୟରେ ଭଲ ପିଲାରେ ଗଣତି ହୋଇ ନିଜ ଦୁଷ୍ଟାମୀ ଜୀବନର ପୂର୍ଣ୍ଣଚ୍ଛେଦ ପକାଇଦେଲେ ।

+ମଙ୍ଗଳପୁର,ଅସୁରାଳି,ଭଦ୍ରକ
ମୋ:-୭୦୦୮୩୧୫୯୧୬

କବିତା
ତୁମ ପାଇଁ

## କରୋନାରେ କିଛି କଥା.....

ଅଶୋକ କୁମାର ପ୍ରଧାନ

କୁନା କହୁଅଛି ଶୁଣ ଆଲୋ କୁନି
ବାହାରେ ଆଉ ତୁ ବୁଲନା
ଖେଳା ଖେଳି ନିଶା ମନରୁ କାଢି ଦେ
ଖୋଲା ସପନରେ ଝୁଲନା।

ବେଳ କାଳ ଏବେ ଭଲ ନାହିଁ ଜମା
ବିପଦ ଖେଳିଛି ଧରାରେ
କରୋନା ଭୂତାଣୁ ଢେଉ ପରି ମାଡି
ଜୀବନ ନେଲାଣି ପରାରେ।

ସଚେତନ ହୋଇ ଘରେ ରହିବୁଲୋ
ବାରବାର ହାତ ଧୋଇବୁ
ମୁହଁରେ ମାସ୍କ ପିନ୍ଧୁବୁ ଯତନେ
ଅମାନିଆ ଜମା ନୋହିବୁ।

ଛଅ ଫୁଟ ଦୂରେ ଠିଆ ହେବୁ ଭଲେ
ଜନ ଗହଳିକୁ ଯାଆନି
ବାହାର ଠେଲାରୁ ଘୁଘୁନି ଗୁପଚୁପ
ଆଉ ଏବେ ଜମା ଖାଆନି।

ସାଙ୍ଗ ସାଥି ମେଳେ କରୋନାର କଥା
କହିକି ସଜାଗ କରିବୁ
ସଭିଙ୍କୁ ନିୟମ ଭଲରେ ଶିଖାଇ
ତାଙ୍କ ମୁଖେ ହସ ଭରିବୁ।

ଭାଇ କଥା ଶୁଣି ହସି ହସି କୁନି
ନିୟମ ମାନିବି କହିଲା
ବାହାର ନଯାଇ ବୁଲା ବୁଲି ଛାଡି
ବହି ଖାତା ଧରି ବଇଲା।

କହିଲା ଭାଇରେ ଘରେ ରହି ମୁହିଁ
ଭଲ ଭାବେ ପାଠ ପଢିବି
ଉଚିତ ସମୟେ ସବୁ କାମ ସାରି
ଭବିଷ୍ୟତ ମୋର ଗଢିବି।

+ରୋହିଗାଁ, ଗଞ୍ଜାମ
ମୋ-୮୨୪୯୧୧୯୧୩୦

## କଦଳୀ.....

ଧ୍ରୁବ ଚରଣ ଘିବେଲା

କଂଚାରେ ପରିବା ପାଚିଲେ ଫଳ
ଦିଅଁଙ୍କଠି ଲାଗି ପାଚିଲା ଫଳ।

ପୁଣ୍ୟ ପରବରେ ପୂଜା କର୍ମରେ
କଦଳୀ ଚାହିଦା ସବୁ କାଳରେ।

କଂଚାରେ ଶାଗୁଆ ଶାଗୁଆ ରଂଗ
ପାଚି ହଳଦିଆ ଦିଶେ ତା' ରଂଗ।

ସୁଆଦିଆ ଅତି କଦଳୀ ଭଜା
ପଖାଳ ଭାତକୁ ଖାଇବା ମଜା।

କଦଳୀ ପୁଆରୁ କଦଳୀ ଗଛ
ପୁଆ ବଢ଼ିଯାଇ ମାଡ଼େ ତୁରିତ।



ବେଳକାଳ ହେଲେ ପକାଏ କାନ୍ଧି
ଗୋଟେ ଗଛ ଧରେ ଗୋଟିଏ କାନ୍ଧି।

କାନ୍ଧି ବଢ଼ିଯାଇ ହୁଅଇ ବଡ଼
କଦଳୀ ଆକାର ଛୋଟରୁ ବଡ଼।

ପାକଳ କଦଳୀ କାନ୍ଧିରୁ କାଟି
ଖାଇବା ସୁନ୍ଦର ସକଳେ ବାଂଟି।

ଚୂଡ଼ା ଓ କଦଳୀ ଚଟକି ଖାଇ
ଭଲ ଜଳଖିଆ ସ୍ୱାଦିଷ୍ଟ ଥାଇ।

ଲାଭଜନକ ସେ କଦଳୀ ଚାଷ
ଅର୍ଥକରୀ ପୁଣି ଲାଭ ବହୁତ।

+ବୌଦ୍ଧ,ବଉଦରାଜ-
୭୬୨୦୧୪
ମୋ: ୯୪୩୭୪୩୮୪୬୬

## ମଂଜି ଓ ଗଛ .....

ରାମଚନ୍ଦ୍ର ସେଠୀ

ମଂଜିଟିଏ ପୋତିଥିଲି
ଗଛଟିଏ ଉଠିଲା
ଡାଳପତ୍ର ହେଲା ତାର
ଫୁଲ କେତେ ଫୁଟିଲା

ଫୁଲ ସବୁ ଫଳ ହେଲା
ଓହଳିଲା ଡାଳରେ
ପାଚିଯାଇ ଝଡ଼ିଗଲା
ପଡ଼ିଗଲା ମୂଳରେ

ଶୁଖିଗଲା ସେଇ ଫଳ
ମଂଜି ଗଲା ବାହାରି
ପୁଣି ଦିନେ ନୂଆ ରୂପ
ହୋଇଗଲା ତାହାରି

ମାଟି ପାଣି ଖରାତରା
ପବନର ପରଷେ
ପୁଣି ଟିକି ଟିକି ଗଛ
ଉଠିଗଲା ହରଷେ

ଏମିତିକା ଗଛ ପରେ
ଗଛ ସବୁ ଉଠିଲା
ବାଡ଼ିସାରା ଗଛ ହେଲା
ଫୁଲସବୁ ଫୁଟିଲା

ଗତ ଖୋଳି ପୋତିଥିଲି
ମଂଜି ଆଣି ଗୋଟିଏ
ଗୋଟେ ଗୋଟେ ବାଡ଼ିସାରା
ଗଛ ହେଲା କୋଟିଏ।

+ହାତୀମୁଣ୍ଡା, ବାଣପୁର, ଖୋର୍ଦ୍ଧା

## କୁନା ମୁନା ରଖିଲେ ନାଁ.....

ପବିତ୍ର କୁମାର ସାହୁ

ଆମ କୁନାମୁନା ଗୋଟିଏ ଶ୍ରେଣୀରେ
ପଢୁଥିଲେ ନିତି ପାଠ
ଏକାଗ୍ର ଚିତ୍ତରେ ମୁନା ପାଠ ପଢି
ହୋଇଲା ଶ୍ରେଣୀରେ ଶ୍ରେଷ୍ଠ।

କୁନାଟା ଚଗଲା ବଦମାସୀ ହୋଇ
ଗଲାନାହିଁ ଚାଟଶାଳୀ
ବେଙ୍ଗ ଡିଆଁ ମାରି ଦାଣ୍ଡ ବିଲ ବଣେ
ବିତାଇଲା ନଟୁ ଖେଳି ।

ବଡହୋଇ ମୁନା କଲେକ୍ଟର ହେଲା
ପାଇଲା ସମ୍ମାନ ଭଲା
ପିତା ମାତା ନାମ ଉଜ୍ଜ୍ୱଳ କରିଣ
ଦେଶବାସୀ ସେବା କଲା ।

ବିଲରେ ଚଷିଲା ହଳଧରି କୁନା
ବୁହାଇ ମୁଣ୍ଡରୁ ଝାଳ
ସର୍ବଶ୍ରେଷ୍ଠ ଚାଷୀ ହୋଇଲା ଦେଶରେ
ଫଳାଇ ସୁନା ଫସଲ।

ମୁନା ହାତୁ କୁନା ପାଇ ପୁରସ୍କାର
ହରଷେ ଦୁହେଁ ହସିଲେ
ଗ୍ରାମ ଦେଶ ରାଜ୍ୟ ମଥା ଟେକିଦେଇ
ରଖିଲେ ନାଁ ଧରାତଳେ ।

ଦୃଢ଼ ମନୋବଳ ଇଚ୍ଛାଶକ୍ତି ରଖି
ଯେ କରେ ନିଷ୍ଠାରେ କର୍ମ
ସେ ନିଶ୍ଚେ ଚାଖିବ ସଫଳତା ସ୍ୱାଦ
ଅସ୍ୱକରି ପରିଶ୍ରମ ।

+ସଂସ୍କୃତ ଶିକ୍ଷକ,
ଅଡାସାହି, ଆନନ୍ଦପୁର, କେନ୍ଦୁଝର

# କୋଭିଡ୍ ସଂକ୍ରମଣ ରୋକିବାକୁ ବିଜେପିର ଦେଶବ୍ୟାପୀ 'ସେବା ହିଁ ସଂଗଠନ' କାର୍ଯ୍ୟକ୍ରମ ଆରମ୍ଭ

ଭୁବନେଶ୍ୱର,୩୦/୪ (ନି.ପ୍ର): ଦେଶବ୍ୟାପୀ କୋଭିଡ ସଂକ୍ରମଣର ୨ୟ ଲହର କ୍ରମଶଃ କାୟା ବିସ୍ତାର କରିଚାଲିଛି । ରାଷ୍ଟ୍ରୀୟ ସଭାପତି ଜେ.ପି.ନଡ୍ଡାଙ୍କ ଆହ୍ୱାନକ୍ରମେ କୋଭିଡ୍ ସଂକ୍ରମଣର ଦ୍ୱିତୀୟ ଲହରକୁ ପ୍ରତିହିତ କରିବା ପାଇଁ ଦେଶବ୍ୟାପୀ 'ସେବା ହିଁ ସଂଗଠନ' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ବିଶେଷ ଭାବେ 'ମେରା ବୁଥ୍, କରୋନା ମୁକ୍ତ' ଅଭିଯାନକୁ ଗୁରୁତ୍ୱ ଦିଆଯାଉଛି । ଏହି କାର୍ଯ୍ୟକ୍ରମ ଗତ ଏପ୍ରିଲ ୨୬ ତାରିଖ ଠାରୁ ଓଡିଶାର ବିଭିନ୍ନ ସ୍ଥାନରେ ଆରମ୍ଭ ହୋଇଛି । ଭର୍ଚୁଆଲ ମିଟିଂ ଜରିଆରେ ଆଜି ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅଧକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଏହି ସମୀକ୍ଷା ବୈଠକରେ ରାଜ୍ୟ ପ୍ରଭାରୀ ଶ୍ରୀମତୀ ଡି.ପୁରନ୍ଦେଶ୍ୱରୀ, ସହପ୍ରଭାରୀ ବିଜୟପାଲ ସିଂ ତୋମାର, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଷଡଙ୍ଗୀ, ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ରାଷ୍ଟ୍ରୀୟ ମୁଖପାତ୍ର ଡ.ସମ୍ବିତ ପାତ୍ର, ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି, ପୂର୍ବତନ ରାଜ୍ୟ ସଭାପତି ମନମୋହନ ସାମଲ, କେ.ଭି.ସିଂହଦେଓ ଓ ବସନ୍ତ ପଣ୍ଡା, 'ସେବା ହିଁ ସଂଗଠନ'ର ରାଜ୍ୟ ସଂଯୋଜକ ତଥା ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର, ସହ ସଂଯୋଜକ ନୟନ ମହାନ୍ତି, ସମସ୍ତ ସାଂସଦ ଓ ସାଂସଦ ପ୍ରାର୍ଥୀ, ସମସ୍ତ ବିଧାୟକ ଓ ବିଧାୟକ ପ୍ରାର୍ଥୀମାନେ ଉପସ୍ଥିତ ଥିଲେ । ଓଡିଶାରେ କୋଭିଡ୍ ଟେଷ୍ଟିଂ ସଂଖ୍ୟାର ବୃଦ୍ଧି, ଡାକ୍ତରଖାନା ଓ ଶଯ୍ୟା ସଂଖ୍ୟା ବୃଦ୍ଧି, ଆସିୟୁ ଶଯ୍ୟା ସଂଖ୍ୟା ବୃଦ୍ଧି, ପର୍ଯ୍ୟାପ୍ତ ପରିମାଣର ଅକ୍ସିଜେନ ଉପଲବ୍ଧ କରାଯିବା, ଭେଂଟିଲେଟର ସଂଖ୍ୟା ବୃଦ୍ଧି କରାଯିବା, କୋଭିଡ୍ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ଆମ୍ବୁଲାନ୍ସ ସେବା ଯୋଗାଇବା ଆଦି ପ୍ରସଙ୍ଗରେ ଆଜିର ଏହି ସମୀକ୍ଷା ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା । ସେହିପରି ୨ୟ ପର୍ଯ୍ୟାୟର ଏହି ସଂକ୍ରମଣକୁ ପ୍ରତିହିତ କରିବା ପାଇଁ ସର୍ବଦା ମାସ୍କ ପରିଧାନ କରିବା, ସାମାଜିକ ଦୂରତା ବଜାୟ ରଖିବା, ନିୟମିତ ହାତ ଧୋଇବାକୁ ବିଜେପିର ସମସ୍ତ କାର୍ଯ୍ୟକର୍ତାମାନେ ସାଧାରଣ ଜନତାଙ୍କୁ ସଚେତନ କରାଇବେ । ପ୍ରତ୍ୟେକ ଦିନ ସମସ୍ତ ଜିଲ୍ଲା ସମେତ ରାଜ୍ୟସ୍ତରୀୟ ସମୀକ୍ଷା ରିପୋର୍ଟ ରାଷ୍ଟ୍ରୀୟ ସଭାପତିଙ୍କୁ ପ୍ରଦାନ କରାଯିବ ବୋଲି ରାଜ୍ୟ ସଂଯୋଜକ ଭୃଗୁ ବକ୍ସିପାତ୍ର ସୂଚନା ଦେଇ କହିଛନ୍ତି ।

# ରୋଡ଼ ଆକ୍ସିଡେଂଟସ ଇନ୍ ଓଡ଼ିଶା - ୨୦୧୯ ଏବଂ ଇଂଟିଗ୍ରେଟେଡ଼ ରୋଡ଼୍ ସେଫ୍‌ଟି ଆକ୍ସନ ପ୍ଲାନ୍ ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର,୩୦/୪ (ନି.ପ୍ର): ବାଣିଜ୍ୟ ଓ ପରିବହନ, ଯୋଜନା ଓ ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ଦ୍ୱାରା ରୋଡ଼୍ ଆକ୍ସିଡେଂଟସ ଇନ୍ ଓଡ଼ିଶା-୨୦୧୯ ଏବଂ ଇଂଟିଗ୍ରେଟେଡ଼ ରୋଡ଼୍ ସେଫ୍‌ଟି ଆକ୍ସନ ପ୍ଲାନ ପୁସ୍ତକ ଦୁଇଟି ଉନ୍ମୋଚିତ ହୋଇଯାଇଛି । ଏହି ଅବସରରେ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚବ ମଧୁସୂଦନ ପାଢ଼ୀ ଏବଂ ପରିବହନ କମିଶନର ସଂଜୀବ ପଣ୍ଡା ଉପସ୍ଥିତ ଥିଲେ ।

ଜିଲ୍ଲାୱାରୀ ଦୁର୍ଘଟଣା ଘଟିବାର କାରଣ, ବିଭିନ୍ନ ଦୁର୍ଘଟଣା ପ୍ରବଣ ସ୍ଥାନର ତାଲିକା, ସର୍ବାଧିକ ଦୁର୍ଘଟଣା ଘଟୁଥିବା ସମୟ ଇତ୍ୟାଦି ଆବଶ୍ୟକ ତଥ୍ୟ ରୋଡ଼୍ ଆକ୍ସିଡେଂଟସ ଇନ୍ ଓଡ଼ିଶା-୨୦୧୯ ପୁସ୍ତକରେ ପ୍ରଦାନ କରାଯାଇଛି, ଯାହାକି ସଡ଼କ ଦୁର୍ଘଟଣା ହ୍ରାସ କରିବା ନିମନ୍ତେ ଯୋଜନା ପ୍ରସ୍ତୁତ କରିବା ପାଇଁ ବିଭିନ୍ନ ବିଭାଗର ଅଧିକାରୀମାନଙ୍କ ନିମନ୍ତେ ସହାୟକ ହେବ ।

ବିଭାଗ ତରଫରୁ ପ୍ରଥମ ଥର ପାଇଁ ସଡ଼କ ଦୁର୍ଘଟଣା ତଥ୍ୟର ଜିଲ୍ଲାୱାରୀ ବିଶ୍ଳେଷଣ କରାଯାଇ ରୋଡ଼୍ ଆକ୍ସିଡେଂଟସ ଇନ୍ ଓଡ଼ିଶା-୨୦୧୯ ପ୍ରସ୍ତୁତ ହୋଇଛି । ସେହିପରି ସଡ଼କ ଦୁର୍ଘଟଣାକୁ ପ୍ରତିବର୍ଷ ପ୍ରାୟ ୨୦ ଶତାଂଶ ହ୍ରାସ କରିବା ଲକ୍ଷ୍ୟ ନେଇ ସ୍ୱାସ୍ଥ୍ୟ ବିଭାଗ, ସଡ଼କ ନିର୍ମାଣକାରୀ ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓ ପୋଲିସ୍ ବିଭାଗର ଆଗାମୀ ବର୍ଷ ପାଇଁ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଇଂଟିଗ୍ରେଟେଡ଼ ରୋଡ଼୍ ସେଫ୍‌ଟି ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରାଯାଇଛି । ଉଭୟ ପୁସ୍ତକ ଦୁଇଟି ତପନ ମିଶ୍ର, ଉପନିର୍ଦ୍ଦେଶକଙ୍କ ଦ୍ୱାରା ସଂକଳନ କରାଯାଇଛି ।

# ଟେଲିଡକ୍ଟର ସେବା ପାଇଁ ହେଲ୍ପଲାଇନ ନମ୍ବର ଜାରି କଲା ଏବିଭିପି

ଭୁବନେଶ୍ୱର,୩୦/୪ (ନି.ପ୍ର): ରାଜ୍ୟରେ କରୋନାର ଦ୍ୱିତୀୟ ଲହରୀ ଦିନକୁ ଦିନ ହୁ ହୁ ହୋଇ ବଢ଼ିବାରେ ଲାଗିଛି । ତେବେ ଏହି ସଂକଟପୂର୍ଣ୍ଣ ପରିସ୍ଥିତିରେ ଛାତ୍ର ସଂଗଠନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ତରଫରୁ ସାଧାରଣ ଲୋକମାନଙ୍କୁ ଟେଲିଡକ୍ଟର ସେବା ଯୋଗାଇ ଦିଆଯିବ । ଏବିଭିପିର ମେଡିଭିଜନ ଫୋରମ ତରଫରୁ ହୋଇଥିବା ଏହି ଟେଲିଡକ୍ଟର ସେବା ଆଜିଠାରୁ ଚାଲୁ ରହିବ । ବିଭିନ୍ନ ପ୍ରକାରର ରୋଗରୁ ଉପଶମ ପାଇଁ ରୋଗୀମାନେ ପରାମର୍ଶ ନେଇ ପାରିବେ ବୋଲି ମେଡିଭିଜନର ରାଜ୍ୟ ସଂଯୋଜକ ଡ. ଦେବକୀନନ୍ଦନ ସେନାପତି ସହ ସଂଯୋଜକ ଅକ୍ଷୟ କୁଣ୍ଡୁ ପ୍ରମୁଖ ଆଶା ପ୍ରକଟ କରିଛନ୍ତି । ଏହା ଦ୍ୱାରା ବହୁତ ଲୋକ ଉପକୃତ ହେବେ । ପ୍ରତ୍ୟେକ ଦିନ ଲୋକମାନେ ଫୋନ କଲ୍ ମାଧ୍ୟମରେ ନିଜ ସମସ୍ୟା ସମ୍ବନ୍ଧରେ ଅବଗତ କରାଇ ଏହାର ସମାଧାନ ପାଇ ପାରିବେ ।

# କୋଭିଡ଼ ସଂକ୍ରମଣକୁ ଦୃଷ୍ଟିରେ ରଖି ତିନୋଟି ସ୍ୱତନ୍ତ୍ର ଟ୍ରେନ୍ ବାତିଲ

ଭୁବନେଶ୍ୱର,୩୦/୪ (ନି.ପ୍ର): କୋଭିଡ଼ ସଂକ୍ରମଣ ବୃଦ୍ଧି ଦୃଷ୍ଟିରେ ରଖି ଏବଂ ଏହାର ସଂକ୍ରମଣକୁ ବନ୍ଦ କରିବା ପାଇଁ ରେଳବାଇ ପକ୍ଷରୁ ପଦକ୍ଷେପ ନିଆଯାଇ ନିମ୍ନଲିଖିତ ଅନୁଯାୟୀ ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ତିନୋଟି ସ୍ୱତନ୍ତ୍ର ଟ୍ରେନ ପରବର୍ତୀ ଆଦେଶ ପର୍ଯ୍ୟନ୍ତ ବାତିଲ କରିବାକୁ ନିଷ୍ପତି ନେଇଛି ।

ବିଶାଖାପାଟନମ୍-ରାୟଗଡ଼ା-ବିଶାଖାପାଟନମ୍ ବିଶେଷ ଟ୍ରେନ - ୦୮୫୦୮/୦୮୫୦୭ ବିଶାଖାପାଟନମ୍-ରାୟଗଡ଼ା-ବିଶାଖାପାଟନମ୍ ସ୍ପେଶାଲ ବିଶାଖାପାଟନମ୍ ଠାରୁ ୩୦ ଏପ୍ରିଲ ଏବଂ ରାୟଗଡ଼ାଠାରୁ ୧ ମଇ, ୨୦୨୧ ଠାରୁ ବାତିଲ କରାଯାଇଅଛି ।

ବିଶାଖାପାଟନମ୍-ଗୁଣୁପୁର-ବିଶାଖାପାଟନମ୍ ବିଶେଷ ଟ୍ରେନ - ୦୮୫୨୨/୦୮୫୨୧ ବିଶାଖାପାଟନମ୍-ଗୁଣୁପୁର-ବିଶାଖାପାଟନମ୍ ଉଭୟ ଦିଗରୁ ୩୦ ଏପ୍ରିଲ, ୨୦୨୧ ଠାରୁ ବାତିଲ ରହିବ ।

ବିଶାଖାପାଟନମ୍-ପଲାସା-ବିଶାଖାପାଟନମ୍ ବିଶେଷ ଟ୍ରେନ - ୦୮୫୩୨/୦୮୫୩୧ ବିଶାଖାପାଟନମ୍-ପଲାସା-ବିଶାଖାପାଟନମ୍ ସ୍ପେଶାଲ ବିଶାଖାପାଟନମ୍ ଠାରୁ ୩୦ ଏପ୍ରିଲ ଏବଂ ପଲାସା ଂରୁ ୧ ମଇ, ୨୦୨୧ ଠାରୁ ବାତିଲ ରହିବ ।

# ସେଂଟ୍ରାଲ ଫୋର୍ସ ବାବଦରେ ୪୫୬୧.୨୩ କୋଟି ଟଙ୍କା ଛାଡ଼ କରିବାକୁ ପ୍ରଧାନମନ୍ତ୍ରୀଙ୍କୁ ନବୀନଙ୍କ ଚିଠି

ଭୁବନେଶ୍ୱର,୩୦/୪ (ନି.ପ୍ର): କେନ୍ଦ୍ରୀୟ ଫୋର୍ସ ପାଉଣା ଛାଡ୍ କରିବା ପାଇଁ ଗୁରୁବାର ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛନ୍ତି । ଏବାବଦକୁ ୪୫୬୧.୨୩ କୋଟି ଟଙ୍କା ଛାଡ୍ କରିବାକୁ ଗୃହ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ରାଜ୍ୟ ସରକାର ନିଜର ସୀମିତ ସମ୍ବଳରୁ ମାଓ ମୁକାବିଲା ପାଇଁ ନିଜସ୍ୱ ୧୫ ବାଟାଲିୟନ୍ ପୋଲିସ୍ ଫୋର୍ସ ସୃଷ୍ଟି କରିଛନ୍ତି । ମାଓ ଉପଦ୍ରବ କେବଳ କିଛି ରାଜ୍ୟ ନୁହେଁ ବରଂ ଜାତୀୟ ସମସ୍ୟା । ଏହାର ସମାଧାନ କରିବା ଉଭୟ କେନ୍ଦ୍ର ଓ ରାଜ୍ୟର ଦାୟିତ୍ୱ । ଏଭଳି ସ୍ଥିତିରେ କେନ୍ଦ୍ର ଫୋର୍ସ ପାଉଣାକୁ ସମ୍ପୂର୍ଣ୍ଣ ଛାଡ୍ କରିବାକୁ ମୁଖ୍ୟମନ୍ତ୍ରୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ।

ଉଲ୍ଲେଖ୍ୟଯୋଗ୍ୟଯେ ୨୦୨୦ ଅକ୍ଟୋବର ୧ ପର୍ଯ୍ୟନ୍ତ ସେଂଟ୍ରାଲ ଆର୍ମଡ୍ ପୋଲିସ୍ ଫୋର୍ସ ବାବଦରେ ୪୫୬୧.୨୩ କୋଟି ଟଙ୍କା ଦାଖଲ କରିବାକୁ ଗୃହ ମନ୍ତ୍ରଣାଳୟ ଓଡିଶାକୁ କହିଛି ।

# ସମବାୟ ସଂସ୍ଥା ଦ୍ୱାରା ୬୮୬୯ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ରବି ଫସଲ ଋଣ ଯୋଗାଣ

## କୋଭିଡ୍-୧୯ ସ୍ଥିତିରେ ଫସଲ ଋଣ କୃଷି କାର୍ଯ୍ୟକୁ ଆଗେଇ ନେବାରେ ସାହାଯ୍ୟ କରିଛି : ସମବାୟ ମନ୍ତ୍ରୀ



ଭୁବନେଶ୍ୱର,୩୦/୪ (ନି.ପ୍ର): ୨୦୨୦-୨୧ ରବି ଫସଲ ନିମନ୍ତେ ସମବାୟ ସଂସ୍ଥା ଦ୍ୱାରା ସ୍ୱଳ୍ପମିଆଦୀ ଫସଲ ଋଣ ପ୍ରଦାନ କ୍ଷେତ୍ରରେ ଧାର୍ଯ୍ୟ ଲକ୍ଷ୍ୟର ୧୦୬ ପ୍ରତିଶତ ସଫଳତା ହାସଲ ହୋଇଛି । ରାଜ୍ୟ ସରକାର ଚାଷୀମାନଙ୍କୁ ରବି ଫସଲ ପାଇଁ ମୋଟ ୬୫୦୦ କୋଟି ଟଙ୍କାର ଫସଲ ଋଣ ଯୋଗାଇଦେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଥିବାବେଳେ ସମବାୟ ବିଭାଗ ପକ୍ଷରୁ ମୋଟ ୬୮୬୯ କୋଟି ୯୦ ଲକ୍ଷ ୭୧ ହଜାର ଟଙ୍କା ଋଣ ଆକାରରେ ଚାଷୀମାନଙ୍କୁ ଯୋଗାଇ ଦିଆଯାଇଛି । ଗତବର୍ଷ ରବି ଫସଲ ନିମନ୍ତେ ୫୭୪୦ କୋଟି ୪୬ ଲକ୍ଷ ଟଙ୍କା ଫସଲ ଋଣ ଯୋଗାଇ ଦିଆଯାଇଥିବାବେଳେ ଚଳିତ କୋଭିଡ୍ ସ୍ଥିତିରେ ରବି ଫସଲ ନିମନ୍ତେ ଋଣ ପ୍ରଦାନ କ୍ଷେତ୍ରରେ ସମବାୟ ସଂସ୍ଥାଗୁଡ଼ିକର ଉଲ୍ଲେଖନୀୟ ସଫଳତା ରାଜ୍ୟର କୃଷି କାର୍ଯ୍ୟକୁ ଆଗେଇ ନେବାରେ ସାହାଯ୍ୟ କରିଛି ବୋଲି ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । ଏଥି ସହିତ ରାଜ୍ୟ ସରକାର ଫସଲ ଋଣ କ୍ଷେତ୍ରରେ କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଯୁଗ୍ମଦେୟ ଗୋଷ୍ଠୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ନୂତନ ଚାଷୀଙ୍କୁ ଋଣ ପ୍ରଦାନ ନିମନ୍ତେ ସର୍ବଦା ପ୍ରାଥମିକତା ପ୍ରଦାନ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ।

୨୦୨୦-୨୧ ରବି ଫସଲ ନିମନ୍ତେ ରାଜ୍ୟର ମୋଟ ୧୫ ଲକ୍ଷ ୬୫ ହଜାର ୨୫ ଜଣ ଚାଷୀଙ୍କୁ ଏହି ଫସଲ ଋଣ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ମାଧ୍ୟମରେ ବିଭିନ୍ନ ସୋସାଇଟି ଜରିଆରେ ଯୋଗାଇ ଦିଆଯାଇଛି । ଋଣ ଟଙ୍କା ସଂପୃକ୍ତ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ପ୍ରେରଣ କରାଯାଇଛି । ରାଜ୍ୟର ୧୭ଟି ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ମଧ୍ୟରୁ ୧୩ଟି ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ରବି ଫସଲ ଋଣ ପ୍ରଦାନ କ୍ଷେତ୍ରରେ ଶତପ୍ରତିଶତରୁ ଉର୍ଦ୍ଧ୍ୱ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିଛନ୍ତି । କଟକ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ ସର୍ବାଧିକ ଧାର୍ଯ୍ୟ ଲକ୍ଷ୍ୟର ୧୨୫ ପ୍ରତିଶତ ଋଣ ପ୍ରଦାନ କରାଯାଇଛି । ସେହିପରି ରବି ଫସଲ ନିମନ୍ତେ ରାଜ୍ୟର ୨୫ ହଜାର ୧୬୯ ଜଣ ନୂତନ ଚାଷୀଙ୍କୁ ଫସଲ ଋଣ ପ୍ରଦାନ କରାଯାଇଛି ।

# ସ୍ୱାସ୍ଥ୍ୟ ବ୍ୟବସ୍ଥା ସୁଦୃଢ ଦାବିରେ ଏଆଇଡିଏସଓ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

ଭୁବନେଶ୍ୱର,୩୦/୪ (ନି.ପ୍ର): କୋଭିଡ୍ ମହାମାରୀ ସମୟରେ ସ୍ୱାସ୍ଥ୍ୟସେବା ସୁଦୃଢ କରିବା ଦାବିରେ ଏଆଇଡିଏସଓ ରାଜ୍ୟ ପରିଷଦ ତଥା ସମସ୍ତ ଜିଲ୍ଲା, ଆଂଚଳିକ ତଥା ଶିକ୍ଷାନୁଷ୍ଠାନ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଅନଲାଇନ ଜରିଆରେ ପ୍ରଦାନ କରାଯାଇଛି । ଏହି ସ୍ମାରକପତ୍ରର ଏକ କପି ସ୍ୱାସ୍ଥ୍ୟ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ସ୍ୱାସ୍ଥ୍ୟ ସଚିବ ଓ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କୁ ମଧ ପ୍ରେରଣ କରାଯାଇଛି । ସମସ୍ତଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା, ରାଜ୍ୟର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ କରିବା, ସମସ୍ତଙ୍କୁ ମାଗଣା ଟିକା ସହ ଅଧିକ ଟିକାକରଣ କେନ୍ଦ୍ର ଖୋଲିବା ଓ ସମସ୍ତ କେନ୍ଦ୍ରରେ ପର୍ଯ୍ୟାପ୍ତ ଟିକା ଯୋଗାଇ ଦେବା, ସମସ୍ତ ପି.ଏଚ୍.ସି ସ୍ତରର ଚିକିତ୍ସାଳୟରେ ଆରଟି-ପିସିଆର ଟେଷ୍ଟ କରି ଶିଘ୍ର ରିପୋର୍ଟ ପ୍ରଦାନର ବ୍ୟବସ୍ଥା କରିବା, କୋଭିଡ ରୋଗୀଙ୍କ ପାଇଁ ସମସ୍ତ ଚିକିତ୍ସାଳୟରେ ପର୍ଯ୍ୟାପ୍ତ ବେଡ, ଅମ୍ଳଜାନ ସିଲିଣ୍ଡର, ଭେଂଟିଲେଟରର ବ୍ୟବସ୍ଥା ସହ ଅଧିକ ଆଇ.ସି.ୟୁ ଖୋଲିବା, ରାଜ୍ୟରେ ଖାଲି ପଡିଥିବା ସମସ୍ତ ଡାକ୍ତର, ନର୍ସ, ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ପଦବୀ ପୂରଣ ପାଇଁ ଦାବି କରାଯାଇଛି । ଏହି କାର୍ଯ୍ୟକ୍ରମକୁ ଏ.ଆଇ.ଡି.ଏସ.ଓ ଓଡିଶା ରାଜ୍ୟ ପରିଷଦର ସଭାପତି ଗଣେଶ ତ୍ରିପାଠୀ, ସମ୍ପାଦକ ସୁବାସ ନାୟକ, ଉପ ସଭାପତି ସୋମନାଥ ବେହେରା, ସିଦ୍ଧାର୍ଥ ରଥ, ବବି ବଳବନ୍ତରାୟ, ଜୟନ୍ତ ମହାନ୍ତି, ସମ୍ପାଦକ ମଣ୍ଡଳୀ ସଭ୍ୟ ପ୍ରଭୃତି ପରିଚାଳନା କରିଥିଲେ ।

# ଅନୁଗୁଳରୁ ତରଳ ମେଡିକାଲ ଅମ୍ଳଜାନ ପରିବହନ କରିବ ଅକ୍ସିଜେନ୍ ଏକ୍ସପ୍ରେସ୍



ଭୁବନେଶ୍ୱର, ୨୯ ଏପ୍ରିଲ – ଭାରତୀୟ ରେଳ ଅକ୍ସିଜେନ୍ ଏକ୍ସପ୍ରେସକୁ ପ୍ରାଧାନ୍ୟ ଦେଇ ଜୀବନ ରକ୍ଷାକାରୀ ଅମ୍ଳଜାନ ପରିବହନ ଜାରି ରଖିଛି । ଆଜି କାର୍ଗୋ ଉଡ଼ାଣରୁ ଅନଲୋଡ୍ ହୋଇଥିବା ଦୁଇଟି ଖାଲି ଟ୍ୟାଙ୍କର୍ ଅନୁଗୁଳକୁ ସ୍ଥାନାନ୍ତର କରାଯାଇଛି । ଇସ୍ପାତ କାରଖାନାରୁ ଅମ୍ଳଜାନ ଲୋଡ୍ କରିବା ପାଇଁ ଆଜି ରାତିରେ ଏବଂ ତା'ପରେ ହରିୟାଣା ଆଡକୁ ଯିବା ପାଇଁ ଟ୍ରେନରେ ଲୋଡ୍ ହେବ । ଦୁଇଟି ଟ୍ୟାଙ୍କର୍ ସହିତ ଟ୍ରେନ୍ ଆଜି ଅନୁଗୁଳ ଛାଡିବାର ଆଶା କରାଯାଉଥିବାରୁ ହରିୟାଣା ଏହାର ପ୍ରଥମ ଅମ୍ଳଜାନ ଏକ୍ସପ୍ରେସ ଗ୍ରହଣ କରିବ । ତେଲେଙ୍ଗାନା ସରକାର ଅମ୍ଳଜାନ ଏକ୍ସପ୍ରେସ ପାଇଁ ଭାରତୀୟ ରେଳବାଇକୁ ମଧ ଅନୁରୋଧ କରିଛି । ୫ ଟି ଖାଲି ଟ୍ୟାଙ୍କର୍ ସହିତ ସିକନ୍ଦରାବାଦରୁ ଅନୁଗୁଳ ଅଭିମୁଖେ ଯାତ୍ରା କରୁଛି ଏବଂ ଆସନ୍ତାକାଲି ଅନୁଗୁଳ ଠାରେ ପହଂଚିବ ବୋଲି ଆଶା କରାଯାଉଛି । ତରଳ ଅମ୍ଳଜାନ ଏକ କ୍ରାୟୋଜେନିକ୍ କାର୍ଗୋ ଭାବରେ ଅନେକ ସୀମା ଅଛି ଯେଉଁଥିରେ ସର୍ବାଧିକ ଗତି, ଯାହା ଏହାକୁ ବହନ କରାଯାଇପାରିବ, ସର୍ବାଧିକ ତ୍ୱରାନ୍ୱିତ ଏବଂ ହ୍ରାସ ଏବଂ ଲୋଡିଂ ପ୍ରତିବନ୍ଧକ ଯେପରିକି ତରଳ ଅମ୍ଳଜାନ ଟ୍ୟାଙ୍କର୍ ଉପଲବ୍ଧତା ଏବଂ ରେମ୍ପ ଲୋଡିଂ ଇତ୍ୟାଦି ରୁଟ୍ ମ୍ୟାପିଙ୍ଗ୍ ମଧ ମାର୍ଗରେ ଉପଲବ୍ଧ ସର୍ବାଧିକ କ୍ଲିୟରାନ୍ସର ଯତ୍ନ ନିଏ । ପୂର୍ବତଟ ରେଳପଥ ଏହାର ପରିସୀମା ମଧ୍ୟରୁ ଅମ୍ଳଜାନ ସ୍ପେଶାଲ ଟ୍ରେନର ସୁରକ୍ଷିତ ଚଳାଚଳ ପାଇଁ ସମସ୍ତ ସତର୍କତା ଅବଲମ୍ବନ କରିଛି ଏବଂ ଶୀଘ୍ର ଏହି ଟ୍ରେନ୍ ପଠାଇବାପାଇଁ ପ୍ରସ୍ତୁତି କରିଛି । ଭାରତୀୟ ରେଳବାଇର ଅମ୍ଳଜାନ ଏକ୍ସପ୍ରେସ ପରିଚାଳନା ମହାରାଷ୍ଟ୍ର, ଉତରପ୍ରଦେଶ, ମଧପ୍ରଦେଶ ଏବଂ ଦିଲ୍ଲୀ ପରେ ହରିୟାଣା ଏବଂ ତେଲେଙ୍ଗାନା ରାଜ୍ୟକୁ ବିସ୍ତାର କରି ରାଜ୍ୟମାନଙ୍କୁ ସହାୟତା ପ୍ରଦାନ ଜାରି ରଖିଛି । ଖାଲି ଟ୍ୟାଙ୍କର୍ ସହିତ ପ୍ରଥମ ଅକ୍ସିଜେନ୍ ଏକ୍ସପ୍ରେସ୍ ଏପ୍ରିଲ୍ ୧୯ ରେ ମୁମ୍ବାଇରୁ ପୂର୍ବ ତଟ ରେଳପଥ ଅଧୀନରେ ଥିବା ବିଶାଖାପାଟନମ୍ ଅଭିମୁଖେ ଯାତ୍ରା ପ୍ରାରମ୍ଭ କରି ସେଠାରୁ ତରଳ ମେଡିକାଲ୍ ଅମ୍ଳଜାନ ବୋଝେଇ କରି ଏହି ଜୀବନ ରକ୍ଷାକାରୀ ଅମ୍ଳଜାନ ପଠାଇବାଠାରୁ ଆରମ୍ଭକରି କ୍ରମାଗତ ଭାବରେ ଦେଶର ବିଭିନ୍ନ ଗନ୍ତବ୍ୟ ସ୍ଥାନକୁ ପରିବହନ କରିଆସୁଛି । ଏହି ପ୍ରକ୍ରିୟାକୁ ଜାରି ରଖି, ପୂର୍ବତଟ ରେଳପଥରୁ ଆଉ ଦୁଇଟି ଟ୍ରେନ୍ ତରଳ ଅମ୍ଳଜାନ ବୋଝେଇ ପାଇଁ ଲୋଡିଂ ପ୍ଲାଂଟକୁ ଯିବା ବାଟରେ ଅଛନ୍ତି । ଆଶା କରାଯାଉଛି ଯେ ଭାରତୀୟ ରେଳବାଇ ଦ୍ୱାରା ପରିବହନ ହେଉଥିବା ତରଳ ମେଡିକାଲ ଅମ୍ଳଜାନ ଆସନ୍ତା ୨୪ ଘଂଟା ମଧରେ ପ୍ରାୟ ୬୪୦ ମେଟ୍ରିକ୍ ଟନ୍ ରେ ପହଂଚିବ ।

# ରାଜ୍ୟରେ ୬୩% ଆଇସିୟୁରେ ରୋଗୀ ଭର୍ତ୍ତି, ଗୃହ ପୃଥକବାସରେ ଅଛନ୍ତି ୪୧ହଜାରରୁ ଅଧିକ



ଭୁବନେଶ୍ୱର ,୩୦/୪ (ନି.ପ୍ର): ରାଜ୍ୟରେ ଧୀରେ ଧୀରେ ଗୁରୁତର ରୋଗୀଙ୍କ ସଂଖ୍ୟାରେ ବୃଦ୍ଧି ହେଉଛି । ରାଜ୍ୟର ଏବେ ୬୩ ପ୍ରତିଶତ ଆକ୍ରାନ୍ତ ଆଇସିୟୁରେ ଚିକିତ୍ସିତ ହେଉଛନ୍ତି । ତହିଁରୁ ୩୫ ପ୍ରତିଶତ କେବଳ ଭେଣ୍ଟିଲେଟରରେ ରହିଥିବା ସ୍ୱାସ୍ଥ୍ୟ ବିଭାଗରୁ ସୂଚନା ମିଳିଛି । ଗତକାଲି ସୁଦ୍ଧା ରାଜ୍ୟରେ ୫୦,୭୨୪ ଚିକିତ୍ସାଧୀନ ରୋଗୀ ରହିଥିବା ବେଳେ ତହିଁରୁ ୪୧,୪୩୬ଜଣ ଗୃହ ପୃଥକବାସରେ ରହିଛନ୍ତି । ବଳକା ୧୮ ପ୍ରତିଶତ ବା ୯,୨୮୮ଜଣ ଘରୋଇ ପୃଥକବାସ ସୁବିଧା, କୋଭିଡ କେୟାର ସେଣ୍ଟର ଓ କୋଭିଡ ହସ୍ପିଟାଲରେ ରହିଛନ୍ତି । ସମୁଦାୟ ଚିକିତ୍ସାଧୀନ ରୋଗୀଙ୍କ ଏହା ହେଉଛି ୧୮ ପ୍ରତିଶତ । ଧୀରେ ଧୀରେ ରାଜ୍ୟର ଆଇସିୟୁ ବ୍ୟବସ୍ଥା ଉପରେ ଚାପ ସୃଷ୍ଟି ହେବାର ଆଶଙ୍କା ଜଳ ଜଳ ବାରି ହୋଇପଡୁଛି । ରାଜ୍ୟରେ କୋଭିଡ ହସ୍ପିଟାଲ ଓ କୋଭିଡ ହୋମ୍ କେୟାରକୁ ମିଶାଇ ୮୪୬୩ ସାଧାରଣ ଶଯ୍ୟା ରହିଛି । ଏଥିରେ ୪୨ ପ୍ରତିଶତ ଅର୍ଥାତ ୩୫୮୮ଜଣ ?ରୋଗୀ ରହିଛନ୍ତି । ସେହିପରି ଆଇସିୟୁ/ଏଚ୍‌ଡିୟୁ ପାଇଁ ୨୦୧୬ଶଯ୍ୟା ଥିବା ବେଳେ ୧୨୭୦ଜଣ ଚିକିତ୍ସିତ ହେଉଛନ୍ତି । ଗତ ୨୭ତାରିଖ ବେଳକୁ ୧୦୮୫ଜଣ ଏଥିରେ ଚିକିତ୍ସିତ ହେଉଥିଲେ । ଗୋଟିଏ ଦିନରେ ୨୧୨ଜଣ ରୋଗୀଙ୍କୁ ଏହି ବ୍ୟବସ୍ଥାକୁ ପଠାଇବାକୁ ପଡ଼ିଛି । ଆଇସିୟୁରେ ଥିବା ୭୦୧ଟି ଭେଣ୍ଟିଲେଟରରୁ ୨୪୭ଜଣ ରହିଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତ ହୋଇଥିବା ୧୩୨ କୋଭିଡ କେୟାର ସେଣ୍ଟର ବା ସିସିସିରେ ୧୯,୫୩୯ଶଯ୍ୟା ଥିବା ବେଳେ ଏଥିରେ ୩୦୬୩ଜଣ, ଅସ୍ଥାୟୀ ମେଡିକାଲ କ୍ୟାମ୍ପ୍ ବା ଟିଏମ୍‌ସିରେ ଥିବା ୫୧,୧୫୦ ଶଯ୍ୟାରେ ୭୧୬ଜଣ, ସିସିଏଚ୍‌ରେ ଥିବା ୭୮୪୪ଶଯ୍ୟାରୁ ୩୦୫, ୬୦ଟି ଘରୋଇ ସଙ୍ଗରୋଧ ବ୍ୟବସ୍ଥାରେ ୧୪୩୬ ଶଯ୍ୟା ଥିବା ବେଳେ ଏଥିରେ ୩୪୬ଜଣ ଆକ୍ରାନ୍ତ ରହିଛନ୍ତି ।

# ୨୧୯ଟି ସ୍ଥାନରେ କୋଭିଡ ହସ୍ପିଟାଲରେ ପ୍ରଶାସନକୁ ସହଯୋଗ କରୁଛନ୍ତି ସ୍ୱୟଂସେବକ

## ସ୍ୱୟଂସେବକମାନଙ୍କ ଦ୍ୱାରା ୪୩ଟି ସହରରେ କୋଭିଡ ସେବା କେନ୍ଦ୍ର, ୨୪୪୨ ଟିକାକରଣ କେନ୍ଦ୍ର

ଭୁବନେଶ୍ୱର, ୨୯ ଏପ୍ରିଲ – କରୋନାର ଏହି ପ୍ରଚଣ୍ଡ ଆକ୍ରମଣ ଦ୍ୱାରା ଦେଶର ଅନେକ ସ୍ଥାନ ପ୍ରଭାବିତ ହୋଇଛି । ଡାକ୍ତର, ଅନ୍ୟାନ୍ୟ ଚିକିତ୍ସା କାର୍ଯ୍ୟ,ଅମ୍ଳଜାନ ଯୋଗାଣରେ ନିୟୋଜିତ କର୍ମଚାରୀ ଏବଂ ସୁରକ୍ଷା ଓ ସ୍ୱଚ୍ଛତା କର୍ମଚାରୀଙ୍କ ସମତ ସମସ୍ତ କରୋନା ଯୋଦ୍ଧାଙ୍କର ଅବଦାନ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ । ଏହି ସମୟରେ ସ୍ୱୟଂସେବକମାନଙ୍କ ଦ୍ୱାରା ୪୩ଟି ପ୍ରମୁଖ ସହରରେ କୋଭିଡ ସେବା କେନ୍ଦ୍ର ଗୁଡିକ ପରିଚାଳିତ ହେଉଛି । ଅନ୍ୟ ୨୧୯ଟି ସ୍ଥାନରେ କୋଭିଡ ଡାକ୍ତରଖାନାରେ ପ୍ରଶାସନକୁ ସହଯୋଗ କରାଯାଉଛି । ଟିକାକରଣ ପାଇଁ ଦଶ ହଜାରରୁ ଅଧିକ ସ୍ଥାନରେ ସଚେତନତା ଅଭିଯାନ ସହିତ ୨୪୪୨ ଟୀକାକରଣ କେନ୍ଦ୍ର ଆରମ୍ଭ ହୋଇଛି ବୋଲଇ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଅଖିଳ ଭାରତୀୟ ପ୍ରଚାର ପ୍ରମୁଖ ସୁନୀଲ ଆମ୍ବେଦକର କହିଛନ୍ତି ।

ଡିଜିଟାଲ ମାଧ୍ୟମରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓ ସେବାଭାରତୀ ଦ୍ୱାରା ପରିଚାଳିତ ହେଉଥିବା ସେବା କାର୍ଯ୍ୟ ବିଷୟରେ ସୁନୀଲ ଆମ୍ବେଦକର ସୂଚନା ଦେଇ କହିଛନ୍ତି ଯେ ସଂଗରୋଧ କେନ୍ଦ୍ର, ପଜେଟିଭ ରୋଗୀଙ୍କ ପାଇଁ କୋଭିଡ କେୟାର କେନ୍ଦ୍ର, ସରକାରୀ କୋଭିଡ କେନ୍ଦ୍ର ଏବଂ ଡାକ୍ତରଖାନାରେ ସହାୟତା, ସହାୟତା ପାଇଁ ଦୂରଭାଷ (ହେଲ୍ପଲାଇନ ନମ୍ବର), ରକ୍ତଦାନ,ପ୍ଲାଜମା ଦାନ, ଅନ୍ତିମ ସଂସ୍କାର, ଆୟୁର୍ବେଦିକ କାଢା ବିତରଣ, କାଉନସେଲିଂ, ଅମ୍ଳଜାନ ଯୋଗାଣ, ଆମ୍ବୁଲାନ୍ସ ସେବା, ଖାଦ୍ୟ ବିତରଣ, ରାସନ ବତରଣ, ମାସ୍କ ବିତରଣ, ଟିକାକରଣ ଅଭିଯାନ ଏବଂ ସଚେତନତା ଭଳି ଆବଶ୍ୟକୀୟ କାର୍ଯ୍ୟ ତୁରନ୍ତ ବିଭିନ୍ନ ପ୍ରଦେଶରେ ସ୍ୱୟଂସେବକମାନଙ୍କ ଦ୍ୱାରା ପ୍ରାଥମିକତା ଭିତିରେ ଆରମ୍ଭ କରାଯାଇଛି । ସ୍ଥାନୀୟ ପ୍ରଶାସନକୁ ମଧ ସହାୟତା ଯୋଗାଇ ଦିଆଯାଉଛି । ଯାହା ଦ୍ୱାରା ସମସ୍ତେ ମିଶି ଏହି ଆହ୍ୱାନର ମୁକାବିଲା କରିବା ସହିତ ବିଜୟପ୍ରାପ୍ତ କରି ପାରିବେ ।

ଇନ୍ଦୋରରେ ସରକାର, ବେସରକାରୀ ଡାକ୍ତରଖାନା, ରାଧା ସ୍ୱାମୀ ସତସଙ୍ଗ ଆଦିଙ୍କ ସହଯୋଗରେ ସଂଘ ଉଦ୍ୟମରେ ଦୁଇ ହଜାର ଶର୍ଯ୍ୟା ବିଶିଷ୍ଟ କୋଭିଡ କେନ୍ଦ୍ର ସରକାର ତଥା ସମାଜର ସମନ୍ୱିତ କାର୍ଯ୍ୟର ଉତ୍କୃଷ୍ଟ ଉଦାହରଣ ପାଲଟିଛି । ଏହି କାର୍ଯ୍ୟରେ ସମାଜର ସମସ୍ତ ଲୋକଙ୍କ ସହଯୋଗ ଆବଶ୍ୟକ ଏବଂ କରୋନା ପ୍ରକୋପ ଉପରେ ଶାସନ-ପ୍ରଶାସନ ଓ ସମାଜର ସମନ୍ୱିତ ପ୍ରୟାସରେ ଭାରତ ବିଜୟୀ ହେବ ।

ଏକ ପ୍ରଶ୍ନର ଉତରରେ ସେ କହିଛନ୍ତି ଯେ, ଆବଶ୍ୟକତା ଅନୁଯାୟୀ ପ୍ଲାଜମା, ରକ୍ତଦାନ କାର୍ଯ୍ୟରେ ସହଯୋଗ କରାଯାଉଛି । କେତେକ ସ୍ଥାନରେ ସମ୍ଭାବ୍ୟ ତାଲିକା ମଧ ପ୍ରସ୍ତୁତ କରାଯାଇଛି । ଦିଲ୍ଲୀରେ ରକ୍ତଦାତାଙ୍କ ସୂଚୀ ଉପଲବ୍ଧ । ପୁଣେରେ ୬୦୦ ଲୋକ ଏକ ଜନସଚେତନତା ଅଭିଯାନ ମାଧ୍ୟମରେ ପ୍ଲାଜମା ଦାନ କରିଥିଲେ, ଯାହା ୧୫୦୦ ଲୋକଙ୍କ ଜୀନବ ରକ୍ଷା କରିବାରେ ସାହାଯ୍ୟ କରିଥିଲା । ବିଭିନ୍ନ ସହରରେ ବୃଦ୍ଧ ଏବଂ ଏକକୀ ରହୁଥିବା ଲୋକଙ୍କୁ ଧ୍ୟାନରେ ରଖି ହେଲ୍ପ ଲାଇନ ନମ୍ବର ଜାରି କରାଯାଇଛି । ଏହା ମାଧ୍ୟମରେ ଉକ୍ତ ଲୋକମାନଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଉଛି ।

## ଶ୍ରମିକ ଦିବସ....

ପୃଷ୍ଠା ୪ର ଅବଶିଷ୍ଟାଂଶ...

ଏହା ପୁରୁଣା ଜମିଦାର କ୍ରୀତଦାସ ସମ୍ପର୍କର ନୂତନ ତଥା ଅତ୍ୟାଧୁନିକ ସଂସ୍କରଣ କହିଲେ ଅତ୍ୟୁକ୍ତି ହେବନାହିଁ। ସ୍ଥାୟୀ ନିଯୁକ୍ତି ବଦଳରେ ଠିକା ନିଯୁକ୍ତି ଦେଇ ପୁଞ୍ଜିପତିମାନେ ଶ୍ରମିକମାନଙ୍କୁ ପ୍ରୋଭିଡେଣ୍ଟ୍ ଫଣ୍ଡ୍, ଗ୍ରାଚ୍ୟୁଇଟି ଓ ମେଡ଼ିକାଲ୍ ସୁବିଧା ଆଦିରୁ ବଞ୍ଚିତ କରିବାର ସୁଯୋଗ ପାଉଛନ୍ତି।

ଆଜି ଶ୍ରମିକ ଦିବସ ପାଳନ କଲାବେଳେ ଚିକାଗୋର ସେହି ଶ୍ରମିକମାନଙ୍କର ପ୍ରଶଂସନୀୟ ତ୍ୟାଗ ଓ ବଳିଦାନର କାହାଣୀ ମନେପଡ଼େ। ୧୨୦ ବର୍ଷ ତଳେ ୮ ଘଣ୍ଟା ଶ୍ରମ ଦିବସ ପାଇଁ ସଂଗ୍ରାମ ଆରମ୍ଭ ହୋଇଥିଲା ବେଳେ ଏବେ ଭାରତର ଘରୋଇ କ୍ଷେତ୍ରରେ ବହୁ ସଂସ୍ଥାନରେ ଶ୍ରମ ଦିବସ ୧୦-୧୨ ଘଣ୍ଟାରୁ ଅଧିକ ହେଲାଣି। ଶ୍ରମିକର ଏହି ମୌଳିକ ଅଧିକାର ସମେତ ଅନେକ ଅଧିକାର ଉପରେ କୁଠାରଘାତ ହେଲାଣି। ଏହା ବିରୁଦ୍ଧରେ ତୀବ୍ର ପ୍ରତିବାଦ ମଧ ହେଉଛି। ଏହା ଶ୍ରମ ଓ ପୁଞ୍ଜିବାଦ ମଧରେ ଏକ ଉତ୍କଟ ଶ୍ରେଣୀ ସଂଘର୍ଷ। କେବଳ ଶକ୍ତିଶାଳୀ ଟ୍ରେଡ୍ ୟୁନିୟନ୍ ଆଇନ ଦ୍ୱାରା ଦେଶରେ ଉନ୍ନତ କର୍ମ ପରିବେଶ ସୃଷ୍ଟି ହୋଇପାରିବା ସଂଗେସଂଗେ ଉତ୍ପାଦନ କ୍ଷମତା ବୃଦ୍ଧିରେ ମଧ ସହାୟକ ହେବ। ଏହାକୁ ଶାଣିତ କରିବା ଆଜିର ଶ୍ରମ ଦିବସର ଆହ୍ୱାନ ହେବା ଉଚିତ।

+ବାଙ୍ଗାଲୋର
ମୋ : ୮୦୭୩୪୦୨୬୦୪

## କରୋନା ମହାମାରୀର ବ୍ୟାପକତା କାରଣରୁ ଭୁବନେଶ୍ୱରରର ସଫେଇ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ସ୍ଥଗିତ

ଭୁବନେଶ୍ୱର,୩୦/୦୪ (ନି.ପ୍ର): ସାରା ବିଶ୍ୱରେ କରୋନା ମହାମାରୀ ବୃଦ୍ଧି ପାଉଛି, ବିଶେଷକରି ଆମର ରାଜ୍ୟ ଓଡ଼ିଶା ତଥା ଭୁବନେଶ୍ୱରରେ କରୋନା ମହାମାରୀ ଉଗ୍ରରୂପ ଧାରଣ କରିଥିବାରୁ ଆସନ୍ତା ୨ ତାରିଖରୁ ସଫେଇ କର୍ମଚାରୀମାନେ ଦେଇଥିବା କାର୍ଯ୍ୟବନ୍ଦ/ଧର୍ମଘଟ ଆନ୍ଦୋଳନକୁ ସ୍ଥଗିତ ରଖିବା ପାଇଁ ସାଧାରଣ ବୈଠକରେ ନିଷ୍ପତି ନିଆଯାଇଛି। ଏଭଳି ପରିସ୍ଥିତିରେ ସଫେଇ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କଲେ ପରିବେଶ ଅତ୍ୟନ୍ତ ଭୟାବହ ହେବା ସହିତ ସାଧାରଣ ଜନଗଣ ଅସୁବିଧାର ସମ୍ମୁଖୀନ ହେବେ। ଏଭଳି ଏକ ଜଟିଳ ପରିସ୍ଥିତିରେ ଭୁବନେଶ୍ୱର ମହାନଗର ନିଗମ କର୍ତ୍ତୃପକ୍ଷ ଓ ଠିକାଦାରମାନେ ସଫେଇ କର୍ମଚାରୀମାନଙ୍କର ଦାବିକୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମାଧାନ କରିବା ପାଇଁ ନିବେଦନ କରାଯାଇଛି। ଅନ୍ୟଥା ସଫେଇ କର୍ମଚାରୀମାନେ ଧାର୍ଯ୍ୟ ସମୟ ଗତେ ପୁଣି କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ପାଇଁ ବାଧ ହେବେ ବୋଲି ସଂଗଠନର ସାଧାରଣ ସମ୍ପାଦକ ଗୁରୁବାରୀ ନାୟକ ଓ ଉପସଭାପତି ସତ୍ୟାନନ୍ଦ ବେହେରା ପ୍ରେସ୍‌ବିବୃତିରେ ଜଣାଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ମେ ୩୧ ଯାଏଁ ଅନ୍ତର୍ଜାତୀୟ....

କରାଯାଇଥିବା ନିର୍ଦ୍ଦେଶରେ ଦର୍ଶାଯାଇଛି ଯେ ଯଦି ଆବଶ୍ୟକ ହୁଏ ତେବେ କିଛି ଅନ୍ତର୍ଜାତୀୟ ମାର୍ଗରେ ବିମାନ ଚଳାଚଳ କରାଯାଇପାରିବ । ଏହାପୂର୍ବରୁ ଅନ୍ତର୍ଜାତୀୟ ବିମାନ ଉଡ଼ାଣ ଉପରେ ନିଷେଧାଦେଶର ଅବଧି ୩୦ ଏପ୍ରିଲ ୨୦୨୧ କୁ ବୃଦ୍ଧି କରାଯାଇଥିଲା । ଗତ ବର୍ଷ ମାର୍ଚ୍ଚରୁ କରୋନା ମହାମାରୀ ଯୋଗୁଁ ଅନ୍ତର୍ଜାତୀୟ ବିମାନ ଚଳାଚଳ ସ୍ଥଗିତ ରହିଥିଲା । ତେବେ, ମେ ୨୦୨୦ ରେ ଘରୋଇ ବିମାନ ଚଳାଚଳ ଆରମ୍ଭ ହୋଇଥିଲା । ସୂଚନା ଥାଉ କି ଯେ ଗତ ୨୪ ଘଣ୍ଟା ମଧ୍ୟରେ ୩.୮୬ ଲକ୍ଷରୁ ଅଧିକ ବ୍ୟକ୍ତି କରୋନା ପଜିଟିଭ୍ ହୋଇଛନ୍ତି। ଏଥି ସହିତ ସମଗ୍ର ଦେଶରେ ସକ୍ରିୟ କରୋନା ରୋଗୀଙ୍କ ସଂଖ୍ୟା ୩୧ ଲକ୍ଷରୁ ଅଧିକ ହୋଇଛି। ଆଜିକୁ ମିଶାଇ କ୍ରମାଗତ ନବମ ଦିନ ଧରି ଦୈନିକ ତିନି ଲକ୍ଷରୁ ଅଧିକ କରୋନା ମାମଲା ରୁଜୁ ହୋଇଛି। ବର୍ତ୍ତମାନ ୯ ଦିନ ପରେ ଏହି ସଂଖ୍ୟା ଚାରି ଲକ୍ଷରେ ପହଞ୍ଚିବା ଆରମ୍ଭ କରିଛି ।

### ଗୋଟିଏ ଦିନରେ ୮୬୮୧....

ବୌଦ୍ଧ ଜିଲ୍ଲାରୁ ୫୭, କଟକରୁ ୫୭୦ ଜଣ, ଦେବଗଡ ଜିଲ୍ଲାରୁ ୧୦୨ ଜଣ, ଢେଙ୍କାନାଳ ଜିଲ୍ଲାରୁ ୩୩ ଜଣ, ଗଜପତି ଜିଲ୍ଲାରୁ ୧୨୫, ଗଞ୍ଜାମରୁ ୧୯୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୨୧ ଜଣ, ଯାଜପୁରରୁ ୩୨୧ ଜଣ, ଝାରସୁଗୁଡ଼ାରୁ ୪୧୧ ଜଣ, କଳାହାଣ୍ଡିରୁ ୧୯୫ ଜଣ, କନ୍ଧମାଳ ଜିଲ୍ଲାରୁ ୫୪ ଜଣ. କେନ୍ଦ୍ରାପଡ଼ାରୁ ୮୫ ଜଣ, କେନ୍ଦୁଝରରୁ ୧୪୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଖୋର୍ଦ୍ଧାରୁ ୧୪୦୮ ଜଣ, କୋରାପୁଟରୁ ୧୧୩ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୩୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୨୨୦ ଜଣ, ନବରଙ୍ଗପୁରରୁ ୩୬୮ ଜଣ, ନୟାଗଡ଼ରୁ ୧୬୦ ଜଣ, ନୂଆପଡ଼ାରୁ ୩୦୪ ଜଣ, ପୁରୀରୁ ୫୧୪ ଜଣ, ରାୟଗଡ଼ାରୁ ୧୫୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୪୧୦ ଜଣ, ସୋନପୁରରୁ ୯୮ ଜଣ, ସୁନ୍ଦରଗଡ଼ରୁ ୭୪୫ ଜଣ ଓ ଷ୍ଟେଟ୍ ପୁଲରୁ ୨୭୭ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

### କେନ୍ଦ୍ର ସରକାରଙ୍କ ଟିକା ପରିଚାଳନା....

କେନ୍ଦ୍ର ନିଜ ହାତକୁ ନେଉନାହିଁ? ଟିକା ବିକ୍ରିକୁ ଅନୁମତି ଦେଇ କିପରି ସୁଷମ ବଂଟନ ଆଶା କରାଯାଉଛି? ତୃତୀୟ ପର୍ଯ୍ୟାୟ ଟିକାକରଣ ପାଇଁ ଅଫ୍ଲାଇନ୍ ବ୍ୟବସ୍ଥା ନାହିଁ କାହିଁକି? ଆପସ ବ୍ୟବହାର କରିପାରୁନଥିବା ଲୋକଙ୍କ ପାଇଁ କ'ଣ ବ୍ୟବସ୍ଥା ରହିଛି? ସେହିପରି ସୋସିଆଲ ମିଡିଆରେ ଶଯ୍ୟା, ଅକ୍ସିଜେନ ଅଭାବ ନେଇ ଲୋକେ ଅଭିଯୋଗ କଲେ, ଏହାକୁ ଅପପ୍ରଚାରର ଆଖ୍ୟା ଦିଆଯାଇପାରିବନାହିଁ ବୋଲି କହିଛନ୍ତି ସୁପ୍ରିମକୋର୍ଟ । ଏହାକୁ ସକରାତ୍ମକ ଭାବେ ଗ୍ରହଣ କରି ବ୍ୟବସ୍ଥାକୁ ସୁଧାରିବାକୁ ପରାମର୍ଶ ଦେଇଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ । ତେଣୁ ବିଭ୍ରାନ୍ତି ପ୍ରଚାର ଅଭିଯୋଗରେ କାହା ବିରୋଧରେ ସରକାର କାର୍ଯ୍ୟାନୁଷ୍ଠାନ ନେଲେ ଏହାକୁ କୋର୍ଟଙ୍କ ଅବମାନନା ଭାବେ ଧରାଯିବ ବୋଲି ଚେତାଇ ଦେଇଛନ୍ତି ସୁପ୍ରିମକୋର୍ଟ ।

### ୨୪ ଘଂଟାରେ ୧୦ ଜିଲ୍ଲାରେ....

କନ୍ଧମାଳ ଓ ଗଜପତି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କୁଆପଥର ବର୍ଷା ହୋଇପାରେ। ଏହାକୁ ଦୃଷ୍ଟିରେ ରଖି ଏହି ସମସ୍ତ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଏଥିସହ ଆସନ୍ତା ମେ ୫ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଏହିପରି କାଳବୈଶାଖୀ ସହ ବର୍ଷା ଓ ବଜ୍ରପାତର ସମ୍ଭାବନା ରହିଛି ବୋଲି କହିଛି ପାଣିପାଗ ବିଜ୍ଞାନ କେନ୍ଦ୍ର।

## ଅବସରପ୍ରାପ୍ତ ଡାକ ବିଭାଗ କର୍ମଚାରୀଙ୍କ ଦେହାନ୍ତ

ଖଇରା,୩୦/୦୪ (ନି.ପ୍ର): ଖଇରା ଥାନା ହରିପୁର ପଂଚାୟତ ହରିପୁର ଗ୍ରାମର ଅବସରପ୍ରାପ୍ତ ଡାକ ବିଭାଗ କର୍ମଚାରୀଙ୍କ ମୃତ୍ୟୁ ଘଟିଛି । ଏହି ଗ୍ରାମର ହରିହର ବିଶ୍ୱାଳ(୬୫) ଗତ କିଛି ଦିନ ଧରି ଅସୁସ୍ଥ ଥିଲେ । ଆଜି ତାଙ୍କର ମୃତ୍ୟୁ ଘଟିଛି । ସେ ହରିପୁର ପୋଷ୍ଟଅଫିସରେ ୪ର୍ଥଶ୍ରେଣୀ କର୍ମଚାରୀରୁ ଅବସର ଗ୍ରହଣ କରିଥିଲେ। ତାଙ୍କର ୨ପୁଅ ୨ଝିଅ ଅଛନ୍ତି । ତାଙ୍କ ମୃତ୍ୟୁରେ ସମ୍ପୃକ୍ତ ଅଂଚଳରେ ଶୋକର ଛାୟା ଖେଳିଯାଇଛି ।

## ବାଣିଜ୍ୟ ଅଧାପକଙ୍କ ମୃତ୍ୟୁରେ ନୀଳଗିରି ଅଂଚଳରେ ଶୋକର ଛାୟା



ନୀଳଗିରି, ୩୦/୦୪ (ନି.ପ୍ର): ଅଯୋଧା ଅଂଚଳିକ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ଅଧାପକ ବେଣୁଧର ମହାପାତ୍ରଙ୍କର ଦେହାନ୍ତ ଯୋଗୁଁ ଅଯୋଧା ସମେତ ନୀଳଗିରି ଅଂଚଳରେ ଶୋକର ଛାୟା ଖେଳିଯାଇଛି। ନୀଳଗିରି ବ୍ଲକ ଅଧିନସ୍ଥ କାଂସ ଅଂଚଳରେ ବେଣୁଧର ଜନ୍ମ ଗ୍ରହଣ କରିଥିଲେ। ସେ ଆଂଚଳିକ ମହାବିଦ୍ୟାଳୟ ଅଯୋଧାରେ ବାଣିଜ୍ୟ ବିଭାଗର ଅଧାପକ ଭାବେ କାର୍ଯ୍ୟକରୁଥିଲେ। ଗତ କିଛିଦିନ ଧରି ତାଙ୍କୁ ଜ୍ୱର ହୋଇଥିଲା। ସେ ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ କଟକରେ ନେଇ ଚିକିତ୍ସିତ କରୁଥିଲେ । ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ତାଙ୍କ ମରଶରୀରକୁ କଲେଜକୁ ଅଣାଯାଇଥିବାବେଳେ ସମସ୍ତ ଅଧାପକ ଅଧାପିକା, କର୍ମଚାରୀ, ଛାତ୍ରଛାତ୍ରୀ ଅଂଚଳବାସୀ ତାଙ୍କର ଶେଷ ଦର୍ଶନ କରିଥିଲେ। ସେ ଜଣେ ପରଉପକାରୀ, ମିଷ୍ଟଭାଷୀ, ସମାଜସେବୀ, ଛାତ୍ରବତ୍ସଳ ଥିଲେ। ଅଯୋଧା ସମ୍ବାଦ ବିତରକ ପ୍ରଶାନ୍ତ ପରିଡାଙ୍କ ଭିଣେଇ ଅଟନ୍ତି। ଏହି ଖବର ପ୍ରଚାରିତ ହେବା କ୍ଷଣି ସ୍ଥାନୀୟ ଅଂଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

## ବିଇଓଙ୍କ ଅବସରକାଳୀନ ସମ୍ବର୍ଦ୍ଧନା



ଖଇରା,୩୦/୦୪ (ନି.ପ୍ର): ଖଇରା ବିଇଓ ଅଫିସରେ କାର୍ଯ୍ୟରତ ସୁଦର୍ଶନ ରାଉତଙ୍କ ର ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ପୂର୍ବତନ ବିଇଓ ଧରଣୀ ଧର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ଏବିଇଓ ଗୋଲକ ବିହାରୀ ପାଢୀ, ଶ୍ରୀଧର ପ୍ରସାଦ ବେହେରା ପ୍ରମୁଖ ଯୋଗ ଦେଇ ଅବସର କରିଥିବା ବିଇଓ ଶ୍ରୀ ରାଉତଙ୍କର କାର୍ଯ୍ୟ ଶୈଳି ଓ ସମୟାନୁ ବର୍ତ୍ତିତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ମନୋଜ କୁମାର ମହାପାତ୍ର, ଭାଗିରଥୀ ନାୟକ, ରମାକନ୍ତ ପାଢୀ, ଅଜୟ କୁମାର ଲେଙ୍କା, ଦେବାଶିଷ ରାଉତ, ନିଗମ ନିକୁଞ୍ଜ ସେଠୀ, ଅଶୋକ କୁମାର ମହାନ୍ତି, ପ୍ରଶାନ୍ତ ପାଣିଗ୍ରାହୀ, ଶୁଶାନ୍ତ କୁମାର ନାୟକ, ଖୋକନ ସେଠୀ ବିଦ୍ୟାଧର ଦାସଙ୍କ ସମେତ ଆଂଚଳିକ ସାଧନ କର୍ମୀ ମାନେ ଯୋଗଦେଇଥିଲେ । ଏହି ଅବସରରେ ଶ୍ରୀ ରାଉତଙ୍କୁ ମାନପତ୍ର ଉତ୍ତରୀୟ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସିଆରସିସି ଶୁଶାନ୍ତ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ କୋଭିଡି କଟକଣା ନିୟମ କୁ ମାନି କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା ।

## ଭଦ୍ରକରେ ସୋମବାର ଠାରୁ ସକାଳ ୫ରୁ ଦିନ ୨ ଦୋକାନ ଖୋଲା

ଭଦ୍ରକ,୩୦/୦୪ (ନି.ପ୍ର): ଭଦ୍ରକ ବଣିକ ସଂଘର ନିଷ୍ପତି ଅନୁଯାୟୀ କରୋନର ଦୃତ ସଂକ୍ରମଣରେ ପ୍ରତିବନ୍ଧକ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହା ଶୃଙ୍ଖଳ ଭଙ୍ଗ ପାଇଁ ଜନ ସମାଗମକୁ ବନ୍ଦ କରିବା ଚିନ୍ତା ନେଇ ଆସନ୍ତା ୩ ତାରିଖ ସୋମବାର ଠାରୁ ପ୍ରତିଦିନ ଭଦ୍ରକ ସହରର ସମସ୍ତ ଦୋକାନ ବଜାର ଦିନ ୨ଟାରୁ ବନ୍ଦ ରଖାଯିବାକୁ ନିଷ୍ପତ୍ତି ନିଆ ଯାଇଛି। ଫଳରେ ସପ୍ତାହାନ୍ତ ଶଟ୍‌ଡାଉନ ଓ ପ୍ରତିରାତ୍ରର କର୍ଫ୍ୟୁ ସକାଳ ୫ଟାରେ କୋହଳ ହେବା ପରେ ସକାଳ ୫ରୁ ଦିନ ୨ ପର୍ଯ୍ୟନ୍ତ ଦୋକାନ ଖୋଲା ରଖିବା ନେଇ ଜିଲ୍ଲା ପ୍ରଶାସନକୁ ପ୍ରସ୍ତାବ ଦେବାରୁ ଜିଲ୍ଲା ପ୍ରଶାସନ ଏହାକୁ ସ୍ୱାଗତ କରିଛି। ଫଳରେ ଏହା ଆସନ୍ତା ସେମାବାରଠାରୁ ଲାଗୁ ହେବ ବୋଲି ଜିଲ୍ଲା ପ୍ରଶାସନ ଟୁଇଟ ଯୋଗେ ଅବଗତ କରାଇଛି। ଏଥି ସହିତ ପ୍ରତ୍ୟେକ ଦୋକାନୀ ନିଜ ନିଜ ଦୋକାନରେ ସାମାଜିକ ଦୂରତ୍ୱ ରକ୍ଷା କରିବେ। ମାସ୍କ ନିଶ୍ଚିତ ପିନ୍ଧିବେ, ଦୋକାନ ଭିତରେ ଗହଳି ନ କରିବାକୁ ସଂଘ ଅନୁରୋଧ କରିଛି।

## ସର୍ବୋଦୟ ଆଶ୍ରମରେ ପଦ୍ମଭୂଷଣ ମନୋଜ ଦାସଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି



ବାରିପଦା, ୩୦/୦୪ (ନି.ପ୍ର): ପ୍ରଖ୍ୟାତ ସାରସତ୍ୱ ସାଧକ ତଥା ଅନ୍ତର୍ଜାତୀୟ ଖ୍ୟାତିସମ୍ପର୍ଣ୍ଣ ଲେଖକ ପଦ୍ମଭୂଷଣ ମନୋଜ ଦାସଙ୍କର ବିୟୋଗରେ ମୟୂରଭଞ୍ଜ ଜିଲ୍ଲା ବାରିପଦା ଭଞ୍ଜପୁର ସ୍ଥିତ ସର୍ବୋଦୟ ଆଶ୍ରମରେ ବିନୋବା ସ୍ମାରକ ଟ୍ରଷ୍ଟ ଓ ଓଡିଶା କ୍ଷେତ ମଜଦୂର କିଷାନ ପରିଷଦର ମିଳିତ ଆନୁକୂଲ୍ୟରେ ପଦ୍ମଭୂଷଣ ମନୋଜ ଦାସଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା କରୋନା କଟକଣା ମଧରେ ଶୁକ୍ରବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ସମାଜସେବୀ ଆର୍ଯ୍ୟଭଟ୍ଟ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସ୍ୱର୍ଗତ ଦାସଙ୍କର ସ୍ମୃତି ଚାରଣ ସହ ଶୋକବ୍ୟକ୍ତ କରାଯାଇଛି। ପ୍ରଥମେ ପଦ୍ମଭୂଷଣ ମନୋଜ ଦାସଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅପର୍ଣ କରିବା ସହିତ ତାଙ୍କ ଜୀବନାଦର୍ଶ ବିଷୟରେ ଆଲୋଚନା କରାଯାଇଥିଲା। ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ କାହାଣୀ ଓ ଉପନ୍ୟାଶ ରଚନା କରି ବିଶ୍ୱ ସ୍ତରରେ ସ୍ୱତନ୍ତ୍ର ପରିଚୟ ପାଇଥିବା ସ୍ୱର୍ଗତ ଦାସଙ୍କ ବିୟୋଗରେ ଓଡ଼ିଆ ଜାତି ମର୍ମାହତ ହୋଇ ଚିର ଉପକୃତ ରହିବେ। ଏହି କାର୍ଯ୍ୟକ୍ରମରେ ସଭାପତି ମହାନ୍ତିଙ୍କ ସହିତ ଦୀପକ ନାୟକ, ଲକ୍ଷ୍ମଣ ଜେନା, ସରୋଜିନୀ ମହାନ୍ତି, ସୁସ୍ମିତା ପ୍ରିୟଦର୍ଶୀ, ଦିଲ୍ଲୀପ ପାତ୍ର, ରମାକାନ୍ତ ନାୟକ, ରଜତ ପଟ୍ଟନାୟକ, ସୌରର୍ଯ୍ୟ ସମଦର୍ଶୀ ମହାନ୍ତି, ସୁବ୍ରତ କୁମାର ଦାସ, ଜଗନ୍ନାଥ ବେହେରା, କୁମାରୀ ମିତାକ୍ଷି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ ସହ ଶ୍ରଦ୍ଧାଞ୍ଜଳି ଅପର୍ଣ କରିଥିଲେ।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବାଲେଶ୍ୱର,୩୦/୦୪ (ନି.ପ୍ର): ହରିପୁର ବେଗୁନିଆ ସରକାରୀ ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ପ୍ରଧାନ ଶିକ୍ଷୟିତ୍ରୀ ଉର୍ମିମାଳା ପଣ୍ଡାଙ୍କୁ ଆଜି ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଶିକ୍ଷାଧିକାରୀ ରଂଜନ କୁମାର ଗିରି ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ପଣ୍ଡାଙ୍କ ବ୍ୟବହାର ଛାତ୍ରବତ୍ସଳ ମନୋଭାବ ଅଞ୍ଚଳବାସୀଙ୍କ ପାଇଁ ସ୍ମୃତି ହୋଇ ରହିବ ବୋଲି ମତ ଦେଇଥିଲେ। ସିଆରସିସି ଅକ୍ଷୟ କୁମାର ରାୟ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରବୀନ୍ଦ୍ର କୁମାର ନାୟକ, ସଦସ୍ୟ ଉପେନ୍ଦ୍ର ପାତ୍ର, ସମାଜସେବୀ ଅକ୍ଷୟ କୁମାର ତ୍ରିପାଠୀ ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବେଗୁନିଆ ସରକାରୀ ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତିରେ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ପଣ୍ଡାଙ୍କ ଦୀର୍ଘ ବର୍ଷର କାର୍ଯ୍ୟଧାରା ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି କହିଥିଲେ। ଗ୍ରାମବାସୀଙ୍କ ସମେତ ବିଦ୍ୟାଳୟର ସହଯୋଗୀ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ତାଙ୍କୁ କେବେ ଭୁଲି ପାରିବେ ନାହିଁ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଶ୍ରୀମତୀ ପଣ୍ଡାଙ୍କୁ ବିଦ୍ୟାଳୟ ପକ୍ଷରୁ ବିଭିନ୍ନ ପ୍ରକାର ଉପଢୌକନ, ମାନପତ୍ର ପ୍ରଭୃତି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧିତ ଅବସରରେ ଶ୍ରୀମତୀ ପଣ୍ଡା ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୮ଗିରଫ

ଭୁବନେଶ୍ୱର,୩୦/୦୪ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୮ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୭୯୨ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୬,୬୧,୯୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

## ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ କରୋନାରେ୧୪ ଜଣଙ୍କର ମୃତ୍ୟୁ, ମୃତ୍ୟୁ ସଂଖ୍ୟା ୨୦୪୩ ହେଲା

ଭୁବନେଶ୍ୱର,୩୦/୦୪ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ କରୋନାରେ ୧୪ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହିତ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୨୦୪୩ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଭୁବନେଶ୍ୱରର ଜଣେ ୭୪ ବର୍ଷୀୟ କରୋନା ସଂକ୍ରମିତ ମହିଳାଙ୍କ ମୃତ୍ୟୁ ଘଟିଛି । ଭୁବନେଶ୍ୱରର ଜଣେ ୫୨ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ଗଂଜାମ ଜିଲ୍ଲାର ଜଣେ ୭୮ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେହିପରି କଳାହାଣ୍ଡି ଜିଲ୍ଲାର ଜଣେ ୬୦ ବର୍ଷୀୟ କରୋନା ସଂକ୍ରମିତ ମହିଳାଙ୍କ ମୃତ୍ୟୁ ଘଟିଛି । କୋରାପୁଟ ଜିଲ୍ଲାର ଜଣେ ୫୨ ବର୍ଷୀୟା କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । କୋରାପୁଟ ଜିଲ୍ଲାର ଜଣେ ୬୦ ବର୍ଷୀୟା କରୋନା ସଂକ୍ରମିତ ମହିଳାଙ୍କ ମୃତ୍ୟୁ ଘଟିଛି । ନବରଙ୍ଗପୁର ଜିଲ୍ଲାର ଜଣେ ୪୫ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ରାୟଗଡା ଜିଲ୍ଲାର ଜଣେ ୪୮ ବର୍ଷୀୟ କରୋନା ସଂକ୍ରମିତ ମହିଳାଙ୍କ ମୃତ୍ୟୁ ଘଟିଛି । ରାୟଗଡା ଜିଲ୍ଲାର ଅନ୍ୟ ଜଣେ ୪୧ ବର୍ଷୀୟ କରୋନା ସଂକ୍ରମିତ ମହିଳାଙ୍କ ମୃତ୍ୟୁ ଘଟିଛି । ସମ୍ବଲପୁର ଜିଲ୍ଲାର ଜଣେ ୩୦ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସୁନ୍ଦରଗଡ ଜିଲ୍ଲାର ଜଣେ ୬୦ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ଓ ଅନ୍ୟ ଜଣେ ୧୬ ବର୍ଷୀୟ କରୋନା ସଂକ୍ରମିତ ଯୁବତୀଙ୍କ ମୃତ୍ୟୁ ଘଟିଛି । ସୁନ୍ଦରଗଡ ଜିଲ୍ଲାର ଅନ୍ୟ ଜଣେ ୬୫ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି ।

## ଭଦ୍ରକରୁ କରୋନା ଆକ୍ରାନ୍ତ ଶତକ ପାର, ନୂତନ ଆକ୍ରାନ୍ତ ୧୦୩ ଚିହ୍ନଟ

ଭଦ୍ରକ,୩୦/୦୪ (ନି.ପ୍ର): ଭଦ୍ରକ ଜିଲ୍ଲାରେ କ୍ରମାଗତ କରୋନା ଆକ୍ରାନ୍ତଙ୍କ ସଂଖ୍ୟାରେ ବୃଦ୍ଧି ଘଟିବାରେ ଲାଗିଛି। ନୂଆ ଆକ୍ରାନ୍ତ ୧୦୩ଜଣ ଚିହ୍ନଟ ହୋଇଛନ୍ତି। ଫଳରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୮ହଜାର ୮୦୬ରେ ପହଞ୍ଚିଥିବା ବେଳେ ସୁସ୍ଥଙ୍କ ସଂଖ୍ୟା ୭ ହଜାର ୯୯୬ରହିଛି। ସକ୍ରିୟ ଆକ୍ରାନ୍ତ ୭୮୨ ଥିବା ସୂଚନା ଦିଆ ଯାଇଛି। ଚିହ୍ନଟ ନୂତନ ଆକ୍ରାନ୍ତଙ୍କ ମଧ୍ୟରେ ଭୁବନେଶ୍ୱରର ସମ୍ ହସ୍‌ପିଟାଲରେ ୨ଜଣ, ଏମ୍‌ସରେ ୨ଜଣ, କିମ୍‌ସରେ ୨ଜଣ, କଟକ ଏସ୍‌ସିବିରେ ୫ଜଣ ଚିହ୍ନଟ ହୋଇଛନ୍ତି। ଅନ୍ୟମାନଙ୍କ ମଧରେ ବାସୁଦେବପୁର ବ୍ଲକର ଚୁଡାମଣି ଗ୍ରାମରୁ ୨ଜଣ, ଗୋବିନ୍ଦପୁରରୁ ୩ଜଣ, ବିନାୟକପୁରରୁ ଜଣେ, ଉରୁଣିଆରୁ ଜଣେ, ରାଜଘରପୋଖରୀରୁ ଜଣେ, ବାସୁଦେବପୁର ପୌରପାଳିକାର ୧୨ନଂ ୱାର୍ଡ ରୁ ଜଣେ, ଭଦ୍ରକ ପୌରପାଳିକାର ୭ନଂ ୱାର୍ଡ ଗବସାହିରୁ ଜଣେ, ୯ନଂ ୱାର୍ଡ ଜଗନ୍ନାଥପୁରରୁ ଜଣେ, ୧୧ ନଂ ୱାର୍ଡ ନୂଆବଜାରରୁ ୪ଜଣ, ୨୬ ନଂ ୱାର୍ଡରୁ ୨ଜଣ, ୫ ନଂ ୱାର୍ଡ ପଥରଆଡ଼ିରୁ ୨ଜଣ, ଚରମ୍ପାରୁ ଜଣେ, ବାଇପାସ୍‌ରୁ ଜଣେ, ୨୯ ନଂ ୱାର୍ଡ ଗରଦପୁରରୁ ୨ଜଣ, ୩୦ନଂ ୱାର୍ଡ ଗରଦପୁରରୁ ୨ଜଣ ଚିହ୍ନଟ ହୋଇଛନ୍ତି। ବନ୍ତ ବ୍ଲକର ରାଉତରାପୁରରୁ ୩ଜଣ, ଚକ୍ରାପାଢୀରୁ ଜଣେ, ତେଜପୁରରୁ ୪ଜଣ, ମହାନ୍ତିପଡାରୁ ୩ଜଣ, ରାମପୁରରୁ ଜଣେ, ପାଟଣା ଗ୍ରାମରୁ ଜଣେ ଚିହ୍ନଟ ହୋଇଛନ୍ତି। ତିହିଡ଼ି ବ୍ଲକର ସିନ୍ଦୋଳ ଗ୍ରାମରୁ ଜଣେ, ଭଦ୍ରକ ବ୍ଲକ ବ୍ରହ୍ମପୁରରୁ ଜଣେ, ଚରମ୍ପାରୁ ୨ଜଣ, କଲେଇ ଗ୍ରାମରୁ ଜଣେ, ବିରିପଡ଼ା ଗ୍ରାମରୁ ଜଣେ, ଗୁଜିଦରଡ଼ାରୁ ଜଣେ, ଖଣ୍ଡତଡ଼ାରୁ ଜଣେ, କୋରକୋରାରୁ ଜଣେ, ଲାଙ୍ଗୁଡିରୁ ଜଣେ, ଅସୁରା ଗ୍ରାମରୁ ଜଣେ, ନଳାଙ୍ଗରୁ ୩ଜଣ, କୋଡନନ୍ଦପୁରରୁ ୨ଜଣ ଚିହ୍ନଟ ହୋଇଛନ୍ତି। ଚାନ୍ଦବାଲି ବ୍ଲକର ଧାମରାରୁ ୪ଜଣ, ଶଶିକାଦେଇପୁର ଗ୍ରାମରୁ ଜଣେ, ହରିପୁର ଗ୍ରାମରୁ ଜଣେ, ଅନ୍ୟ ଜିଲ୍ଲା ଭାବେ ବାଲେଶ୍ୱର ଜିଲ୍ଲା ଖଇରା ହରିପୁର ଗ୍ରାମରୁ ୨ଜଣ, କେନ୍ଦୁଝର ଜିଲ୍ଲା ହାଟଡ଼ିହି ବ୍ଲକରୁ ୩ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ଚାନ୍ଦବାଲି ଏନ୍‌ଏସି ୫ ନଂ ୱାଡରୁ ଜଣେ, ୭ ନଂ ୱାର୍ଡରୁ ୩ଜଣ, ୮ ନଂ ୱାର୍ଡରୁ ଜଣେ, ୧୦ ନଂ ୱାର୍ଡରୁ ଜଣେ, ଭଣ୍ଡାରିପୋଖରୀ ବ୍ଲକର ମଢିଆଳିରୁ ଜଣେ, ଦକ୍ଷିଣବାଡ ଗ୍ରାମରୁ ୨ଜଣ, ଲୀନାପଦି ଗ୍ରାମରୁ ଜଣେ, ବେଲଗଡିଆ ଗ୍ରାମରୁ ଜଣେ, ଧାମନଗର ବ୍ଲକର ବାଲିପାଟଣା ଗ୍ରାମରୁ ଜଣେ, ଦେଉଳଡିହି ଗ୍ରାମରୁ ୩ଜଣ, ଧୁଷୁରୀରୁ ୩ଜଣ, ନୂଆପଡା ଗ୍ରାମରୁ ୩ଜଣ, କଲ୍ୟାଣୀ ଗ୍ରାମରୁ ୨ଜଣ, ଷୋହଡା ଗ୍ରାମରୁ ୨ଜଣ, ଧାମନଗର ଏନ୍‌ଏସି ତାଳପଦା ଗ୍ରାମରୁ ଜଣେ, ଶ୍ୟାମପୁର ଗ୍ରାମରୁ ଜଣେ ଚିହ୍ନଟ ହୋଇଛନ୍ତି।

## ବେଆଇନ ଗାଡି ଚଳାଚଳ ଯୋଗୁଁ ଦୁର୍ଘଟଣା ବୃଦ୍ଧି ପାଉଛି

ବାଲିଆପାଳ,୩୦/୦୪ (ନି.ପ୍ର): ବାଲିଆପାଳ ବ୍ଲକ ସମେତ ଗ୍ରାମାଂଚଳରେ ଏବେ ବେଆଇନ ଗାଡି ଚଳାଚଳ ଯୋଗୁଁ ଦୈନନ୍ଦିନ ଦୁର୍ଘଟଣା ବୃଦ୍ଧି ପାଉଛି । ଦୁର୍ଘଟଣା ଯୋଗୁଁ ଅନେକଙ୍କ ଅକାଳରେ ମୃତ୍ୟୁ ହେଉଛି । ପରିବହନ ବିଭାଗ ଓ ପୁଲିସ କୌଣସି ଠୋସ ପଦକ୍ଷେପ ନେଉନଥିବାରୁ ବେଆଇନ ଗାଡି ଚାଳକଙ୍କୁ ଖୁବ ସୁହାଇଛି । ଅଧିକାଂଶ ଟ୍ରାକ୍ଟର .ଅଟୋ,ପିକଅପ ଏପରିକି ଛୋଟ ବଡ ଟ୍ରକ ଆଦି ଯାନ ବାହାନର ଫିଟନେଶ, ରେଜେଷ୍ଟ୍ରେସନ ଆଦି ନାହିଁ । ବାଲିଆପାଳ ପଡୋଶୀ ପଶ୍ଚିମବଙ୍ଗର ନିକଟବର୍ତୀ ହୋଇଥିବାରୁ ପଶ୍ଚିମବଙ୍ଗରୁ ଅଧିକାଂଶ ଗାଡି ଗଳା ବାଟ ଦେଇ ବାଲିଆପାଳ ସମେତ ରାଜ୍ୟର ଅନ୍ୟସ୍ଥାନକୁ ଯାଉଛି। ସୁବର୍ଣ୍ଣରେଖା ଦ୍ୱିତୀୟ ସେତୁ କନଟାପାଳ ବାଲିଖାଦାନକୁ ବହୁ ସଂଖ୍ୟାରେ ବେଆଇନ ଗାଡି ଆସୁଛି । କାଗଜ ପତ୍ର ଯାଂଚ କରିବା ପାଇଁ ପରିବହନ ବିଭାଗ କିମ୍ବା ପୁଲିସ କୌଣସି ପଦକ୍ଷେପ ନେଉନଥିବାରୁ ଅବାଧରେ ଯା ଆସ କରୁଛି । ବାଲିଆପାଳ ବ୍ଲକ ଛକରୁ କାଳିପଦା ବଜାର,ପର୍ଯ୍ୟଟନ କେନ୍ଦ୍ର ସମୁଦ୍ର ବେଳାଭୂମି ଡଗରାକୁ ଦୈନନ୍ଦିନ ବେଆଇନ ଗାଡି ଚଳାଚଳ କରୁଛି । ବେଳାଭୂମି ଡଗରାକୁ ବୁଲିବା ପାଇଁ ଦୁଇ ଚକିଆ,ଚାରି ଚକିଆ ଗାଡି ଯା ଆସ କରୁଛି । ଅଧିକାଂଶ ବେପୁରିଆଭାବରେ ଗାଡି ଚଳାଉଥିବାରୁ ରାସ୍ତାରେ ଦୁର୍ଘଟଣା ଘଟୁଛି । ଲୋକେ ପୁଲିସରେ ଅଭିଯୋଗ କରିଲେ ବି ପୁଲିସ କୌଣସି ପଦକ୍ଷେପ ନେଉନାହାନ୍ତି । ନା ବାଳକଙ୍କୁ ଗାଡି ଚଳାଚଳ ପାଇଁ ବାରଣ କରାଯାଇଥିଲେ ବି ତାହାକୁ ଖାତିର ନ କରି ସ୍କୁଲ କଲେଜ ପିଲାମାନେ ବେଆଇନ ଭାବେ ଗାଡି ଧରି ବୁଲୁଛନ୍ତି । ସେମାନେ ଏତେ ଦୃତ ଗତିରେ ଗାଡି ଚଳାଉଛନ୍ତି ଯେ ଅନେକ ସମୟରେ ଦୁର୍ଘଟଣା ଘଟୁଛି । ପରିବହନ ବିଭାଗ ନିୟମିତ ଭାବେ ଗାଡି ଗୁଡିକର ଫିଟନେସ, ରେଜଷ୍ଟ୍ରିସନ ଓ ପଲ୍ୟୁସନ , ବୀମା ଆଦି ଯାଂଚ କରିଲେ ବେଆଇନ ଚଳାଚଳ ବୃଦ୍ଧି ପାଆନ୍ତା ନାହିଁ ବୋଲି ସାଧାରଣରେ ଆଲୋଚନା ହେଉଛି । ସେହିପରି ଲଙ୍ଗଳେଶ୍ୱରରୁ ପଂଚୁପାଳିକୁ ଯାତାୟତ କରୁଥିବା ଦୁଇ ଚକିଆ ଯାନ ଗୁଡିକ ଅଧିକାଂଶ ସମୟରେ ଦୁର୍ଘଟଣା ସମ୍ମୁଖୀନ ହେଉଛନ୍ତି । ସ୍ଥାନୀୟ ଲୋକ ରାସ୍ତା ମରାମତି ଓ ବେଆଇନ ଗାଡି ଚଳାଚଳକୁ ବିରୋଧ କରି ରାସ୍ତାରୋକ ଆନ୍ଦୋଳନ କରୁଥିଲେ ବି ତାର ପ୍ରଭାବ ପ୍ରଶାସନ ଉପରେ ପଡୁନାହାନ୍ତି । ସେହିପରି କାଳିପଦାଠାରେ ଗାଡିଚଳାଚଳ ଓ ରାସ୍ତା ମରାମତିକୁ ଦାବି କରି ଗଦାଧର ବିକାଶ ପରିଷଦ ରାସ୍ତାରୋକ ଆନ୍ଦୋଳନ କରିଥିଲେ । ବାଲିଆପାଳ ଓ ଗାନ୍ଧୀ ଛକ ମୁଖ୍ୟ ରାସ୍ତାରେବେଆଇନ ଗାଡି ଚଳାଚଳ ଓ ଦୃତ ଗତିରେ ଯାନ ବାହାନ ଚଳାଚଳ କରୁଥିବାରୁ ବହୁ ସମୟରେ ଦୁର୍ଘଟଣା ଘଟୁଛି । ନିୟମିତ ଯାଂଚ କରାଗଲେ ଦୁର୍ଘଟଣାକୁ ରୋକା ଯାଇ ପାରନ୍ତା ବୋଲି ସ୍ଥାନୀୟ ଲୋକ ପ୍ରକାଶ କରିଛନ୍ତି । ତେବେ ଏ ବାବଦରେ ନିର୍ଦ୍ଦିଷ୍ଟ ଅଭିଯୋଗ ଆସିଲେ ପଦକ୍ଷେପ ନିଆଯିବ ବୋଲି ପୁଲିସ କହିଛି ।

## ଅଂଶୁଘାତରେ ମହିଳା ଶ୍ରମିକଙ୍କ ମୃତ୍ୟୁ ଅଭିଯୋଗ : ସହାୟତା ଦାବି



ଜଳେଶ୍ୱର, ୩୦/୪ (ନିପ୍ର) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଖାଲିନା ପଂଚାୟତର ଇକିଡା ଗାଁର ଛାୟାମଣି ଭୂୟାଁ(୫୦)ଗୁରୁବାର ସକାଳେ ବିଲକୁ କାମକରିବାକୁ ଯାଇଥିଲେ । କିନ୍ତୁ ଦିନ ୧ଟାରେ ଛାତିରେ ଯନ୍ତ୍ରଣ ଅନୁଭବ କରିବା ଓ ପାଣି ପିଇବାକୁ ମାଗିବା ପରେ ସଂଜ୍ଞାହୀନ ହୋଇପଡିଥିଲେ । ଗାଁ ଲୋକଙ୍କ ସହାୟତାରେ ସେ ଫେରିଥିଲେ । ଆଶାକର୍ମୀ ସୁଷମା ବେହେରା ତାଙ୍କର ପ୍ରାରମ୍ଭିକ ଚିକିତ୍ସାର କରିଥିଲେ ମଧ୍ୟ ରାତ୍ରୀ ୧୧ଟାରେ ତାର ମୃତ୍ୟୁ ଘଟିଥିଲା । ତାଙ୍କ ସ୍ୱାମୀ ଲକ୍ଷ୍ମୀଧର ଭୂୟାଁ ଜଣେ ଅସୁସ୍ଥ ବ୍ୟକ୍ତି ହୋଇଥିବାରୁ ପରିବାର ପ୍ରତିପୋଷଣ ଲାଗି ଅଂଶୁଘାତ ଜନିତ ମୃତ୍ୟୁରେ ସହାୟତା ଦେବାକୁ ଗ୍ରାମର ବେଣୁଧର ପ୍ରଧାନ ଓ ବରେନ୍ଦ୍ର ପ୍ରଧାରନ ଦାବି କରିଛନ୍ତି ।

## ଫାଲକନ ଗ୍ରୁପ ପକ୍ଷରୁ ବିଏମସିକୁ ଏକ ଆମ୍ବୁଲାନ୍ସ ପ୍ରଦାନ

ଭୁବନେଶ୍ୱର,୩୦/୦୪ (ନି.ପ୍ର): କୋଭିଡ-୧୯ର ଦ୍ୱିତୀୟ ଲହରୀର ଆବିର୍ଭାବ ହୋଇଥିବାବେଳେ, ଏହି ମାରାତ୍ମକ ଭାଇରସ ବିରୋଧୀ ଲଢ଼େଇରେ ସହାୟତା କରିବା ଉଦ୍ଦେଶ୍ୟରେ ଓଡ଼ିଶାର ଅଗ୍ରଣୀ ସଂସ୍ଥା ଫାଲକନ ଗ୍ରୁପ ପକ୍ଷରୁ ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନ (ବିଏମସି)କୁ ପାଖାପାଖି ୧.୨ କୋଟି ଟଙ୍କା ମୂଲ୍ୟର ଏକ ଉନ୍ନତ ଜୀବନ ରକ୍ଷାକରୀ ଆମ୍ବୁଲାନ୍ସ ଓ ଏକ ଇଲେକ୍ଟ୍ରିକ କ୍ରେମାଟୋରିୟମ ମେସିନ ପ୍ରଦାନ କରାଯାଇଛି। ଏହି ମୌଳିକ ଜୀବନ ରକ୍ଷାକାରୀ ଆମ୍ବୁଲାନ୍ସଟି ସମସ୍ତ ପ୍ରକାରର ଜରୁରୀକାଳିନ ଉପକରଣଜନିତ ସୁବିଧା ଯଥା ଷ୍ଟାଣ୍ଡାର୍ଡ ଅଟୋ ଲୋଡ଼ିଙ୍ଗ ଷ୍ଟ୍ରେଚର, ଆନାଲଗ ଟାଇପ ଅକ୍ସିଜେନ ଡେଲିଭରୀ ସିଷ୍ଟମ ସହିତ ଅନ୍ୟାନ୍ୟ ଅତ୍ୟାଧୁନିକ ସୁବିଧାରେ ବ୍ୟବସ୍ଥିତ ରହିଛି। ଏହି ଅବସରରେ ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନ କାର୍ଯ୍ୟାଳୟଠାରେ ଏକ ଉଦ୍‌ଘାଟନୀ ସମାରୋହ ମଧ୍ୟ ଆୟୋଜନ କରାଯାଇଛି। ଏହି ସମାରୋହରେ ଫାଲକନ ମାରାଇନ ଏକ୍ସପୋର୍ଟ ଲିମିଟେଡର ନିର୍ଦ୍ଦେଶକ ଶ୍ରୀ ପାର୍ଥଜିତ ପଟ୍ଟନାୟକ ଏବଂ ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନ କମିଶନର ଶ୍ରୀ ପ୍ରେମଚାନ୍ଦ ଚୌଧୁରୀ ଭୁବନେଶ୍ୱରର ଗୁରୁତର କରୋନା ରୋଗୀଙ୍କୁ ସାହାଯ୍ୟ ଉଦ୍ଦେଶ୍ୟରେ ଏହି ମୌଳିକ ଜୀବନ ରକ୍ଷାକାରୀ ଆମ୍ବୁଲାନ୍ସର ଉଦ୍‌ଘାଟନୀ କରିଛନ୍ତି। ଏହି ଅବସରରେ ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ଡେପୁଟି କମିଶନର ସୁଭେନ୍ଦୁ କୁମାର ସାହୁ ଏବଂ ଡେପୁଟି କମିଶନର, ରାଜସ୍ୱ ଶ୍ରୀ ଶ୍ରୀମନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଫାଲକନ ମାରାଇନ ଏକ୍ସପୋର୍ଟ ଲିମିଟେଡ ନିର୍ଦ୍ଦେଶକ ଶ୍ରୀ ପାର୍ଥଜିତ ପଟ୍ଟନାୟକ କହିଛନ୍ତି ଯେ, ଏଭଳି କଠିନ ସମୟରେ କରୋନା ରୋଗୀଙ୍କ ସ୍ଥାନାନ୍ତର ପ୍ରକ୍ରିୟାର ଉପଯୁକ୍ତ ପରିଚାଳନା ପାଇଁ ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନ (ବିଏମସି)କୁ ଏକ ଉନ୍ନତ ଜୀବନ ରକ୍ଷାକାରୀ ଆମ୍ବୁଲାନ୍ସ ଯୋଗାଇଦେଇ ଆମେ ବେଶ ଆନନ୍ଦିତ। ଏହି ଆମ୍ବୁଲାନ୍ସରେ ସମସ୍ତ ଜରୁରୀ ଜୀବନ ରକ୍ଷାକାରୀ ଉପକରଣ ରହିଛି ଯାହାକି ନିର୍ଦ୍ଦିଷ୍ଟଭାବେ ସହରରେ ସ୍ୱାସ୍ଥ୍ୟସେବାକୁ ଆହୁରି ମଜବୁତ କରିବ। ଆମେ ଓଡ଼ିଶା ଏବଂ ଓଡ଼ିଶା ବାସୀଙ୍କ ବିକାଶ ଦିଗରେ ପ୍ରତିବଦ୍ଧ। ସର୍ବସାଧାରଣଙ୍କୁ କରୋନା ସମ୍ପର୍କିତ ସମସ୍ତ ନିୟମ ମାନି ଚଳିବାକୁ ଅନୁରୋଧ କରିଛନ୍ତି।

## ଜନ୍ମଦାତ୍ରୀ ମା’କୁ ମାଡ ମାରିଲା ପୁଅ

### ଉଭୟ ବାପା ମା ମେଡିକାଲରେ ଭର୍ତ୍ତି



ନୀଳଗିରି,୩୦/୦୪ (ନି.ପ୍ର): ପ୍ରତ୍ୟେକ ବାପା ମାଆ ପୁଅଟିଏ ଜନ୍ମ କଲା ପରେ ଭାବିଥାନ୍ତି ପରିଣତ ବୟସରେ ସହାୟକ ହେବେ ବୋଲି ଭରସା ରଖିଥାନ୍ତି। କିନ୍ତୁ ଆଜିର ଦୁନିଆଁରେ ଏପରି ବି ପୁଅ ଅଛନ୍ତି ଯେ ବୁଢ଼ା କାଳରେ ବାପା ମାଆଙ୍କୁ ପୋଷିବା ପରିବର୍ତ୍ତେ ନିଷ୍ଠୁର ମାଡ଼ ମାରି ମେଡିକାଲକୁ ପଠାଇ ଦେବା ଘଟଣା ସମାଜର କଳଙ୍କର ଦାଗ ଲଗାଇ ଦେଇଛି। ଏପରି ଏକ ଅଘଟଣ ନୀଳଗିରି ଥାନା ମଛୁଆ ଗ୍ରାମରେ ଦେଖିବାକୁ ମିଳିଛି। ଉକ୍ତ ଗ୍ରାମର ଦାମୋଦର ପରିଡ଼ାର ପୁଅ ଗୋପିନାଥ ପରିଡ଼ା କିଛି କାରଣ ନ ଥାଇ ରାତି ପ୍ରାୟ ୧୦ଟା ସମୟରେ ଘରେ ପଶି ଜନ୍ମକଲା ମାଆ ମଂଜୁଲତାପରିଡ଼ାକୁ ଅଶ୍ଳୀଳ ଭାଷାରେ ଗାଳି ଗୁଲୋଜ କରିବା ସହ ପୁଅର ରକ୍ଷିତା ସ୍ତ୍ରୀ ମାମା ମଲ୍ଲିକ ମିଶି ଠେଲା ପେଲା, ବିଧା ଗୋଇଠା ମାରିବା ସହ ମଂଜୁଲତାର ଆଖିପତା ଓ ପିଠିକୁ ବିଧା ମାରି ଫଟାଇ ଦେଇଛି। ପୁଅ ଗୋପିନାଥ ପରିଡ଼ା ଏକ ଲୁହା ରଡ଼ରେ ମଂଜୁଲତାକୁ ଅମାନୁଷିକ ଭାବେ ବାଡ଼େଇ ବାଡ଼େଇ ଡାହାଣ ପଟ ଗୋଲ, କଙ୍କାଳକୁ ପଚ୍ଚ ପକାଇ ଦେଇଛି। ସ୍ତ୍ରୀର ଚିତ୍କାର ଶୁଣି ସ୍ୱାମୀ ଦାମୋଦର ପରିଡ଼ା ପ୍ରତିବାଦ କରିବାରୁ ପୁଅ ମଧ୍ୟ ଏପରିକି ବାପା ମାଆକୁ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ଏକ କୁରାଢ଼ି ଧରି ଗୋଡ଼ାଇଥିଲା। ଜୀବନ ବିକଳରେ ବୁଢ଼ାବୁଢ଼ୀ ୨ଜଣ ଲୁଚି ପଡ଼ିଥିଲେ। ଏ ନେଇ ମଂଜୁଲତା ନୀଳଗିରି ଥାନାରେ ଅଭିଯୋଗ କଲାପରେ ପୋଲିସ ସ୍ୱାମୀ, ସ୍ତ୍ରୀକୁ ନୀଳଗିରି ମେଡିକାଲରେ ଭର୍ତ୍ତି କରାଇ ଚିକିତ୍ସିତ କରାଉଥିବା ବେଳେ ଘଟଣାର ତଦନ୍ତ କରୁଛି।

## ବାଲେଶ୍ୱରରେ ଉପରମୁହାଁ କରୋନା

### ୨୪ଘଣ୍ଟାରେ ଚିହ୍ନଟ ୧୫୫ନୂଆ ସଂକ୍ରମିତ

ବାଲେଶ୍ୱର,୩୦/୦୪ (ନି.ପ୍ର): ଦ୍ୱିତୀୟ ଲହରରେ କରୋନା ସଂକ୍ରମଣ ହାର ଉପର ମୁହାଁ ହୋଇ ଚାଲିଥିବା ବେଳେ ବାଲେଶ୍ୱରର ସ୍ଥିତି କ୍ରମଶଃ ସଙ୍ଗୀନ ଆଡ଼କୁ ଯାଉଥିବା ଲକ୍ଷ୍ୟ କରାଯାଇଛି। ରାଜ୍ୟ ସୂଚନା ଓ ଲୋକସର୍ମ୍ପକ ବିଭାଗର ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟାରେ ବାଲେଶ୍ୱରର ୧୫୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସଂକ୍ରମିତଙ୍କ ମଧ୍ୟରେ ବାଲେଶ୍ୱର ସହରର ଗଡ଼ଗଡ଼ିଆ ଛକ ସଂଜୟ ହାଇଟ୍ସ ଆପାର୍ଟମେଣ୍ଟରୁ ୪ ଜଣ, ଏକ୍ସିସ ବ୍ୟାଙ୍କରୁ ୪ଜଣ, ଭୋଇସାହିରୁ ୨ଜଣ, ଗୋପାଳଗାଁ, ଦାମୋଦରପୁର ମୋତିଗଞ୍ଜ, ସହଦେବଖୁଣ୍ଟା, ବଟେଶ୍ୱର ପ୍ରଭୃତି ଅଞ୍ଚଳରୁ ଜଣେ ଲେଖାଁଏ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ସଦର ବ୍ଲକର ବିଭିନ୍ନ ଅଞ୍ଚଳରୁ ୨୩ ଜଣ ଓ ରେମୁଣା ବ୍ଲକର ବିଭିନ୍ନ ଅଞ୍ଚଳରରୁ ୪ ଜଣ ବ୍ୟକ୍ତି ନୂଆ ପଜିଟିଭ ଭାବେ ଚିହ୍ନଟ ହୋଇଛନ୍ତି। ଅନୁରୂପ ଭାବେ ଖଇରା ବ୍ଲକରୁ ୩୭ ଜଣ, ଭୋଗରାଇ ବ୍ଲକରୁ ୩୩ ଜଣ, ସିମୁଳିଆ ବ୍ଲକରୁ ୨୬ ଜଣ, ନୀଳିଗିରି ବ୍ଲକରୁ ୪ ଜଣ, ବାହାନଗା ବ୍ଲକରୁ ୪ ଜଣ, ସୋର ବ୍ଲକରୁ ୨ଜଣ, ବାଲିଆପାଳ ଏବଂ ଔପଦା ବ୍ଲକରୁ ଜଣେ ଲେଖାଏଁ ବ୍ୟକ୍ତିଙ୍କୁ ନୂଆ ସଂକ୍ରମିତ ଭାବେ ଚିହ୍ନଟ କରାଯାଇଛି। ତେବେ ସମସ୍ତ ସଂକ୍ରମିତ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ୧୯୭୧ ମସିହା ପୁରାତନ ଛାତ୍ରଛାତ୍ରୀ ଜିଲା ସ୍କୁଲକୁ ଦେଲେ ଦେଢ଼ଲକ୍ଷ



ବାଲେଶ୍ୱର,୩୦/୦୪ (ନି.ପ୍ର): ୧୯୭୧ ମସିହା ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ ପକ୍ଷରୁ ମୋ ସ୍କୁଲ ଅଭିଯାନ ସମ୍ପର୍କିତ ଏକ ବୈଠକ ଜିଲା ସ୍କୁଲ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ଭିତ୍ତିଭୂମି ବିକାଶ ଓ ଗୁଣାତ୍ମକ ଶିକ୍ଷାଦାନ କ୍ଷେତ୍ରରେ ପୁରାତନ ଛାତ୍ରଛାତ୍ରୀଙ୍କ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ହୋଇପାରିଛି ବୋଲି କହିଥିଲେ। ଏହି ପରିପ୍ରେକ୍ଷୀରେ ଜିଲା ସ୍କୁଲର ୧୯୭୧ ମସିହା ଛାତ୍ରଛାତ୍ରୀଙ୍କ ଉଦ୍ୟମ ଅନ୍ୟମାନଙ୍କ ପାଇଁ ପ୍ରେରଣା ହୋଇଛି ବୋଲ ସେ କହିଥିଲେ। ଜିଲା ଶିକ୍ଷାଧିକାରୀ ରଂଜନ କୁମାର ଗିରି ଏଥିରେ ଅନ୍ୟତମ ଅତିଥି ଭାବେ ଯୋଗଦେଇ ବାଲେଶ୍ୱର ଜିଲାରେ ମୋ ସ୍କୁଲ ଅଭିଯାନ ସଫଳ କାର୍ଯ୍ୟକାରିତା ସମ୍ପର୍କରେ ସୂଚନା ଦେଇଥିଲେ। ଜିଲା ସ୍କୁଲ ପୁରାତନ ଛାତ୍ର ପରିଷଦ ସଭାପତି ଡାକ୍ତର ସୁରେନ୍ଦ୍ର ନାଥ ସାହୁ ଏଥିରେ ପୌରୋହିତ୍ୟ କରିଥିଲେ। ପୁରାତନ ଛାତ୍ର ପରିଷଦର ଉପଦେଷ୍ଟା ତଥା ପ୍ରଧାନ ଶିକ୍ଷକ ଡକ୍ଟର ପ୍ରଫୁଲ କୁମାର ସାହୁ ଏଥିରେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ୧୯୭୧ ମସିହା ଛାତ୍ରଛାତ୍ରୀଙ୍କ ପକ୍ଷରୁ ଜିଲାସ୍କୁଲରେ ସ୍ମାର୍ଟ କ୍ଲାସ ନିର୍ମାଣ ପାଇଁ ୧ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏଥି ସହିତ ଜିଲା ସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ପଣ୍ଡିତ ସୁରେନ୍ଦ୍ର ନାଥ କର ମଧ୍ୟ ବିଦ୍ୟାଳୟର ମୋ ସ୍କୁଲ ଅଭିଯାନକୁ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଏହ ବ୍ୟତୀତ ମେଟ୍ରିକ ପରୀକ୍ଷାରେ ଜିଲା ସ୍କୁଲରୁ ସର୍ବାଧିକ ନମ୍ବର ରଖିଥିବା୨୦୧୯ ମସିହାର ଛାତ୍ର ଜୟରାମ ପଣ୍ଡା ଓ ୨୦୨୦ ମସିହାର ଛାତ୍ରୀ ଋତୁପର୍ଣ୍ଣା ସାହୁଙ୍କୁ ଅକ୍ଷୟ ଦାସ ସ୍ମୃତିଟ୍ରଫି ସହ ୫ ହଜାର ଲେଖାଏଁ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା।

## ରାଜ୍ୟରେ ଅକ୍ସିଜେନର ଅଭାବ ନାହିଁ : ପ୍ରଦୀପ୍ତ ମହାପାତ୍ର

ଭୁବନେଶ୍ୱର,୩୦/୦୪ (ନି.ପ୍ର): ରାଜ୍ୟରେ ଅକ୍ସିଜେନର କୌଣସି ଅଭାବ ହେବ ନାହିଁ। କୌଣସି ହସ୍ପିଟାଲରେ ସିଲିଣ୍ଡର ଯେମିତି ଖାଲି ରହିବନି, ସେନେଇ ସମସ୍ତ ମେଡିକାଲ କର୍ତ୍ତୃପକ୍ଷଙ୍କୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ରାଜ୍ୟରେ ରେମଡେସିଭିରର ବି ଅଭାବ ନାହିଁ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର। ସେ କହିଛନ୍ତି ଯେ, ଦୈନିକ ରାଜ୍ୟରେ ୧୨ଶହ ରେମଡେସିଭିର ଦରକାର ହେଉଛି। ଆମ ପାଖରେ ଏବେ ୪୩ ହଜାର ରେମଡେସିଭିର ଷ୍ଟକ ଅଛି।

## ବିଜେଡିରେ ଛାନୁଆ ସରପଞ୍ଚଙ୍କ ଯୋଗଦାନ

ବାଲେଶ୍ୱର,୩୦/୦୪ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ଛାନୁଆ ଗ୍ରାମ ପଞ୍ଚାୟତର ବିଜେପି ସମର୍ଥିତ ସରପଞ୍ଚ କାଳୀଚରଣ ମାଝୀ ଶୁକ୍ରବାର ବିଜୁ ଜନତା ଦଳରେ ବିଧିବଦ୍ଧ ଯୋଗଦାନ କରିଛନ୍ତି। ସଦର ବିଧାୟକ ସ୍ୱରୂପ ଦାସଙ୍କ ଆବାସିକ କାର୍ଯ୍ୟାଳୟରେ ଆୟୋଜିତ ମିଶ୍ରଣ ପର୍ବରେ ଶ୍ରୀ ମାଝୀ ଓ ତାଙ୍କ ପତ୍ନୀ ସମାଜସେବୀ ମଧୁସ୍ମିତା ଜେନା ଦଳରେ ଯୋଗଦାନ କରିଥିଲେ। ଛାନୁଆ ସରପଞ୍ଚ ଶ୍ରୀ ମାଝୀ ଓ ପତ୍ନୀ ଶ୍ରୀମତୀ ଜେନାଙ୍କୁ ବିଧାୟକ ଶ୍ରୀ ଦାସ ସ୍ୱାଗତ କରିବା ସହିତ ବିଜେଡିରେ ସେମାନଙ୍କ ଯୋଗଦାନ ସଦର ବ୍ଲକରେ ଦଳକୁ ଅଧିକ ଶକ୍ତିଶାଳୀ କରିବ ବୋଲି ଆଶା ପ୍ରକାଶ କରିଥିଲେ। କୋଭିଡ ପରିଚାଳନା ଓ ରାଜ୍ୟର ବିକାଶକୁ ଶୀର୍ଷରେ ପହଞ୍ଚାଇଥିବା ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି-ଆଦର୍ଶରେ ଅନୁପ୍ରାଣୀତ ହୋଇ ସେ ବିଜେଡିରେ ଯୋଗଦେଇଥିବା ଶ୍ରୀ ମାଝୀ ପ୍ରକାଶ କରିଥିଲେ। ଆଗାମୀ ଦିନରେ ନିଜ ପଞ୍ଚାୟତ ଛାନୁଆରେ ବି ବିକାଶ ଧାରା ତ୍ୱରାନ୍ୱିତ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ। ସଦର ବ୍ଲକ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନ, ବିଜେଡି ସଦର ବ୍ଲକ ସଭାପତି ବସନ୍ତ ପଣ୍ଡା, ସୁଜିତ କୁମାର ପଣ୍ଡାଙ୍କ ସମେତ ଛାନୁଆ ପଞ୍ଚାୟତର ବିଜେଡିର ବହୁ କର୍ମୀ ଏହି ମିଶ୍ରଣ ପର୍ବରେ ଯୋଗ ଦେଇଥିଲେ। କୋଭିଡ କଟକଣା ମଧ୍ୟରେ ସମସ୍ତ କାର୍ଯ୍ୟ ଆୟୋଜିତ ହୋଇଥିଲା।

## ଔଷଧ ଦୋକାନରେ ରକ୍ତଦାନ ଶିବିର



ଜଳେଶ୍ୱର, ୩୦/୪ (ନିପ୍ର) : ଆଜି ଜଳେଶ୍ୱର ସ୍ଥିତ ଭାବଗତ ଜୀୟୁ ମେଡିକାଲ ଷ୍ଟୋର ପକ୍ଷରୁ ଏକ ମିନି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଶାନ୍ତିଗୋପାଳ ଦାସଙ୍କ ତତ୍ତ୍ୱାବଧାନରେ ତାଙ୍କ ମା ଶାନ୍ତିଲତା ଦାସଙ୍କ ୬୧ ତମ ଜନ୍ମବାର୍ଷିକୀ ତଥା କରୋନାର ଭୟାବହତା ବେଳେ ଆବଶ୍ୟକ ରକ୍ତର ଅଭାବ ମେଣ୍ଟାଇବାଲାଗି ଏକ ସ୍ୱେଚ୍ଛାକୃତର ରକ୍ତାଦନ ଶିବୀର ଅନୁଷ୍ଠିତ କରିଥିଲେ। ଏହାକୁ ଜଳେଶ୍ୱର ମେଡିକାଲ ଅଫିସର ଦିଲ୍ଲିପ ପାତ୍ରକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ରେଡକ୍ରସର ଡାକ୍ତର ମହେଶ ବିଶ୍ୱାଳ, ଜିଲା ରକ୍ତଦାତା ସଂଘ ସଭାପତି କମଳ ଚକ୍ରବର୍ତ୍ତୀ, ସାଂସଦଙ୍କ ଜିଲା ପ୍ରତିନିଧି ଉମାକାନ୍ତ ମହାପାତ୍ର, ଶ୍ରୀନିବାସ ପ୍ରଧାନ, ଫାଲଗୁନୀ ପାଣିଗ୍ରାହୀ, ସୁବ୍ରତ ଘୋଷ, ଅଂଜନ ଦାସ, ଗୋପାଳକୃଷ୍ଣ ଦାସ, ରାଜୀବ ବିଶ୍ୱାଳ, ସ୍ୱମ ସାହୁ, ରବିନ୍ଦ୍ର ପାତ୍ର ପ୍ରମୁଖ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ୨୩ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।

## ପୋଷ୍ୟ ଗ୍ରାମରେ କୋଭିଡ ଟିକାକରଣ ପାଇଁ ସଚେତନତା



ବାରିପଦା,୩୦/୦୪ (ନି.ପ୍ର): କୋଭିଡ ଟିକା ନିମନ୍ତେ ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ଜାତୀୟ ସେବା ଯୋଜନା ଦ୍ୱାରା ଗ୍ରହଣ କରାଯାଇଥବା ପୋଷ୍ୟଗ୍ରାମ ମହାରାଜପୁରରେ ସଚେତନତା କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ମୀରା ସେନାପତିଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନ୍ୟତମ ପ୍ରୋଗ୍ରାମ ଅଫିସର ବିଜୟା ନାୟକ ଓ ବହୁ ସ୍ୱେଚ୍ଛାସେବୀ କୋଭିଡ ନିୟମାବଳିମାନି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦୁଇଦିନ ଧରି କୋଭିଡ ରାଲି ସହିତ ସ୍ଲୋଗାନ ଓ ପ୍ରଚାରପତ୍ର ବଣ୍ଟନ ମାଧ୍ୟମରେ ଗ୍ରାମବାସୀଙ୍କୁ ଟୀକା ନେବା ପାଇଁ ସଚେତନ କରାଇବା ସହିତ ମାସ୍କ, ସାନିଟାଇଜର ବ୍ୟବହାର ସହିତ ସାମାଜିକ ଦୂରତା ରଖିବା ପାଇଁ ସଚେତନ କରାଇବା ସହିତ ମାସ୍କ ଓ ସାନିଟାଇଜର ବଣ୍ଟନ କରିଥିଲେ। ଏତଦ୍ ବ୍ୟତୀତ ଗ୍ରାମବାସୀଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ କୋଭିଡ ଟୀକା ନେବା ପାଇଁ ଉତ୍ସାହିତ କରିଥିଲେ। ଏଭଳି ସଚେତନତା କାର୍ଯ୍ୟକ୍ରମ ଦ୍ୱାରା ଗ୍ରାମବାସୀମାନେ ଅଧିକ ଉପକୃତ ହୋଇଥିବା ପ୍ରକାଶ କରିଛନ୍ତି। କଲେଜର ଅଧକ୍ଷ ପ୍ରଦୀପ କୁମାର ନାୟକ ଉଚ୍ଚ ପ୍ରଶଂସା ସହିତ ପ୍ରୋତ୍ସାହିତ କରିଛନ୍ତି।

## ଏଟିଏମ ଭଙ୍ଗାରୁଜା ତଦନ୍ତ କଲେ ସାଇଣ୍ଟିଫିକ ଟିମ



ଖଇରା,୩୦/୪(ନିପ୍ର) ଖଇରା ବଜାର କଲେଜ ପାଖ ଏସବିଆଇ ଏଟିଏମ ଭାଙ୍ଗିବା ନେଇ ପୋଲିସ ଓ ସାଇଣ୍ଟିଫିକ ଟିମ ତଦନ୍ତ ଆରମ୍ଭ କରିଛନ୍ତି। ସୋର କୁପାରୀ ରାସ୍ତାର କଲେଜ ନିକଟ ଥିବା ଏସବିଆଇ ଏଟିଏମ ଭଙ୍ଗାରୁଜା ନେଇ ଖଇରା ଥାନାରେ ଅଭିଯୋଗ ହୋଇଥିଲା। ଆଜି ଏଥିନେଇ ଥାନା ଆଇଆଇସ ସୁବ୍ରତ କୁମାର ବେହେରାଙ୍କ ନେତୃତ୍ୱରେ ଜିଲାର ସାଇଣ୍ଟିଫିକ ଟିମ ଓ ସନ୍ଧାନି କୁକୁର ସହାୟତାରେ ତଦନ୍ତ କରିଥିଲେ। ଭଙ୍ଗାରୁଜା କାରୀଙ୍କର କୌଣସି ସନ୍ଧାନ ମିଳିପାରି ନାହିଁ। ଭଙ୍ଗାରୁଜା କାରୀ ମାନେ ଏଟିଏମ ଡିସପ୍ଲେ .ସିସିକ୍ୟାମରା ସହିତ ବିଦ୍ୟୁତ ସଂଯୋଗକ କୁ କାଟିଦେଇଛନ୍ତି। ଏଟିଏମ ପରିଚାଳନା ପାଇଁ ଫ୍ରାଞ୍ଚାଇଜ ପକ୍ଷରୁ ଥାନାରେ ଅଭିଯୋଗପରେ ପୋଲିସ କେସ ରୁଜୁ କରି ତଦନ୍ତ ଆରମ୍ଭ କରିଛି। ରାତ୍ରୀ କାଳିନ ପ୍ରହାର ପୋଲିସ ଚାଲୁ ରହିଥିଲା ବେଳେ ଏଟିଏମ ଭଙ୍ଗା ରୁଜା କରିବା ଘଟଣା ପୋଲିସ ର ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏଟିଏମ ଫ୍ରାଞ୍ଚାଇଜ ନେଇଥିବା ସଂସ୍ଥା ସୁରକ୍ଷା କର୍ମୀ ନିଜୁକ୍ତି କରିବା ନେଇ ସାଧାରଣରେ ଦାବି ହେଉଛି।

## ଦୁଷ୍କର୍ମର ଶିକାର ପୀଡିତା ନ୍ୟାୟ ପାଇଁ ଭେଟିଲେ ଏସପିଙ୍କୁ

ଭଦ୍ରକ,୩୦/୦୪ (ନି.ପ୍ର): ବନ୍ତ ବ୍ଲକ ଅନ୍ତର୍ଗତ ସାହାଡ଼ାପଲ୍ଲୀ ଗ୍ରାମର ଜନୈକା ଯୁବତୀଙ୍କୁ ଏହି ବ୍ଲକର ନିଳୋକ ପଞ୍ଚାୟତର ସରପଞ୍ଚଙ୍କ ପୁତ୍ର ଦେବାଶିଷ ମହାନ୍ତି ଭଲପାଇ ବିବାହର ପ୍ରତିଶୃତି ଦେଇ ତାଙ୍କ ସହିତ ଶାରିରୀକ ସମ୍ପର୍କ ରଖିଥିଲେ। ଗତ ୨୦ ତାରିଖ ରାତି ପ୍ରାୟ ୧୧ଟା ୩୦ ବେଳେ ଯୁବତୀଙ୍କୁ ବିବାହ କରିବା ପାଇଁ କିଛି ବନ୍ଧୁଙ୍କ ସହ ଦେବାଶିଷ ଉକ୍ତ ଯୁବତୀଙ୍କୁ ଘରୁ ନେଇ ଆସି ଦେବାଶିଷ ବନ୍ଧୁମାନଙ୍କ ସହ ଭୁବନେଶ୍ୱରକୁ ପଠାଇଥିଲେ। ସେଠାରେ ଜୟଦେବ ବିହାର ଅଞ୍ଚଳରେ ଯୁବତୀଙ୍କୁ ରଖିଥିଲେ। ପୁଣି ଗାଁରେ ବାହାଘର କରାଯିବ ବୋଲି କହି ଯୁବତୀଙ୍କୁ ଭୁବନେଶ୍ୱରରୁ ଭଦ୍ରକକୁ ୨୩ ତାରିଖରେ ନେଇ ଆସିଥିଲେ। ଦେବାଶିଷ ଯୁବତୀଙ୍କୁ ତାଙ୍କର ବନ୍ଧୁଙ୍କ ସହିତ ଗାଁକୁ ପଠାଇଥିବା ବେଳେ ବନ୍ଧୁ ଜଣଙ୍କ ତାଙ୍କୁ ନେଇ ବନ୍ତ ଥାନା ଓଳମ ଗ୍ରାମ ନିଟକରେ ଯୁବତୀଙ୍କ ପିଉସୀ ଘର ଆଗରେ ଛାଡ଼ି ପଳାଇ ଯାଇଥିଲେ। ସେହିଦିନଠାରୁ ଦେବାଶିଷ ମୋବାଇଲ ସୁଇଚ ଅଫ କରିବା ସହ ଯୁବତୀଙ୍କ ସହିତ କୌଣସି ସମ୍ପର୍କରେ ନାହାନ୍ତି କିମ୍ବା ସେ ତାଙ୍କ ନିଜ ଘରେ ମଧ୍ୟ ନାହାନ୍ତି। ଯୁବତୀ ଜଣଙ୍କ ଅନ୍ୟ ଉପାୟ ନ ପାଇ ବନ୍ତ ଥାନାରେ ଦେବାଶିଷଙ୍କ ପରିବାର ଓ ବନ୍ଧୁମାନେ ମିଶି ଦେବାଶିଷଙ୍କୁ କେଉଁଠି ଲୁଚାଇ ରଖିଥିବା ନେଇ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା (୮୬/୨୦୨୧) ରୁଜୁ କରିଥିଲେ ମଧ ଦେବାଶିଷଙ୍କୁ ସନ୍ଧାନ ପାଇ ନଥିବା ବେଳେ କାହାକୁ ଗିରଫ କରିନାହିଁ। ଫଳରେ ଯୁବତୀ ଜଣଙ୍କ ଆଜି ନ୍ୟାୟ ପାଇଁ ଏସପିଙ୍କୁ ଭେଟି ଆପତ୍ତି କରିବା ପରେ ଏସପି ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଆଇଆଇସିଙ୍କୁ କହିଥିବା ଜଣା ଯାଇଛି।

## ଜଙ୍ଗଲରୁ ଭାଲୁର ମୃତ ଦେହ ଉଦ୍ଧାର



ନୀଳଗିରି,୩୦/୦୪ (ନି.ପ୍ର): ନୀଳଗିରି ଫରେଷ୍ଟ ରେଞ୍ଜ ଅଧିନସ୍ଥ ଖଇରବଣୀ ଜଙ୍ଗଲରୁ ଏକ ଅଣ୍ଡିରା ଭାଲୁର ମୃତ ଦେହ ବନ ବିଭାଗ ଉଦ୍ଧାର କରିଛି। ସକାଳେ ସ୍ଥାନୀୟ ଲୋକମାନେ ସଂରକ୍ଷିତ ଜଙ୍ଗଲକୁ ପତ୍ର ତୋଳିବାକୁ ଯାଇଥିବା ସମୟରେ ଭାଲୁଟି ମରିପଡିଥିବାର ଦେଖିଥିଲେ। ଘଟଣା ସମ୍ପର୍କରେ ନୀଳଗିରି ବନ ବିଭାଗକୁ ଜଣାଇବା ପରେ ନୀଳଗିରି ରେଞ୍ଜର ମନଓ୍ୱର ଖାଁ, ଫରେଷ୍ଟର ଦେବରାଜ ରାଉତ, ଗାର୍ଡ ଓ ସବୁଜ ବାହିନୀ ଘଟଣାସ୍ଥଳରେ ପହଂଚି ମୃତ ଭାଲୁର ଶବକୁ ଉଦ୍ଧାର କରି ନୀଳଗିରି ଏଭିଓଙ୍କ ଦ୍ୱରା ଶବ ବ୍ୟବଚ୍ଛେଦ ପରେ ସଜନାଗଡ ନର୍ସରିରେ ପୋତି ଦେଇଥିବା ଜଣାପଡିଛି। ଅତ୍ୟଧିକ ବୟସ କାରଣରୁ ଭାଲୁଟିର ମୃତ୍ୟୁ ହୋଇଥାଇପାରେ ବୋଲି ବନ ବିଭାଗ ଅନୁମାନ କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ରେଞ୍ଜର ମନଓ୍ୱର ଖାଁ ସ୍ପଷ୍ଟ କରିଛନ୍ତି।

## ଜଳେଶ୍ୱରରେ କୋରନା ସଂକ୍ରମଣ ସଂଖ୍ୟା ୨୫୪ ଟପିଲା : ୨ ପ୍ରବାସୀଙ୍କ ମୃତ୍ୟୁ

ଜଳେଶ୍ୱର, ୩୦/୪ (ନିପ୍ର) : କରୋନାର ୨ୟ ଲହରର ତୀବ୍ରତା ଜଳେଶ୍ୱର ଅଂଚଳରେ ବ୍ୟାପକ ହୋଇଥିବାରୁ ଦିନକୁ ଦିନ ସଂକ୍ରମିତ ସଂଖ୍ୟା ବଢିଚାଲିଛି। ଚଳିତ ଏପ୍ରିଲ ମାସରେ ୨୫୪ଜଣ ସଂକ୍ରମିତ ହୋଇଥା ବେଳେ ଗତ ରାତିରେ ୨ଜଣ ପ୍ରବାସୀଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି। ଜଳେଶ୍ୱର ବ୍ଲକୁ ଲାଗି ପଶ୍ଚିମ ମେଦିନୀପୁର ଜିଲାର ଦାନ୍ତୁନ, ମୋହନପୁର ଓ ନୟାଗ୍ରାମ ଥାନା ଅଂଚଳ ଲାଗି ରହିଛି। ପଡୋଶୀଭାବେ ପ୍ରତିଦିନ ହଜାର ହଜାର ଲୋକେ ଓଡିଶା ପଶ୍ଚିମବଂଗ ସୀମାର ଏପଟେ ସେପଟେ ଯାତାୟାତ କରିଥାନ୍ତି। ଉପାନ୍ତ ଅଂଚଳରେ ବିବାହ, ମେଳା ମହୋତ୍ସବ, ଧାର୍ମିକ ଅନୁଷ୍ଠାନ ଲାଗି ପ୍ରବଳ ଜନଗହଳି ଲାଗି ରହିଛି। କେତେକ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନାଟକ ପରିବେଶଣ ହେଉଥିବା ପରିଲକ୍ଷିତ ହୋଇଛି। ୨ ଉପାନ୍ତ ଅଂଚଳରେ କେତେକ ହାଟବଜାର ରହିଛି ଯେଉଁଠିକି ୨ ଅଂଚଳର ଲୋକେ ପ୍ରତିଦିନ ଯାତାୟାତ କରିଥାନ୍ତି। ଏହା ବ୍ୟତିତ ଏବେ ଧାନକଟା ଆରମ୍ଭ ହୋଇଥିବାରୁ ପଶ୍ଚିମବଂଗରୁ ବହୁ ଶ୍ରମିକ ପ୍ରତିଦିନ ଜଳେଶ୍ୱର ଅଂଚଳକୁ ଅବାଧରେ ପ୍ରବେଶ କରୁଛନ୍ତି। ସେହିପରି କେତେକ ଗ୍ରାମାଞ୍ଚଳ ରାସ୍ତା ସୀଲ କରାଯାଇନଥିବାରୁ ବହୁ ଯାନ ଚଳାପ୍ରଚଳ କରୁଛି। ପ୍ରତିଦିନ ବିଭିନ୍ନ ଅଂଚଳରୁ ସଂକ୍ରମିକଙ୍କ ସଂଖ୍ୟ ବଢିବାରେ ଲାଗିଛି। ଆଜିସୁଦ୍ଧ ଜଳେଶ୍ୱର ଅଂଚରୁ ୨୫୪ ଜଣ ଙ୍କ ସଂକ୍ରମଣ ସଂପକରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଜଳେଶ୍ୱର ଅଂଚଳର ୩ଜଣ ବ୍ୟକ୍ତି ଅନ୍ୟ ରାଜ୍ୟରେ ରହୁଥିବା ବେଳେ ସେଠାରେ ସଂକ୍ରମିତ ହୋଇ ମରିଥିବାର କୁହାଯାଇଛି। ସେହିପରି ଗତ ରାତିରେ ୨ଜଣ ବ୍ୟକ୍ତିଙ୍କର ମୃତୁ ଘଟିଛି। ରାଇବଣିଆ ଥାନା ଅନ୍ତର୍ଗତ ପୁରୁଣାପାଣି ଗାଁର ବିରକିଶୋର ଦାସଙ୍କ ପୁଅ ସତ୍ୟଜିତ୍ ଦାସ (୪୩) ଲକ୍ଷ୍ନୌରୁ ଗାଁକୁ ଫେରିଥିବା ବେଳେ ହଠାତ୍ ଅସୁସ୍ଥ ହୋଇଥିଲେ। ଗତ ୩ ଦିନ ତଳେ ସତ୍ୟଜିତ୍ ତାଙ୍କ ସ୍ତ୍ରୀ ଓ ପିଲା ଏଣ୍ଟିଜେନ୍ ଟେଷ୍ଟରେ ନେଗେଟିଭ୍ ଥିବାର କୁହାଯାଇଛି। କିନ୍ତୁ ଗତ ସଂଧ୍ୟାରେ ସତ୍ୟଜିତ୍ ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ସମ୍ ହସ୍‌ପିଟାଲକୁ ଚିକିତ୍ସାପାଇଁ ପଠାଯାଇଥିଲା। କାନ୍ତୁ ରାତି ୧୧ଟାରେ ତାଂକର ମୃତ୍ୟୁ ଘଟିଥିବା ଜଣାଯାଇଛି। ଏପରି ଘଟଣାରେ ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତପନ ଦାସ ଓ ସୁକୁମାର ଦାସ ଶୋକ ପ୍ରକାଶ କରିଛନ୍ତି। ସେହିପରି ପାଇକସିଦା ପଂଚାୟତର ଚିତ୍‌ମିଶ୍ରା ଗାଁର ରବିନ୍ଦ୍ର ଦାସଙ୍କ ପୁଅ ପ୍ରଦୀପ କୁମାର ଦାସ(୪୧) ଦିଲ୍ଲୀରେ ସପରିବାର ରହୁଥିବା ବେଳେ ଗତ ୭ ଦିନ ତଳେ ଅସୁସ୍ଥ ହୋଇ ଏକ ହସ୍‌ପିଟାଲରେ ଚିକିତ୍ସିତ ହେଉଥିଲେ। ସେଠାରେ ତାଙ୍କରୁ ଗତ କାଲି ମୃତ୍ୟୁ ଘଟିଥିବା ଜଣାଯାଇଛି। ଏପରି ସମବେଦନଶୀଳ ଘଟଣାରେ ବିଧାୟକ ଶ୍ରୀ ପାତ୍ର, ନିର୍ବାଚନୀ ମଣ୍ଡଳୀ ସ୍ତରୀୟ ଜୀବନବିନ୍ଦୁ କାର୍ଯ୍ୟକ୍ରମର ସଂଯୋଜକ ମଧୁସୂଦନ ସେନାପତି ବହୁବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। କରୋନା ସଂପର୍କରେ ଅଧିକ ସଚେତନ ହୋଇ ସରକାରୀଙ୍କ ନିତୀନିୟମକୁ ପାଳନ କରିବାକୁ ବିଧାୟକ ଶ୍ରୀ ପାତ୍ର, ସମାଜସେବୀ ସୁଦର୍ଶନ ଦାସ, ସାମ୍ୟବାଦୀ ନେତା ଶିଶିର ହୁଇ, ଦିଲ୍ଲିପ ଗିରି, ପ୍ରତୀପ ପ୍ରଧାନ, ପୂର୍ବତନ ମନ୍ତ୍ରୀ ଯୁଧିଷ୍ଠିର ଜେନା, ଦେବୀ ପ୍ରସନ୍ନ ଚନ୍ଦ, ପୂର୍ବତନ ସାଂସଦ ଖାରବେଶ ସ୍ୱାଇଁ ଓ ଇଂ ରବିନ୍ଦ୍ର ଜେନା ପରାମର୍ଶ ଦେଇଛନ୍ତି।


## ।। ବିଜ୍ଞାପନ ।।

ଆପଣ ଜାଣି ଖୁସି ହେବେ ଯେ ଦୀର୍ଘ ୧୨ବର୍ଷ ଧରି ବାଲେଶ୍ୱର ସହରରୁ ସାପ୍ତାହିକ ‘ଅଭିନନ୍ଦନ’ ସମ୍ବାଦପତ୍ର ପ୍ରକାଶ ପାଇ ଆସୁଅଛି। ଏହି ସମ୍ବାଦପତ୍ର ଓଡ଼ିଶାର ୩୦ଟି ଜିଲ୍ଲା ଅନ୍ତର୍ଗତ ୩୧୪ଟି ବ୍ଲକ୍‌ରେ ପ୍ରସାରିତ ହୋଇପାରିଛି। ଓଡ଼ିଆ ଭାଷା ଓ ସଂସ୍କୃତିକୁ ବଂଚାଇ ରଖିବା ‘ଅଭିନନ୍ଦନ’ ସମ୍ବାଦପତ୍ରର ମୂଳ ଲକ୍ଷ୍ୟ। “ଏଣୁ ଅନୁରୋଧ ‘ଅଭିନନ୍ଦନ’ ସମ୍ବାଦପତ୍ରକୁ ଆପଣଙ୍କର ମୂଲ୍ୟବାନ ବିଜ୍ଞାପନଟିଏ ଦେଇ ତା’ର ଚଲାପଥରେ ସହାୟତାର ହାତ ବଢ଼ାଇଲେ ଆମ୍ଭେ ଆପଣଙ୍କଠାରେ ଉପକୃତ ହେବୁ।

ବିଜ୍ଞାପନ ପ୍ରସାର ଅଧିକାରୀ
ଅଭିନନ୍ଦନ ସମ୍ବାଦପତ୍ର, ବାଲେଶ୍ୱର
ଫୋନ୍ : ୦୬୭୮୨-୨୯୫୧୬୮



❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo